

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-33 ◆SUNDAY ◆27 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୩ ◆ରବିବାର ◆୨୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ବିହାରରେ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ

**ହୋମ୍‌ଗାର୍ଡ ଫିଜିକାଲ ଟେଷ୍ଟରେ ଅଚେତ ହେବା ପରେ ଚିକିତ୍ସିତ ହେବାକୁ ଯାଉଥିଲେ ମହିଳା ପ୍ରାର୍ଥୀ**

■ **ଗୟା, ୨୬।୭ (ଏଜେନ୍ସି):** ବିହାରର ଗୟା ଜିଲ୍ଲାରେ ହୋମଗାର୍ଡ ଚାକିରି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ଆସିଥିବା ଜଣେ ମହିଳାଙ୍କୁ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ କଲା ଭଳି ଘଟଣା ସାମ୍ନାକୁ ଆସିଛି। ପୁଲିସ ଶନିବାର ଆମ୍ବୁଲାନ୍ସ ଡ୍ରାଇଭର ଓ ଟେକନିସିଆନକୁ ଗିରଫ କରିଛି। କାଣ୍ଡ ଘଟାଇବା ପରେ ଦୁଇ ଅଭିଯୁକ୍ତ ମହିଳାଙ୍କୁ ଚୁପ୍ ରହିବାକୁ ଧମକ ଦେଇଥିଲେ। ଗୁରୁବାର ଏହି ଘଟଣା ଘଟିଥିଲା। କିନ୍ତୁ ଶୁକ୍ରବାର ରାତିରେ ଏହା ଜଣା ପଡ଼ିଥିଲା। ମହିଳା ଜଣକ ବିଏମ୍‌ପି-୩ର ପଡ଼ିଆରେ ହୋମ୍‌ଗାର୍ଡ ଭର୍ତ୍ତି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ପହଞ୍ଚିଥିଲେ। ଫିଜିକାଲ ଟେଷ୍ଟରେ ଦୌଡ଼ିବା ବେଳେ ସେ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ଏକ ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଚଳନ୍ତା ଆମ୍ବୁଲାନ୍ସରେ ପ୍ରଥମେ ଟେକନିଆନ ଜଣକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ଏକ ଶୂନ୍‌ଶାନ ସ୍ଥାନରେ ଗାଡି ରଖି ଡ୍ରାଇଭର ଦୁଷ୍କର୍ମ କରିଥିଲେ। ହସ୍ପିଟାଲ ପହଞ୍ଚିବା ପରେ ମହିଳା ଜଣକ ଡାକ୍ତରଙ୍କୁ ସବୁ କଥା କହିଥିଲେ। ଏହାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଟେକନିସିଆନ ଜଣକ ମୁହଁକୁ ସ୍ପ୍ରେ ମାରିଥିଲେ ଓ ବେହୋଶ ହୋଇଯାଇଥିଲି ବୋଲି ସେ ▶ପୃଷ୍ଠା-୭

## ବିଷ ପିଇ ଜୀବନ ହାରିଲେ ପରିବାରର ୪ ସଦସ୍ୟ

■ **ସାଗର(ଏମ୍‌ପି), ୨୬।୭ (ଏଜେନ୍ସି):** ମଧ୍ୟପ୍ରଦେଶର ସାଗର ଜିଲ୍ଲାର ଖୁରଇ ଗାଁର ଟିହରଠାରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ୪ ଜଣ ସଦସ୍ୟ ଘରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟାର କାରଣ ନେଇ କିଛି ସୂଚନା ମିଳିନାହିଁ। ପରିବାରର ଏହି ୪ ସଦସ୍ୟ ହେଲେ ବାପା ମନୋହର ଲୋଧୀ (୪୫), ଝିଅ ଶିବାନୀ (୧୮) ଓ ପୁଅ ଅନିକେତ (୧୬) ଓ ଜେଜେମା ମା ଫୁଲରାଣୀ (୭୦)। ଚାଷ ଜମି ପାଖରେ ଏକ ଘରେ ଏହି ୪ ଜଣ ରହୁଥିଲେ। ମନୋହରଙ୍କ ପତ୍ନୀ ୪ ଦିନ ତଳେ ବାପଘରକୁ ଯାଇଥିଲେ। ବିଷ ପିଇବା ପରେ ୪ ଜଣ ବାନ୍ତି କରିଥିଲେ। ଉପର ମହଲାରେ ରହୁଥିବା ମନୋହରଙ୍କ ଭାଇ ବାନ୍ତିର ଶବ୍ଦ ଶୁଣି ତଳକୁ ଆସି ଏହା ଦେଖିଥିଲେ ଓ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ଗାଁ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଫୁଲରାଣୀ ଓ ଅନିକେତ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଶିବାନୀ ଖୁରଇ ହସ୍ପିଟାଲରେ ମୃତ୍ୟୁବରଣ କରିଥିବା ବେଳେ ଜିଲ୍ଲା ହସ୍ପିଟାଲକୁ ନିଆଯାଉଥିବା ବେଳେ ମନୋହର ଜୀବନ ହାରିଥିଲେ। ମନୋହରଙ୍କ ୩ ଭାଇ ଅଛନ୍ତି। ତାଙ୍କ ସହ ରହୁଥିବା ଭାଇ ମାନସିକ ଅନଗ୍ରସର। ତେବେ ଆଉ ଦୁଇ ଭାଇ ଗାଁରେ ରହୁଛନ୍ତି। ଭାଇମାନଙ୍କ ମଧ୍ୟରେ ମନୋହର ସବୁଠାରୁ ସାନ ଥିଲା। ପୁଅ ଅନିକେତ ୯ମ ଶ୍ରେଣୀରେ ପଢୁଥିଲା ଓ ଝିଅ ▶ପୃଷ୍ଠା-୭

**ପୁଣି ଝୁଲିଲା ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ**

# ଛିଡୁନି ଭାଗବଣ୍ଟା; ଆହୁରି ମାସେ ଅପେକ୍ଷା

**ଦିଲ୍ଲୀରୁ ଫେରିଲେ ମନମୋହନ, କହିଲେ ଆଗ ସଂଗଠନ ପୁନର୍ବିନ୍ୟାସ**

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇ ଆସୁଥିଲେ ମଧ୍ୟ ନିକଟ ଭବିଷ୍ୟତରେ ଏହାର ସମ୍ଭାବନା କମ୍। ଦିଲ୍ଲୀରୁ ଫେରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯେଉଁ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ଏଭଳି ଆଭାସ ମିଳୁଛି। ତାଙ୍କର ବୟାନ ଯୋଗୁଁ ଦଳୀୟ ଆଶାୟୀଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି।

ଦିଲ୍ଲୀ ଗସ୍ତ ସାରି ନିଜ ପ୍ରଥମ ବୟାନରେ ସାମଲ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଆଲୋଚନା ହୋଇନାହିଁ। ପ୍ରଥମେ ସଂଗଠନ ପୁନର୍ବିନ୍ୟାସ ସହ ନିଗମ ଓ ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ। ଏହାପରେ ମନ୍ତ୍ରିମଣ୍ଡଳ ସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଆସନ୍ତା ୧୫ରୁ ଏକ ମାସ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ତେବେ ମନମୋହନଙ୍କ କଥାରେ ତାଳମେଳ ରହୁ ନ ଥିବା ବେଳେ ଦଳର ବରିଷ୍ଠ ନେତା ମଧ୍ୟ ଅନିଶ୍ଚିତତାରେ ରହିଛନ୍ତି। ସବୁକିଛି ଦିଲ୍ଲୀ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି। ବର୍ତ୍ତମାନ ଦିଲ୍ଲୀ ରାଜନୀତି ସରଗରମ ଥିବା ବେଳେ ହାଇକମାଣ୍ଡଙ୍କ ନିକଟରେ ଓଡ଼ିଶା କଥା ଚିନ୍ତା କରିବାକୁ ସମୟ ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାରକୁ ୧୩ ମାସ ବିତି ୧୪ ମାସ ଚାଲିଲାଣି। ମାତ୍ର ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଷ୍ପତ୍ତି ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି। ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଏବେ ୧୬ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆହୁରି ୬ଟି ମନ୍ତ୍ରୀପଦ ଖାଲି ରହିଛି। ଜଣେ ଜଣେ ମନ୍ତ୍ରୀ ଏକାଧିକ ବିଭାଗ ସମ୍ଭାଳୁଥିବାରୁ ବିଭାଗୀୟ କାର୍ଯ୍ୟରେ ପାରଦର୍ଶିତା ଆସୁନାହିଁ ଏବଂ ବିଭିନ୍ନ ଅଘଟଣ ମଧ୍ୟ ଘଟୁଛି। ଯାହାକୁ ନେଇ ସରକାରଙ୍କୁ ସାଧାରଣରେ ଲୋକହସା ହେବାକୁ ପଡୁଥିବା ବେଳେ ଦଳୀୟ ଆଶାୟୀ ମଧ୍ୟ ନିରାଶ ହୋଇ ପଡ଼ିଲେଣି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଏକାଧିକ ବାର ଦିଲ୍ଲୀ ଗସ୍ତରେ ଯାଇ ମନ୍ତ୍ରିମଣ୍ଡଜଳ ସମ୍ପ୍ରସାରଣକୁ ସାକାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏକାଧିକ ସମୀକରଣ ସମ୍ପ୍ରସାରଣ ରାସ୍ତାରେ ପ୍ରତିବନ୍ଧକ ▶ପୃଷ୍ଠା-୭

# ଅବପାତ ଆଣିଲା ବନ୍ୟା

**ହୀରାକୁଦକୁ ଉପରମୁଣ୍ଡରୁ ମାଡ଼ି ଆସୁଛି ୬ ଲକ୍ଷ କ୍ୟୁସେକ ବନ୍ୟାଜଳ**

**ଫୁଲୁଛି ମହାନଦୀ, ବିପଦ ସଙ୍କେତ ଉପରେ ବୈତରଣୀ ଓ ଜଳକା**



ବୈତରଣୀ



ଜଳକା

■ **ଭୁବନେଶ୍ୱର/ସମ୍ବଲପୁର,୨୬।୭ (ସମିସ):** ରାଜ୍ୟରେ ଅବପାତଜନିତ ବର୍ଷା କାରଣରୁ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି। ଫଳସ୍ୱରୂପ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି।

ଅପରପକ୍ଷେ ବର୍ତ୍ତମାନ ଅବପାତ ଉତ୍ତର ଛତିଶଗଡ଼ ଓ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆହୁରି ୨ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଛତିଶଗଡ଼ ତା'ର ବ୍ୟାରେଜ୍ ଓ ଡ୍ୟାମ୍ ଗେଟ୍ ଖୋଲି ଦେଇଛି। ଫଳରେ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ଲକ୍ଷଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରୁଛି। ଏହି କ୍ରମରେ, ଆସନ୍ତାକାଲି ସକାଳ ସୁଦ୍ଧା ହୀରାକୁଦରେ ପାଖାପାଖି ୬ଲକ୍ଷ କ୍ୟୁସେକ୍ ଜଳ ପହଞ୍ଚିବ ବୋଲି ଆକଳନ କରାଯାଉଛି। ତେଣୁ, ହୀରାକୁଦ କର୍ତ୍ତୃପକ୍ଷ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ଗେଟ୍ ଖୋଲିବାକୁ ତ୍ୱରିତ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଏପରି ହେଲେ, ତଳମୁଣ୍ଡରେ ବନ୍ୟା ପରିସ୍ଥିତି ▶ପୃଷ୍ଠା-୭

**୨୦ ଗେଟ୍‌ରୁ ବନ୍ୟାଜଳ ନିଷ୍କାସନ**

## ଆନନ୍ଦପୁର ବ୍ୟାରେଜ୍ ଖୋଲିଲା ୮ ଗେଟ୍

■ **ଆନନ୍ଦପୁର, ୨୬।୭ (ସମିସ):** ଗତ ୩ ଦିନ ଧରି ଲଗାତାର ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇ ବିପଦ ସଂକେତ ଅତିକ୍ରମ କରିଛି। ଆଜି ରାତି ୮ଟା ସୁଦ୍ଧା ଜଳସ୍ତର ୩୯.୧୨୦ ମିଟରରେ ପ୍ରବାହିତ ହେଉଛି। ଆନନ୍ଦପୁର ବ୍ୟାରେଜ୍ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ବ୍ୟାରେଜର ୮ଟି ଗେଟ୍ ଖୋଲାଯିବା ପରେ ନଦୀରେ ଜଳପତ୍ତନ ବୃଦ୍ଧି ପାଇଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ, ରାତି ସୁଦ୍ଧା ଆନନ୍ଦପୁର ବ୍ୟାରେଜ୍ ଗେଟ୍ ଖୋଲାଯିବା ସମ୍ଭାବନା ରହିଥିବା ବେଳେ ରବିବାର ସୁଦ୍ଧା ରେମାଳ ଡ୍ୟାମ ଗେଟ୍ ମଧ୍ୟ ଖୋଲାଯିବା ନେଇ ▶ପୃଷ୍ଠା-୭

## ଜଳ ଘେରରେ ୭ ପଞ୍ଚାୟତ

■ **ବସ୍ତା ବ୍ଲକ/ରୁପସା/ରାଜଘାଟ, ୨୬।୭ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଦେଇ ପ୍ରବାହିତ ଜଳକା ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବସ୍ତା ଅଞ୍ଚଳରେ ବର୍ଷାର ପରିମାଣ କମ୍ ଥିବା ବେଳେ ବିଳମ୍ବିତ ରାତିରେ ହଠାତ ବନ୍ୟାପାଣି କ୍ଷୀପ୍ର ଗତିରେ ମାଡ଼ି ଆସି ଗ୍ରାମଠାରୁ ଆରମ୍ଭ କରି ରାସ୍ତା ଓ ଚାଷ ଜମି ଜଳମଗ୍ନ କରିଦେଇଛି। ଫଳରେ ଗ୍ରାମବାସୀ ଓ ପ୍ରଶାସନର ନିଦ ହଜିଯାଇଛି। ମଥାନୀ ଜଳସେଚନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ ମଥାନୀଠାରେ ନଦୀର ଜଳସ୍ତର ବିପଦ ସଂକେତ (୬.୫୦ମିଟର) ଅତିକ୍ରମ କରିଥିବା ବେଳେ ଆଜି ସକାଳେ ୭.୨୦ ମିଟରରେ ପ୍ରବାହିତ ହେଉଥିଲା। ଏହି ଅଚାନକ ବନ୍ୟା ଯୋଗୁଁ ବସ୍ତା ବ୍ଲକ୍‌ର ୭ପଞ୍ଚାୟତ ▶ପୃଷ୍ଠା-୭

**ବଜେଟ ବିଗାଡୁଛି ଜଳବାୟୁ ପରିବର୍ତ୍ତନ**

# ୨୦୨୪ରେ ୮୦% ବଢ଼ିଛି ଆଳୁ-ପିଆଜ ଦର

**ବଢ଼ିବ ଆର୍ଥିକ ଅସମାନତା**

**ବିଗିଡ଼ିପାରେ ସ୍ୱାସ୍ଥ୍ୟାବସ୍ଥା; ବଢ଼ିପାରେ ଜଟିଳ ରୋଗ**

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଜଳବାୟୁ ପରିବର୍ତ୍ତନ ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇବାରେ ଲାଗିଛି। ଏହା ଭାରତ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏଥିପାଇଁ ଗତ ବର୍ଷ (୨୦୨୪)ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ବିଶେଷ କରି ଆଳୁ ଏବଂ ପିଆଜ ମୂଲ୍ୟ ଆକାଶ ଛୁଆଁ ହୋଇଛି। ୨୦୨୪ର ଦ୍ୱିତୀୟ ତ୍ରୈମାସିକରେ ଏହି ମୂଲ୍ୟ ୮୦ ପ୍ରତିଶତରୁ ଅଧିକ ବଢ଼ିଛି। ଏହା ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ଉତ୍କଟ କରିଦେଇଛି। ପାରିବାରିକ ବଜେଟକୁ ବିଗାଡ଼ି ଦେଇଛି। ଏକ ଅନ୍ତର୍ଜାତୀୟ ଅଧ୍ୟୟନରୁ ଏହା ଜଣାପଡ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟରର ମ୍ୟାକ୍ସିମିଲିୟନ କୋଟ୍‌ଜ ଏହାର ନେତୃତ୍ୱ ନେଇଥିଲେ। ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ, ପୋଟ୍ସଡାମ ଇନ୍‌ଷ୍ଟିଚ୍ୟୁଟ ଫର କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚ ଏବଂ ବ୍ରିଟେନର ଫୁଡ୍ ଫାଉଣ୍ଡେସନର ବିଶେଷଜ୍ଞ ଏହି ଅଧ୍ୟୟନରେ ସାମିଲ ଥିଲେ। ୨୦୨୨ରୁ ୨୦୨୪ ମଧ୍ୟରେ ୧୮ ଦେଶର ୧୬ଟି ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ସବୁ ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ▶ପୃଷ୍ଠା-୭

## କୁଶଭଦ୍ରାକୁ ଖସିପଡ଼ିଲା କାର୍


**ବର୍ତ୍ତିଗଲେ କଟକ ସଦର ବିଡିଓ ଓ ପତ୍ନୀ**



■ **କୋଣାର୍କ, ୨୬।୭ (ସମିସ):** ଶନିବାର ଅପରାହ୍ଣ ୪ଟାରେ କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ରାମଚଣ୍ଡୀଠାରେ କୁଶଭଦ୍ରା ନଦୀ ଗର୍ଭକୁ ଏକ ଚଳନ୍ତା କାର୍ ଖସିପଡ଼ିବା ଫଳରେ କାର୍ ଚାଳକ କଟକ ସଦର ବିଡିଓ ପ୍ରତୀକ ସାହୁ (୩୩) ଓ ତାଙ୍କ ପତ୍ନୀ ରଶ୍ମି ସାହୁ(୩୧) ଆହତ ହୋଇଛନ୍ତି। ନଦୀଗର୍ଭରେ ସମ୍ପୂର୍ଣ୍ଣ ଓଲଟି ପଡ଼ି ଭାସୁଥିବା କାର୍ ଭିତରୁ ଚିତ୍କାର କରୁଥିବା ଦମ୍ପତିଙ୍କୁ ନିକଟରେ ଥିବା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ତତ୍କାଳ ଉଦ୍ଧାର କରିଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଓ ପରେ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମେରାଇନ୍ ଡ୍ରାଇଭ୍ ଜାତୀୟ ରାଜପଥରୁ ପ୍ରତୀକ ଲୋଟସ୍ ରିସର୍ଟ ହୋଟେଲକୁ ଯାଉଥିବା ▶ପୃଷ୍ଠା-୭

## ଦେବଝରଣରେ ବୁଡ଼ି ଭିମ୍‌ସାର ଛାତ୍ରଛାତ୍ରୀ ମୃତ





■ **ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଦେବଝରଣଠାରେ ଆଜି ଏକ ଅଘଟଣ ଘଟିଛି। ବୁର୍ଲା ଭିମସାରର ୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଦେବଝରଣ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଇବା ସମୟରେ ଦୁଇଜଣ ଛାତ୍ରଛାତ୍ରୀ ବୁଡ଼ି ଯାଇଥିବା କୁହାଯାଉଛି। ଲଗାଣ ବର୍ଷା ଯୋଗୁଁ ଜଳପ୍ରପାତର ଜଳସ୍ରୋତ ଅଧିକ ଥିଲା। ସେମାନେ ବାହାରି ନପାରି ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଦୁଇଜଣ ଡାକ୍ତରୀ ଶେଷବର୍ଷ ଛାତ୍ରଛାତ୍ରୀ ସନ୍ଦିପ ପୁରୀ (୨୪) ଓ ମୋନିକା ମୀନା (୨୪) ବୋଲି ସୂଚନା ମିଳିଛି। ସହକାରୀ ଅଗ୍ନିଶମ ▶ପୃଷ୍ଠା-୭

# ମଉଳିଲା ମେଟ୍ରୋ ସ୍ୱପ୍ନ



**ସମସ୍ତ ଟେଣ୍ଡର ରଦ୍ଦ**

**ପ୍ରକଳ୍ପ ବିରୋଧରେ ସରକାରୀ ଷଡ଼ଯନ୍ତ୍ର**

■ **ଭୁବନେଶ୍ୱର, ୨୬।୭ (ସମିସ):** ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଢ଼ିବ ବୋଲି ରାଜ୍ୟବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ମଉଳି ଯାଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ଆଜି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କାରଣ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ସମ୍ପର୍କିତ ସମସ୍ତ ଟେଣ୍ଡରକୁ ଦିଲ୍ଲୀ ମେଟ୍ରୋ ରେଳ ନିଗମ ବାତିଲ କରିଦେଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ, ରଞ୍ଜିତ ବିଲଡକନ୍‌କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରି ଦିଆଯାଇଛି। ଏହି ଦୁଇ ସଂସ୍ଥା ୨୬ କି.ମି ବ୍ୟାପି ଭୁବନେଶ୍ୱର ବିଜୁ ▶ପୃଷ୍ଠା-୭

## ୧୦ ବର୍ଷ ପଛକୁ ପଳାଇବ ରାଜଧାନୀ



**ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଯୋଜନା ଥିଲା**

■ **ଭୁବନେଶ୍ୱର, ୨୬।୭ (ସମିସ):** ମେଟ୍ରୋ ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ଚୁକ୍ତିଗୁଡ଼ିକୁ ବାତିଲ କରିଥିବା ଜାଣି ଆମେ ଆଘାତ ପାଇଛୁ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସବୁବେଳେ ଆମର ସ୍ୱପ୍ନ ରହିଛି। ଆମେ ସବୁସମୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ, ନିରବଚ୍ଛିନ୍ନ ଆଧୁନିକ ପରିବହନ ଏବଂ ଆଇଟି ଇକୋସିଷ୍ଟମ ବିକାଶ ଉପରେ ଧ୍ୟାନ ଦେଇ ମନ୍ଦିର ସହରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଥିଲୁ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହରର ଗତିଶୀଳତାକୁ ନୂଆ ରୂପ ଦେଇଥାନ୍ତା। ମୋବସ୍ ଏବଂ ଅନ୍ୟାନ୍ୟ ସଂଯୋଗୀକରଣ ସହିତ ସହର ପରିବହନକୁ ଉନ୍ନତ ▶ପୃଷ୍ଠା-୭

# ବଢୁଛି ଧନୀ-ଗରିବ ତାରତମ୍ୟ

**ବ୍ରେନ୍‌ଷ୍ଟିନ ରିପୋର୍ଟ**

**୧% ଲୋକଙ୍କ ପାଖରେ ୧୨ ଲକ୍ଷ କୋଟି ଡଲାର ସମ୍ପତ୍ତି**

**ଧନ ପରିଚାଳନା ପାଇଁ ବୃତ୍ତିଗତଙ୍କ ସହାୟତା ନେଉଛନ୍ତି**



■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଭାରତରେ ଆର୍ଥିକ ଅସମାନତା କମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଗରିବୀ ହଟାଅ ସ୍ଲୋଗାନ ଧୂଆଁବାଣ ସାବ୍ୟସ୍ତ ହୋଇଛି। ଲୋକଙ୍କ ଆୟ ବଢ଼ିବା ବଦଳରେ ବ୍ୟୟ ବଢୁଥିବାବେଳେ ଦେଶରେ ଧନୀ ଅଧିକ ଧନବାନ ହେବାରେ ଲାଗିଛନ୍ତି। ଏକ ପ୍ରତିଶତ ଧନୀ ପରିବାରଙ୍କ ପାଖରେ ପ୍ରାୟ ୧୧.୬ ଲକ୍ଷ କୋଟି ଡଲାରର ମୋଟ ସମ୍ପତ୍ତି ରହିଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକୁଇଡ ଆର୍ଥିକ ସମ୍ପତ୍ତି ରହିଛି। ଏହି ଧନୀଙ୍କ ବର୍ଦ୍ଧିତ ଆର୍ଥିକ ସମ୍ପତ୍ତି ଧନର ପରିଚାଳନା କରୁଥିବା କମ୍ପାନୀଙ୍କ ଲାଗି ବଡ଼ ସୁଯୋଗ ସୃଷ୍ଟି କରିଛି। ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ଏହା ସାମ୍‌ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ଭାରତର ସବୁଠୁ ଅଧିକ ଧନୀ ପରିବାର ଆହୁରି ଅଧିକ ଧନୀ ହେବାକୁ ଯାଉଛନ୍ତି। ଏହା ଦ୍ୱାରା ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ଧନୀଙ୍କ ଲିକୁଇଡ୍ ସମ୍ପତ୍ତିରେ ବ୍ୟାଙ୍କ ଜମା ଏବଂ ଅଣ-ପ୍ରମୋଟରଙ୍କ ଇକ୍ୱିଟି ସେୟାର ସାମିଲ ରହିଛି। ଭାରତୀୟ ପରିବାର ଧିରେ ଧିରେ ନିଜ ବର୍ଦ୍ଧିତ ସଞ୍ଚୟ ଏବଂ ଧନର ସିଂହ ଭାଗକୁ ଆର୍ଥିକ ସମ୍ପତ୍ତିରେ ସ୍ଥାନାନ୍ତର କରୁଛନ୍ତି।

ଭାରତର ପୁଞ୍ଜି ବଜାରରେ ଏଭଳି ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି। ଅତି ଧନୀ ଲୋକ ଆଇପିଓ ଏବଂ ବ୍ଲକ୍ ଡିଲ୍ ମାଧ୍ୟମରେ ପ୍ରମୋଟର ହୋଲ୍ଡିଂସ୍‌କୁ ଲିକୁଇଡ ସମ୍ପତ୍ତିରେ ବଦଳାଉଛନ୍ତି। ଏମାନେ ପୁଞ୍ଜି ବଜାର ବୃଦ୍ଧିର ▶ପୃଷ୍ଠା-୭





ସକାଳ

www.sakalaepaper.com


# ଭୁଲ ରାସ୍ତା ଦେଖାଇଲା ଗୁଗଲ ମ୍ୟାପ୍

**● ପୋଲ ତଳକୁ ଖସିଲା ଅଡି କାର୍**

ମୁମ୍ବଇ, ୨୬ ।୭ (ଏଜେନ୍ସି): ପୁଣିଥରେ ଗୁଗଲ ମ୍ୟାପ ଭୁଲ ରାସ୍ତା ଦେଖାଇବା ଫଳରେ ଏକ ଦୁର୍ଘଟଣା ହୋଇଛି । ନବି ମୁମ୍ବଇର ବେଲପୁରରେ ଗୁଗଲ ମ୍ୟାପ୍ ଭୁଲ ରାସ୍ତ ଦେଖାଇବାରୁ ଏକ ଅଡି କାର ପୋଲ ତଳକୁ ଖସି ପାଣିରେ ପଡ଼ିଛି । ଜଣେ ମହିଳା ତାଙ୍କ ଅଡି କାର ଚଳାଇ ବେଲାପୁରରୁ ଉଲୱେ ଯାଉଥିଲେ । ଗୁଗଲ ଭୁଲ ରାସ୍ତକୁ ଅନୁସରଣ କରିବା ଫଳରେ କାରଟି ବେଲାପୁର ପୋଲ ତଳକୁ ଖସିପଡ଼ିଥିଲା । ଏହି ଘଟଣା ଶୁକ୍ରବାର ରାତି ୧ଟାରେ ଘଟିଥିଲା । ଗୁଗଲ ମ୍ୟାପ ମହିଳାଙ୍କୁ ପୋଲ ତଳର ଏକ ରାସ୍ତାକୁ ସୂଚାଇଥିଲା । ଫଳରେ ମହିଳା ଜଣକ ପୋଲ ଉପରେ ଯିବା ବଦଳରେ ତଳେ ଥିବା ରାସ୍ତାରେ ଯାଇଥିଲେ । ତାଙ୍କ କାର ସିଧା ୫୦ ଫୁଟ୍ ତଳକୁ ଯାଇ ତଳକୁ ଖସିପଡ଼ିଥିଲା । ସମୁଦ୍ର ସୁରକ୍ଷା ପୁଲିସ କାରକୁ ଖାଇରେ ପଡୁଥିବାର ଦେଖି ଘଟଣାସ୍ଥଳରେ ପହଞ୍ଚିଥିଲା । ଏହାପରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା । ପୂର୍ବରୁ ମଧ୍ୟ ଗୁଗଲ ମ୍ୟାପ ପାଇଁ ଏକାଧିକ ଦୁର୍ଘଟଣା ଘଟିଛି । ଗତ ଜାନୁଆରୀରେ ଫ୍ରାନ୍ସର ଏକ ଦମ୍ପତି ଗୁଗଲ ମ୍ୟାପ୍ କାରଣରୁ ସର୍ଟକର୍ଟ ରାସ୍ତାରେ ଯାଇ ଏକ ଶୂନଶାନ ରାସ୍ତାରେ ବାଟବଣା ହୋଇଥିଲେ । ଏହି ଦମ୍ପତି ଦିଲ୍ଲୀରୁ ନେପାଳ କାଣ୍ଡମାଣ୍ଡୁ ଯାଉଥିଲେ ଓ ୟୁପିର ବରେଲିରେ ବାଟବଣା ହୋଇଥିଲେ ।

# ମୁଖ୍ୟମନ୍ତ୍ରୀ ଅଫିସ, ଏୟାରପୋର୍ଟ ଉଡ଼ାଇବାକୁ ଧମକ

ଜୟପୁର, ୨୬ ।୭ (ଏଜେନ୍ସି): ରାଜସ୍ଥାନ ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦର ବୋମା ମାଡ କରି ଉଡାଇଦେବାକୁ ଧମକ ମିଳିଛି । ଏହାପରେ ପୁଲିସ ପ୍ରଶାସନ ଏହି ଧମକକୁ ଗମ୍ଭୀରତାର ସହ ଗ୍ରହଣ କରି ସକ୍ରିୟ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦରରେ ଚେକିଂ ଆରମ୍ଭ କରାଯାଇଥିଲା । କିନ୍ତୁ ଏକ ଘଣ୍ଟାର ଛାନ୍‌ଭିନ୍ ପରେ ପୁଲିସ କୌଣସି ସଂଦିଗ୍ଧ ବସ୍ତୁ ପାଇ ନଥିଲା । ଶନିବାର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରର ଅଫିସିଆଲ ଇମେଲ୍ ଆଇଡିକୁ ଏହି ଧମକ ମିଳିଥିଲା । ଗୋଟିଏ କିମ୍ବା ଦୁଇଘଣ୍ଟା ପରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଠିକଣାକୁ ଉଡାଇ ଦିଆଯିବ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା । ଏୟାରପୋର୍ଟ ପୁଲିସ, ଫାୟାର ବ୍ରିଗେଡ୍, ବମ୍ ସ୍କ୍ୱାଡ ଓ ସିଭିଲ ଡିଫେନ୍ସ ଚେକିଂ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମଧ୍ୟ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚିଥିଲା । ସେଠାରେ ମଧ୍ୟ କୌଣସି ସଂଦିଗ୍ଧ ବସ୍ତୁ ମିଳି ନଥିଲା ।

# ୟୁପିରେ ଛାତ୍ରୀଙ୍କୁ ଗୁଳି ମାରିଲା ପ୍ରେମିକ

ମନପୁରୀ, ୨୬ ।୭ (ଏଜେନ୍ସି): ୟୁପିର ମେନପୁରୀରେ ଏକ ଶିବ ମନ୍ଦିରରେ ପୂଜା କରୁଥିବାବେଳେ ବିଏସ୍‌ସି ପଢୁଥିବା ଜଣେ ଛାତ୍ରୀଙ୍କୁ ଏକତରଫା ଭାବେ ଭଲ ପାଉଥିବା ଜଣେ ପ୍ରେମିକ ଗୁଳି ମାରିଛନ୍ତି । ଛାତ୍ରୀ ଜଣକ ଯେତେବେଳେ ପୂଜା ଆରମ୍ଭ କରିଥିଲେ ପ୍ରେମିକ ଜଣକ ଗେଟ୍ ବନ୍ଦ କରି ତାଙ୍କୁ ବାଡିଅରେ ଆକ୍ରମଣ କରିଥିଲେ । ଏହାପରେ ସେ ଗୋଟିଏ ପରେ ଗୋଟିଏ ୪ଟି ଗୁଳି ମାରିଥିଲେ । ଦୁଇଟି ଗୁଳି ଛାତ୍ରୀଙ୍କ ହାତରେ ଓ ଆଉ ଦୁଇଟି ଗୁଳି ତାଙ୍କ ପେଟରେ ବାଜିଥିଲା । ଫଳରେ ଛାତ୍ରୀ ଜଣକ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ । ଛାତ୍ରୀଜଣଙ୍କୁ ତାଙ୍କ ମା ଓ ଭାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତାଙ୍କୁ ସଇଫାଇ ମେଡିକାଲକୁ ରେଫର କରାଯାଇଥିଲା । ଏହି ଘଟଣାର ୩ ଘଣ୍ଟା ପରେ ଏନକାଉଣ୍ଟର କରି ପୁଲିସ ଅଭିଯୁକ୍ତ ପ୍ରେମୀକକୁ ଗିରଫ କରିଥିଲା । କିନ୍ତୁ ଗୁଳି ଖାଇବା ପରେ ପ୍ରେମିକ ଜଣକ ହସୁଥିବାର ଦେଖାଯାଇଥିଲା । ଯୁବକ ଜଣକ ଏକତରଫା ପ୍ରେମ କରୁଥିଲା ଓ ଛାତ୍ରୀଙ୍କୁ ବିବାହ କରିବାକୁ ଚାପ ପକାଉଥିଲା । କିନ୍ତୁ ବିବାହ କରିବାକୁ ଛାତ୍ରୀ ମନା କରିବା ପରେ ସେ ଏହି କାଣ୍ଡ ଘଟାଇଥିଲା ।

# ପାକିସ୍ତାନ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ଇସଲାମାବାଦ୍, ୨୬ ।୭ (ଏଜେନ୍ସି): ପାକିସ୍ତାନର ସିନ୍ଧ ପ୍ରଦେଶର ଘୋଟକ ଜିଲ୍ଲାରେ ଜଣେ ମହିଳା ଟିକ୍‌ଟକ୍ ତାରକାଙ୍କୁ ବିଷ ଦେଇ ହତ୍ୟା କରାଯାଇଛି । ଏହି ଟିକଟକ କ୍ରିଏଟରଙ୍କ ନାମ ସୁମୀରା ରାଜପୁତ । ଶନିବାର ସେ ନିଜ ଘରେ ସନ୍ଦେହଜନକ ଭାବେ ମୃତ୍ୟୁ ବରଣ କରିଥିବାର ଦେଖାଯାଇଥିଲା । ସୁମୀରାଙ୍କୁ ଜବରଦସ୍ତ ବିବାହ କରିବାକୁ ଚାପ ପକାଯାଉଥିଲା ବୋଲି ତାଙ୍କ ୧୫ ବର୍ଷୀୟ ଝିଅ ଦାବି କରିଛନ୍ତି । ସୁମୀରା ମନା କରିବା ଫଳରେ ତାଙ୍କୁ ବିଷ ଦେଇ ମାରିଦିଆଯାଇଛି ବୋଲି ଅଭିଯୋଗ ହୋଇଛି । ତାଙ୍କୁ ବିଷ ଟାବଲେଟ ଦିଆଯାଇଥିଲା ବୋଲି ଝିଅ କହିଛନ୍ତି । ସୁମୀରା ଜଣେ ଜଣାଶୁଣା ଡିଜଟାଲ କଣ୍ଟେଟ କ୍ରିଏଟର ଥିଲେ । ଟିକ୍‌ଟକ୍‌ରେ ତାଙ୍କର ୫୮, ୦୦୦ ଫଲୋଅର ରହିଥିଲେ ଓ ତାଙ୍କର ୧୦ ଲକ୍ଷରୁ ଅଧିକ ଲାଇକ୍ ଥିଲା । ତାଙ୍କ ଝିଅ ମଧ୍ୟ ଟିକ୍‌ଟକ୍‌ରେ ସକ୍ରିୟ ଥିଲେ । ଝିଅର ମଧ୍ୟ ବହୁ ସଂଖ୍ୟାରେ ଫଲୋଅର ରହିଛନ୍ତି । ଏ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗରିଫ କରିଛି । କିନ୍ତୁ ଏପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ ।

# ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଇଟାଲୀ ଅରାଜି

ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବା ନେଇ ଫ୍ରାନ୍ସ ଘୋଷଣା କରିବାର ଗୋଟିଏ ଦିନ ପରେ ଇଟାଲୀ ଏହାକୁ ବିରୋଧ କରିଛି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମିଲୋନୀ ଶନିବାର ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଖୋଲା ଖୋଲି ଭାବେ ବିରୋଧ କରିଛନ୍ତି । ୟୁରୋପରେ ଏବେ ପାଲେଷ୍ଟାଇନକୁ ମାନ୍ୟତା ଦେବା ନେଇ ଅଭିଯାନ ଜୋର ଧରିଥିବା ବେଳେ ମିଲୋନୀ ଏହାର ଫଳ ଓଲଟା ହେବ ବୋଲି କହିଛନ୍ତି । ପାଲେଷ୍ଟାଇନ ଦେଶ ସପକ୍ଷରେ ରହିଛି । କିନ୍ତୁ ଦେଶ ଗଠନ ହେବା ପୂର୍ବରୁ ମାନ୍ୟତା ଦେବାକୁ ଚାହୁଁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । କେବଳ କାଗଜରେ ଏଭଳି ମାନ୍ୟତାର କିଛି ମୂଲ୍ୟ ନାହିଁ । ତେଣୁ ପ୍ରଥମେ ବାସ୍ତବରେ ପାଲେଷ୍ଟାଇନ ଦେଶ ଗଠନ ହେବା ଜରୁରି । ନହେଲ ସମସ୍ୟାର ସମାଧାନ ନହୋଇ ଭ୍ରମ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ବୃଦ୍ଧି ପାଇବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଫ୍ରାନ୍ସ ଭଳି ଜର୍ମାନୀ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ସପକ୍ଷରେ ମନ୍ତବ୍ୟ ଦେଇଛି ।



# ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ: ମୃତ୍ୟୁସଂଖ୍ୟା ୩୩

ବ୍ୟାଙ୍କକ୍/ନୋମ ପେନ୍ହ, ୨୬ ।୭ (ଏଜେନ୍ସି): ଏକ ହଜାର ବର୍ଷ ପୁରାତନ ଶିବ ମନ୍ଦିରକୁ ନେଇ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷ ତୃତୀୟ ଦିନରେ ପହଞ୍ଚିଛି । ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । କାମ୍ବୋଡିଆ ଗୃହ ମନ୍ତ୍ରଣାଳୟ ସୂଚନା ଅନୁସାରେ ସଂଘର୍ଷରେ ୧୩ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୮ ନାଗରିକ ଓ ୫ ଜଣ ସୈନିକ ସାମିଲ ରହିଛନ୍ତି । ଏହାକୁ ବାଦ୍ ଦେଲେ ୭୧ ଜଣ ଲୋକ ଆହତ ହୋଇଛନ୍ତି । ସେହିପରି ଥାଇଲାଣ୍ଡର ମଧ୍ୟ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୧୪ ନାଗରିକ ଓ ୬ ଜଣ ସୈନିକ ସାମିଲ ରହିଛନ୍ତି । ଥାଇଲାଣ୍ଡ ଜାଣିଶୁଣି ଆକ୍ରମଣ କରୁଛି ବୋଲି କାମ୍ବୋଡିଆ ଅଭିଯୋଗ କରିଛି । ଥାଇସେନା କାମ୍ବୋଡିଆର ସାର୍ବଭୌମତ୍ୱ ଉପରେ ଆଞ୍ଚ୍ ଆଣୁଛି ବୋଲି କୁହାଯାଉଛି । ଜୁଲାଇ ୨୪ରେ ମାଲେସିଆର ମଧ୍ୟସ୍ଥତାରେ ଅସ୍ତ୍ରବିରତି ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିଲା ବୋଲି କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ ମାନେଟ୍ ଶନିବାର ଦାବି କରିଛନ୍ତି । କିନ୍ତୁ ଏହାର ଏକ ଘଣ୍ଟା ମଧ୍ୟରେ ଥାଇଲାଣ୍ଡ ନିଜର ରୂପ ବଦାଳାଇ ଥିଲା ବୋଲି ସେ କହିଛନ୍ତି । ସେହିପରି ଜାତିସଂଘ ସୁରକ୍ଷା ପରିଷଦର ଜରୁରୀକାଳୀନ ବୈଠକରେ କାମ୍ବୋଡିଆ ସଂଘର୍ଷ ରୋକିବାକୁ ଅପିଲ କରିଥିଲା । ତେବେ ଦୁଇଦେଶକୁ କୁଟନୈତିକସ୍ତରରେ ସମାଧାନ ବାହର କରିବାକୁ ପରାମର୍ଶ ଦେଇଥିଲେ । ଆହୁରି ଅଧିକ ଆକ୍ରମଣ କରିବାକୁ ଥାଇଲାଣ୍ଡ ପ୍ରସ୍ତୁତି ଚଳାଉଛି ବୋଲି କାମ୍ବୋଡିଆ କହିଛି । ଏହି ସଂଘର୍ଷରେ କାମ୍ବୋଡିଆରେ ୩୫ ହଜାର ଲୋକ ପଳାୟନ କରିବାକୁ ବାଧ ହୋଇଛନ୍ତି । ଓଡାର ମିନଚେରେ ୨୨, ୦୦୦ ଲୋକ ଓ ପ୍ରୀହ ବିହାରରେ ୧୦, ୦୦୦ ଲୋକ ପଳାୟନ କରିଛନ୍ତି ।

# ଟ୍ରମ୍ପଙ୍କ ୟୁରୋପ ଚିନ୍ତା

ଏଡିନବର୍ଗ, ୨୬।୭ (ଏଜେନ୍ସି): ନିଜ ମନ ମୁତାବକ ନୀତି ବଳରେ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ପ୍ରବାସୀଙ୍କ ଅନୁପ୍ରବେଶକୁ ନେଇ ୟୁରୋପକୁ ବଡ଼ ଚେତାବନୀ ଦେଇଛନ୍ତି । ପ୍ରବାସୀ ୟୁରୋପକୁ ଗିଳି ଯାଉଛନ୍ତି । ମିଳିତ ହୋଇ ଦେଶଗୁଡ଼ିକୁ ନିଜ କାମ କରିବାକୁ ହେବ । ୟୁରୋପରେ ଚାଲିଥିବା ଭୟାନକ ଅନୁପ୍ରବେଶକୁ ରୋକିବାକୁ ହେବ । ତେବେ କିଛି ନେତା ଏହି ଅନୁପ୍ରବେଶକୁ ରୋକିବାକୁ ଚାହୁଁ ନାହାନ୍ତି । ସେମାନଙ୍କୁ ଏହାର ଶ୍ରେୟ ମଧ୍ୟ ମିଳୁନାହିଁ । ଏବେ କିଛି ନେତାଙ୍କ

## ୟୁରୋପକୁ ଗିଳି ଯାଉଛନ୍ତି ପ୍ରବାସୀ

## ଭୟଙ୍କର ଅନୁପ୍ରବେଶକୁ ବନ୍ଦ କର



ନାମ କହିପାରିବି, କିନ୍ତୁ ଏପରି କରି ଅନ୍ୟମାନଙ୍କୁ ଲଜ୍ଜିତ ହେବାକୁ ଦେବି ନାହିଁ । ୟୁରୋପରୁ ଆମେରିକାକୁ ପ୍ରବାସୀ ଭାବେ ଆସିଥିବା ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି । ଟ୍ରମ୍ପଙ୍କ ବାପା ଫ୍ରେଡ ଏବଂ ମା' ମେରି ଆନେ ମାକଲିଓଡ ୟୁରୋପରୁ ଆମେରିକା ଆସିଥିଲେ ।

ଭାବେ ଏହାର ମୁକାବିଲା କରିବା ଜରୁରୀ । ଅନେକ ୟୁରୋପୀୟ ରାଷ୍ଟ୍ର ଏହି ଭୟାନକ ଅନୁପ୍ରବେଶକୁ ରୋକିବା ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି । ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଆମେରିକା ରାଷ୍ଟ୍ରପତି 'ଏୟାର ଫୋର୍ସ ୱାନ'ରୁ ଓହ୍ଲାଇବା ପରେ ଏହି ଟିପ୍ପଣୀ ଦେଇଛନ୍ତି । ସେ ଏହି ଗସ୍ତରେ ପତ୍ନୀ ମେଲାନିଆ ଟ୍ରମ୍ପ ତାଙ୍କ ସହ ଯାଇ ନାହାନ୍ତି । ତେଣୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ସୃଷ୍ଟି ହୋଇଥିବା କୁହାଯାଉଛି ।

ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ମାମଲାରେ ସବୁ ଦେଶ ନିଜ ରଣନୀତି ଉପରେ କାର୍ଯ୍ୟ କରିବା ଉଚିତ । ସତର୍କ ନ ହେଲେ ୟୁରୋପ ଆଉ ତୁମର ହୋଇ ରହିବ ନାହିଁ । ତେଣୁ ଏକାଠି

ଅନ୍ୟପକ୍ଷରେ ଆମେରିକାର ଫେଡେରାଲ କୋର୍ଟ ଟ୍ରମ୍ପଙ୍କ ନିର୍ଦ୍ଦେଶ 'ଜନ୍ମଗତ ନାଗରିକତା ଅଧିକାର'ଉପରେ କଟକଣା ଲଗାଇ ଦେଇଛନ୍ତି । ଆମେରିକାରେ ବେଆଇନ ଭାବେ ରହିଥିବା ମାତାପିତାଙ୍କଠାରୁ ଜନ୍ମିତ ଶିଶୁକୁ ଆମେରିକା ନାଗରିକତା ମିଳିବ ନାହି ବୋଲି ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ । ଏବେ ତୃତୀୟ ଥର ପାଇଁ କୋର୍ଟ ଟ୍ରମ୍ପଙ୍କ ଆଦେଶ ଉପରେ କଟକଣା ଲଗାଇ ଦେଇଛନ୍ତି । ତେବେ ଏହା ଉପରେ ସୁପ୍ରିମକୋର୍ଟ ଶେଷ ନିଷ୍ପତ୍ତି ନେବେ ବୋଲି ଫେଡେରାଲ କୋର୍ଟ କହିଛନ୍ତି । ଦ୍ୱିତୀୟ ଥର ରାଷ୍ଟ୍ରପତି ହେବାପରେ ଆମେରିକାରୁ ବିଦେଶୀ ନାଗରିକମାନଙ୍କୁ ବିଭିନ୍ନ କାରଣ ଦେଖାଇ ବିତାଡ଼ିତ କରିବା ସହିତ ବିଭିନ୍ନ ଦେଶ ସହ ଶୁଳ୍କ ଯୁଦ୍ଧ ଚଳାଇଥିବା ଟ୍ରମ୍ପ ଏବେ ପ୍ରବାସୀଙ୍କ ନାମରେ ୟୁରୋପୀୟ ଦେଶଙ୍କୁ ଉସୁକାଇବାରେ ଲାଗିଛନ୍ତି । ଏହା ବିଶ୍ୱ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁହାଯାଉଛି ।

ଡେମୋକ୍ରାଟିକ୍ ଲିଡର ଆପ୍ରୁଭାଲ ରେଟିଂ

# ଶୀର୍ଷରେ ମୋଦୀ, ଅଷ୍ଟମ ସ୍ଥାନରେ ଟ୍ରମ୍ପ



ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତାର ମାନ୍ୟତା ହାସଲ କରିଛନ୍ତି । ଶନିବାର ଜାରି ହୋଇଥିବା 'ଡେମୋକ୍ରାଟିକ୍ ଗ୍ଲୋବାଲ ଲିଡର ଆପ୍ରୁଭାଲ ରେଟିଂ'ରେ ମୋଦୀ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ତାଙ୍କୁ ୭୫ ପ୍ରତିଶତ ଆପ୍ରୁଭାଲ ରେଟିଂ ମିଳିଛି । ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତାଙ୍କୁ ୫୯ ପ୍ରତିଶତ ରେଟିଂ ମିଳିଛି । ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେଷ୍ଠ-୫ରେ ସ୍ଥାନ ମିଳିନାହିଁ । ଟାରିଫ୍ ବିବାଦ କାରଣରୁ ତାଙ୍କୁ ୮ମ ସ୍ଥାନ ମିଳିଛି । ଆମେରିକାର ବ୍ୟବସାୟିକ ଗୋଇନ୍ଦା ଫାର୍ମ ମର୍ଣ୍ଣିଂ କନସଲ୍ଟ ବିଭିର୍ଣ୍ଣ ତଥ୍ୟ ବିଶ୍ଳେଷଣ କରି ଏହି ରେଟିଂ ଜାରି କରିଛି । ବିଶ୍ୱବ୍ୟାପୀ ନେତା, ଖାସ୍ କରି ଗଣତାନ୍ତ୍ରିକ ଦେଶଗୁଡ଼ିକର ନେତାମାନଙ୍କ ଲୋକ୍ରପିୟତାର ସର୍ଭେ କରି ରେଟିଂ ଆକଳନ କରାଯାଇଥାଏ । ବିଭିନ୍ନ ଦେଶରେ ପ୍ରତିଦିନ ହଜାର ଲୋକଙ୍କ ସାକ୍ଷାତକାରକୁ ଆଧାର କରି ଏହି ସର୍ଭେ କରାଯାଇଥାଏ ।

# ୧୭ ସାଂସଦଙ୍କୁ ସଂସଦରତ୍ନ ସମ୍ମାନ

ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ଲୋକସଭାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ଦଳର ୧୭ ଜଣ ସାଂସଦଙ୍କୁ ସଂସଦରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ସୁପ୍ରିଆ ସୁଲେ, ରବି କିଷନ, ନିଶିକାନ୍ତ ଦୁବେ, ଅରବିନ୍ଦ ସାମନ୍ତ, ଭର୍ତୃହରି ମହତାବ, ଏନ୍‌କେ ପ୍ରେମଚାନ୍ଦ, ଶ୍ରୀରଙ୍ଗ ଆପ୍ପା ବାର୍ଣ୍ଣେଙ୍କୁ ଆଜି ସମ୍ମାନିତ କରାଯାଇଛି । ମହାରାଷ୍ଟ୍ରରୁ ସର୍ବାଧିକ ୭ ଜଣ ସାଂସଦ ଏହି ସମ୍ମାନ ହାସଲ କରିଛନ୍ତି । ସେହିପରି ଉତ୍ତରପ୍ରଦେଶର, ଝାଡଖଣ୍ଡର, ରାଜସ୍ଥାନର ଦୁଇଜଣ ଲେଖାଏ ସାଂସଦ ଏବଂ ଓଡ଼ିଶା, ତାମିଲନାଡୁ ଓ ଆସାମର ଜଣେ ଲେଖାଏ ସାଂସଦଙ୍କୁ ଏହି ସମ୍ମାନ ମିଳିଛି । ଉଲ୍ଲେଖଥାଉ କି, ୨୦୧୦ରେ ପ୍ରାଇମ ପଏଣ୍ଟ ଫାଉଣ୍ଡେସନ ଓ ଇମାଗାଜିନ୍ ପ୍ରିସେନ୍ସ ପ୍ରଥମଥର ପାଇଁ ଏହି ପୁରସ୍କାର ଦେବାର ପରମ୍ପରା ଆରମ୍ଭ କରିଥିଲେ । ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ଏହି ପୁରସ୍କାର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ୨୦୧୦ରେ ଅନୁଷ୍ଠିତ ପ୍ରଥମ ପୁରସ୍କାର ଉତ୍ସବରେ ସେ ଏହି ପୁରସ୍କାରର ଉଦ୍‌ଘାଟନ କରିଥିଲେ । ସଂସଦରେ ପ୍ରଶ୍ନ ପଚାରିବାର ସଂଖ୍ୟା, ବୈଠକ ଓ ଚର୍ଚ୍ଚାରେ ଭାଗୀଦାରି ଭଳି ବିଷୟକୁ ଦୃଷ୍ଟିରେ ରଖି ପୁରସ୍କାର ଦିଆଯାଏ ।

# ବିହାରରେ ସାମ୍ବାଦିକଙ୍କୁ ମିଳିବ ୧୫ ହଜାର ଟଙ୍କା ପେନସନ

ପାଟନା, ୨୬ ।୭ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ବିହାର ସରକାର ଏକ ବଡ଼ ଘୋଷଣା କରିଛନ୍ତି । ଏବେ ବିହାରରେ ମାନ୍ୟତାପ୍ରାପ୍ତ ସମ୍ବାଦିକଙ୍କୁ ମାସକୁ ୧୫ ହଜାର ଟଙ୍କାର ପେନସନ ମିଳିବ ବୋଲି ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋସିଆଲ ମିଡିଆରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି । ପୂର୍ବରୁ ସାମ୍ବାଦିକଙ୍କୁ ୬ ହଜାର ଟଙ୍କା ପେନସନ ଦିଆଯାଉଥିଲା ଓ ଏହାକୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପୁଣି ଯଦି କୌଣସି ସାମ୍ବାଦିକଙ୍କ ପରଲୋକ ହୁଏ ତେବେ ତାଙ୍କ ପତ୍ନୀଙ୍କୁ ୩ ହଜାର ବଦଳରେ ୧୦ ହଜାର ଟଙ୍କା ପେନସନ ଦିଆଯିବ ବୋଲି କୁହାଯାଇଛି । ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି ଓ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଇଥାଏ । ତେଣୁ ସମ୍ବାଦିକଙ୍କ ପାଇଁ ପେନସନ ବୃଦ୍ଧି କରାଯିବା ଆବଶ୍ୟକାତା ରହିଛି ବୋଲି ନୀତୀଶ କହିଛନ୍ତି ।

କପିଲ ଶର୍ମାଙ୍କ କାଫେକୁ ଗୁଳିମାଡ଼ ମାମଲା

# ନିଜକୁ ଦୂରେଇଲା ବବର ଖାଲସା

ଅମ୍ରିତଶର, ୨୬ ।୭ (ଏଜେନ୍ସି): କାନାଡାର ସରେ ସହରରେ କମେଡିଆନ କପିଲ ଶର୍ମାଙ୍କ ନୂଆ କାଫେ 'କେପ୍ସ କାଫେ' ଉପରେ ହୋଇଥିବା ଗୁଳିମାଡ଼ ଘଟଣା ଏବେ ନୂଆ ମୋଡ ନେଇଛି । ଏହି ଘଟଣା ପାଇଁ ଆମେ ଦାୟୀ ନୁହଁ ଓ ଆମର କିଛି ଯାଏ ଆସେ ନାହିଁ ବୋଲି ଖଲିସ୍ତାନୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ) ତରଫରୁ କୁହାଯାଉଛି । ଏ ନେଇ ବିକେଆଇ ୨ ପୃଷ୍ଠାର ଚିଠି ଜାରି କରିଛି । ଜୋରଜବରସ୍ତି ଅର୍ଥ ଆଦାୟ, ଧମକ କିମ୍ବା ହିଂସାର କୌଣସି ଘଟଣାରେ ଆମର କୌଣସି ସମ୍ପର୍କ ନାହିଁ । ଆମେ କୌଣସି ପ୍ରକାର ଆକ୍ରମଣ କରିନାହୁଁ । ଏଭଳି ଘଟଣାରେ ଆମକୁ ଦାୟୀ କରିବା ଠିକ୍ ନୁହଁ ବୋଲି ବିକେଆଇ ଶନିବାର ସ୍ପଷ୍ଟ କରିଛି । ଉଲ୍ଲେଖଥାଉ କି, ଜୁଲାଇ ୧୦ରେ କପିଲଙ୍କ କାଫେ ଉପରେକୁ ଗୁଳିମାଡ ହୋଇଥିଲା । ଜୁଲାଇ ୭ରେ କପିଲ ଏହାର ଉଦ୍‌ଘାଟନ କରିଥିଲେ । ଏହି ଘଟଣାରେ ଖଲିସ୍ତାନୀ ଆତଙ୍କୀ ହରଜିତ ସିଂହ ଲାଡି ନିଜକୁ ଦାୟୀ କରିଥିଲା




ଶନିବାର ଦିନ ମୁମ୍ବାଇ-ପୁଣେ ଏକ୍ସପ୍ରେସ ହାଇୱେରେ ପ୍ରବଳ ବର୍ଷା ଓ ଦୁର୍ଘଟଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବ୍ରେକ ଫେଲ୍ ହୋଇଯିବାରୁ ଗୋଟିଏ ଟ୍ରକ ଅତିକମରେ ୧୨ଟି କାର ଉପରେ ମାଡ଼ିଯିବାରୁ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହିତ ୨୦ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଜାମ୍ ରହିଥିଲା ।

**ଭାରତୀୟ ଇତିହାସରେ ପ୍ରଥମ**

# ଯବାନଙ୍କ ପରିବାରକୁ ମିଳିବ ଆଇନଗତ ସୁରକ୍ଷା

ଶ୍ରୀନଗର, ୨୬।୭ (ଏଜେନ୍ସି): କାର୍‌ଗିଲ ବିଜୟ ଦିବସରେ ଯବାନଙ୍କ ନିମନ୍ତେ ଐତିହାସିକ ପଦକ୍ଷେପ ନିଆଯାଇଛି । ଭାରତରେ ପ୍ରଥମ ଥର ପାଇଁ ଯବାନଙ୍କ ପରିବାରକୁ ଆଇନଗତ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ନୂଆ ଯୋଜନା ଆରମ୍ଭ କରାଯାଇଛି । ଏହାର ନାମ 'ନାଲ୍‌ସା ବୀର ପରିବାର ସହାୟତା ଯୋଜନା-୨୦୨୫' ରଖାଯାଇଛି । ଉପାନ୍ତ ଅଞ୍ଚଳରେ ତଥା ଦୂରଦୂରାନ୍ତ କ୍ଷେତ୍ରରେ ମୁତୟନ ଥିବା ଯବାନଙ୍କୁ ଘରୋଇ ଆଇନର ବୋଝରୁ ମୁକ୍ତି ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ନ୍ୟାସନାଲ ଲିଗାଲ ସର୍ଭିସେସ୍ ଅଥରିଟି (ନାଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାକୁ ଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଶନିବାର ଶ୍ରୀନଗରରେ ଏହି ଯୋଜନାର ଶୁଭାରମ୍ଭ କହିଛନ୍ତି । ଅଭିଯାନ ସମୟରେ ସଶସ୍ତ୍ର ବାହିନୀର ବଳିଦାନ ଦ୍ୱାରା ଜଷ୍ଟିସ ସୂର୍ଯ୍ୟକାନ୍ତ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଏବଂ ସେ ଯବାନଙ୍କ ମଙ୍ଗଳ ପାଇଁ ନ୍ୟାୟପାଳିକା ମାଧ୍ୟମରେ କି ଯୋଗଦାନ ଦିଆଯାଇପାରିବ ତାହା ଖୋଜିବା ଆରମ୍ଭ କରି ଦେଇଥିଲେ । ସୂଚନା ଅନୁଯାୟୀ ଦେଶର ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ବ୍ୟକ୍ତିଗତ ମାମଲାର ଲଢ଼େଇରେ ଆଇନଗତ ସୁବିଧା ସୁନିଶ୍ଚିତ କରି ଏକାକୀ ହେବାକୁ ନ ଦେବା ଉଚିତ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଚାହୁଁଥିଲେ । ଏହି ଚିନ୍ତାଧାରା 'ନାଲସା ବୀର ପରିବାର ସହାୟତା ଯୋଜନା'ରେ ପରିଣତ ହୋଇଛି । ନଭେମ୍ବର ୨୪ରେ ଭାରତର ପ୍ରଧାନ ବିଚାରପତି ଭାବେ ଶପଥ ନେବା ପୂର୍ବରୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ଯୋଜନାର ଶୁଭାରମ୍ଭ କରିବେ । ଏଥିରେ ଦୂର ଦୂରାନ୍ତ କ୍ଷେତ୍ରରେ ମୁତୟନ ଥାଇ ଆଇନଗତ ମାମଲା ପାଇଁ ହାଜର ହୋଇ ପାରୁ ନ ଥିବା ଯବାନଙ୍କୁ ସହାୟତା ପ୍ରଦାନ କରାଯିବ । ପାରିବାରିକ ସମ୍ପତ୍ତି ବିବାଦ, ଘରୋଇ ବିବାଦ ଏବଂ ଜମିଜମା ଆଦି ମାମଲାରେ ଆଇନଗତ ସହାୟତା ଦିଆଯିବ । ଏଭଳି ସ୍ଥିତିରେ ନାଲ୍‌ସା ମାଧ୍ୟମରେ ମାମଲାକୁ ଉଚିତ ଭାବେ କୋର୍ଟରେ ଉପସ୍ଥାପନା କରିବାକୁ ସୁନିଶ୍ଚିତ କରାଯିବ ।

# ଆରବ, ଇସଲାମ ଶିଖିବାକୁ ସୈନିକଙ୍କୁ ନିର୍ଦ୍ଦେଶ ଦେଲା ଇସ୍ରାଏଲ

ତେଲ ଅଭିଭ୍, ୨୬ ।୭ (ଏଜେନ୍ସି): ଇସ୍ରାଏଲ୍ ଏବେ ତା'ର ସବୁ ସୈନିକ, ଅଧିକାରୀ ଓ ଗୋଇନ୍ଦା ବିଭାଗକୁ ଆରବ ଭାଷା ଓ ଇସ୍‌ଲାମ ଧର୍ମ ବିଷୟରେ ଶିକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି । ଆରବ ଭାଷା ଓ ଇସ୍ଲାମିକ ଷ୍ଟଡିଜର ପ୍ରଶିକ୍ଷଣ ନେବା ବାଧ୍ୟତାମୂଳକ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ କୁହାଯାଇଛି । ଜେରୁସଲମ ପୋଷ୍ଟରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଇସ୍ରାଏଲ ଏହି ପଦକ୍ଷେପ ଗ୍ରହଣ କରିଛି । ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ପାଲେଷ୍ଟାଇନ୍ ଆତଙ୍କବାଦୀ ସଂଗଠନ ହମାସ ଆକ୍ରମଣ କରିଥିଲା । ସେତେବେଳେ ଇସ୍ରାଏଲ ଗୋଇନ୍ଦା ବିଭାଗର ବିଫଳତା କାରଣରୁ ଏହା ଘଟିଥିଲା ବୋଲି କୁହାଯାଇଥିଲା । ଗୋଇନ୍ଦା ବିଭାଗର ଅଧିକାରୀମାନେ ଆତଙ୍କୀ ଭାଷାକୁ ସ୍ପଷ୍ଟ ଭାବେ ବୁଝିବାରେ ବିଫଳ ହୋଇଥିଲେ । ଇସ୍ରାଏଲ ମଧ୍ୟ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଏହି ପଦକ୍ଷେପ ନେଇଛି । କେବଳ ସେତିକି ନୁହଁ ଏହି କାର୍ଯ୍ୟକ୍ରମ ଅନୁସାରେ ସୈନିକମାନଙ୍କୁ ହୁତି ଓ ଇରାକର କଥିତ ଭାଷା ଶିକ୍ଷା କରିବାକୁ କୁହାଯିବ । ହୁତି ଭାଷା ବୁଝିବାରେ ଗୋଇନ୍ଦା ଅଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୟେମେନ ଓ ଅନ୍ୟ ଆରବ ଅଞ୍ଚଳରେ ଲୋକ ଗୁଟଖା ଭଳି 'କାତ' (ହାଲକା ନିଶା ଯୁକ୍ତ ପତ୍ର) ଚୋବାଇବାରେ ଅଭ୍ୟାସ ରଖନ୍ତି । ଏହା ଦ୍ୱାରା ସ୍ପଷ୍ଟ ଭାବେ କଥା କୁହାଯାଇପାରି ନଥାଏ । ଆତଙ୍କୀଙ୍କ ଭାଷା ବୁଝିବାକୁ ହେଲେ ଏହି ସବୁ ଶିକ୍ଷା କରିବା ଆବଶ୍ୟକୟ । ତେଣୁ ଏହି ସବୁ ଭାଷା ଶିକ୍ଷା କରିବାକୁ ଇସ୍ରାଏଲ ବାଧ୍ୟତାମୂଳକ କରିଛି ।

# କାର୍ଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ଲାଦାଖ ଦ୍ରାସ ସେକ୍ଟରରେ ଆଜି କାରଗିଲ ବିଜୟ ଦିବସ ପାଳନ ହୋଇଛି । ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ । ଏହି ଅବସରରେ ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡ଼ା ସନ୍ଦେଶ ଦେବାରେ ଭାରତ ସଫଳ ହୋଇଛି । ଆତଙ୍କବାଦ ଓ ଏହାର ସମର୍ଥକଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅପରେସନ ଦ୍ୱାରା ସ୍ପଷ୍ଟ କରାଯାଇଛି । ପହଲଗାମରେ ହୋଇଥିବା ଆତାଙ୍କବାଦୀ ଆକ୍ରମଣକୁ ଅପରେସନ ସିନ୍ଦୂର ଦ୍ୱାରା ଦୃଢ ଜବାବ ଦିଆଯାଇଥିଲା । କାରଗିଲ ବିଜୟ ଦିବସକୁ ୨୬ ବର୍ଷ ପୂର୍ତ୍ତୀପାଳନ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀର ନ୍ୟାସନାଲ ମେମୋରିଆଲ ପହଞ୍ଚିଥିଲେ । ତାଙ୍କ ସହ ୩ ସେନା ପ୍ରମୁଖ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ରାଜନାଥ ଶହୀଦ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଉଲ୍ଲେଖଥାଉ କି, ୧୯୯୯ ମେ ୫ରେ ପାକିସ୍ତାନ ସୈନ୍ୟ ଅନୁପ୍ରବେଶ କରିଥିଲା । ଫଳରେ ଦୁଇ ଦେଶ ମଧ୍ୟରେ କାରଗିଲରେ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ପାଖାପାଖି ୮୪ ଦିନ ପର୍ଯ୍ୟନ୍ତ ଚାଲିଥିଲା । ତେବେ ୧୯୯୯ ଜୁଲାଇ ୨୬ରେ ଭାରତର ବିଜୟ ସହ ଏହି ଯୁଦ୍ଧ ଶେଷ ହୋଇଥିଲା ।

# ମୋରଡ଼ା ଓ ରାସଗୋବିନ୍ଦପୁରରେ ବନ୍ୟା

## ୨ ହଜାର ଏକର ଚାଷଜମି ଜଳାର୍ଣ୍ଣବ



ମୋରଡ଼ା, ୨୬।୭ (ସମିସ): ଶୁକ୍ରବାର ବର୍ଷାରେ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ନଦୀକୂଳରେ ବସବାସ କରୁଥିବା ଏହି ଦୁଇଟିଯାକ ବ୍ଲକ୍‌ର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ୟାପକ ଚାଷ ଜମିରେ ବନ୍ୟାଜଳ ମାଡ଼ି ଯାଇଛି। ସେହିପରି, ବାରିପଦା-ଚିତ୍ରଡ଼ା ୬୧ନମ୍ବର ରାଜ୍ୟ

### ବାରିପଦା-ଚିତ୍ରଡ଼ା ରାସ୍ତାରେ ଯାତାୟାତ ଠପ୍

ରାଜପଥର ରାଜାବନ୍ଧ ବାଙ୍କ ପୋଲର ହୋମପାଇପ୍‌ଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ପାଣି ନିଷ୍କାସନ ହୋଇ ନପାରି ପୋଲ ଉପରେ ୧୦ ଫୁଟ୍‌ର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାତାୟାତ ଠପ୍ ହୋଇଥିବା ବେଳେ ଏକ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ମାତ୍ରାଧିକ ବର୍ଷାରେ ପ୍ରଭାବିତ ହୋଇଥିବା ହଳଦୀପାଳ ପଞ୍ଚାୟତର ଲୋକଙ୍କୁ ଏକ ସ୍କୁଲଘରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ରାସଗୋବିନ୍ଦପୁର ବ୍ଲକକୁ ସଂଯୋଗ କରୁଥିବା ଭଡ଼ରାନଣ୍ଡା ପୋଲ ଉପରେ ଝମ୍ପୀରା ନଦୀର ବନ୍ୟାଜଳ ୫ ଫୁଟ୍ ଉପରେ ପ୍ରବାହିତ ହେବାରୁ ବାରିପଦା-ଜଳେଶ୍ୱର ତଥା ମୋରଡ଼ା-ରାସଗୋବିନ୍ଦପୁର ବ୍ଲକ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସଗୋବିନ୍ଦପୁର ବ୍ଲକ ବଡାମପୁରଠାରେ ନଦୀ ଆଡ଼ିବନ୍ଧ ଭାଙ୍ଗିଯିବାରୁ ପ୍ରାୟ ୨ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି।

ଏହାବ୍ୟତୀତ ସାନମାଣିଦା ପଞ୍ଚାୟତ ପଦ୍ମତଳିଆ, ପିଙ୍ଗୁଳି ଏବଂ ଡୁଇଲିପୁରା ସମେତ ଭେଡିସାହି ଆଦି ଗାଁର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଶନିବାର ବର୍ଷା କମିଥିବା ବେଳେ ଜିଲ୍ଲାପାଳ ହେମକାନ୍ତ ସଏ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଏବଂ ବ୍ଲକ୍ ପ୍ରଶାସନ ବନ୍ୟାପ୍ରଭାବିତ ଅଞ୍ଚଳକୁ ଓଡ୍ରାଫ୍ ଟିମ୍ ସହ ପରିଦର୍ଶନ କରିଥିଲେ। ପ୍ରାୟ ୧୫୦ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଶୁଖିଲା ଏବଂ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ପ୍ରଶାସନ ତରଫରୁ ରାଜାବନ୍ଧ ପୋଲକୁ ଦୁଇଟି ଜେସିବିରେ ସଫା କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

■ ବୈତରଣୀ ବନ୍ୟାକୁ ନେଇ ନଦୀକୂଳିଆ ଆତଙ୍କିତ

# ଆଖୁଆପଦାଠାରେ ବିପଦ ସଂକେତ ଉପରେ



ଭଦ୍ରକ/ଆରଡି,୨୬।୭(ସମିସ): ଲଘୁଚାପ ପ୍ରଭାବରେ ବୈତରଣୀ ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବଡଧରଣର ବନ୍ୟା ଦେଖାଦେଇଛି। ଆଖୁଆପଦାଠାରେ ବୈତରଣୀ ନଦୀର ବନ୍ୟାଜଳ ବିପଦ ସଂକେତ ଉପରେ

### କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ବିଚ୍ଛିନ୍ନ ଆଶଙ୍କା

ପ୍ରବାହିତ ହେଉଥିବାରୁ ଚାନ୍ଦବାଲି ବ୍ଲକର ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ଆଦି ନଦୀକୂଳିଆ ଲୋକ ଆତଙ୍କିତ ହୋଇପଡିଛନ୍ତି। ବିଶେଷକରି କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ବୋଡକ ନିକଟରେ ବୈତରଣୀ ନଦୀକୂଳ ଦେଇଯାଇଥିବାରୁ ଗତ ୨ ବର୍ଷ ହେବ ୨ ଶହ ଫୁଟ ରାସ୍ତା ନଦୀ ଆଡକୁ ଢଳି ରହିବା ସହ କିଛି ଅଂଶ ଦବିଯାଇଛି। ତେଣୁ ବୈତରଣୀରେ ଆସୁଥିବା ବନ୍ୟାପାଣି ରାସ୍ତାକୁ ବୁଡାଇବା ଆଶଙ୍କା ଦେଖାଦେଇଛି। ଫଳରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା କଡ଼ରେ ବାଉଁଶ ବାଡା ସହ କିଛି ବାଲିବସ୍ତା ପକାଯାଇଛି। ଏପଟେ ଧାମରାଠାରେ ସମୁଦ୍ର ଅଶାନ୍ତ ହୋଇ ପଡ଼ିଥିବାରୁ ଉଚ୍ଚଜୁଆର ଢେଉ ବଢ଼ିବାରେ ଲାଗିଛି; ଯାହାକି ବୈତରଣୀ ନଦୀର ଉପରମୁଣ୍ଡରୁ ଆସୁଥିବା ବନ୍ୟାପାଣି ନିଷ୍କାସନରେ ବାଧକ ସାଜିପାରେ। ବୈତରଣୀ ନଦୀରେ ଏବେ ବନ୍ୟା ପାଣି ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଆରଡି ନିକଟ ମୁଆଁକଜଳା ମାହାରା ନିକଟରେ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ରହିବା ସହିତ ସାଠିବାଙ୍କୁଡା ଓ ସୁନ୍ଦରପୁର ଗାଁ ନିକଟରେ ମଧ୍ୟ ନଦୀବନ୍ଧ ଦୁର୍ବଳ ରହିଛି; ଯାହାକୁ ନେଇ ନଦୀକୂଳିଆବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

ରାଜ୍ୟରେ କୃଷକଙ୍କ ଆୟ ଦ୍ୱିଗୁଣ ବୃଦ୍ଧି ନେଇ ପ୍ରଶ୍ନ କଲେ ମାନସ

# ଦେଶର କୃଷି ପରିବାର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ଅଧା

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ କୃଷକଙ୍କ ଆୟ ଏବଂ ଏଥିରେ କେନ୍ଦ୍ରର ଭୂମିକା ନେଇ ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ପ୍ରଶ୍ନକୁ ଚତୁରତାର ସହ ଏଡ଼ାଇ ଯାଇଛନ୍ତି କେନ୍ଦ୍ର ସରକାର। ଓଡ଼ିଶାରେ କୃଷକଙ୍କ ଆୟ ଦ୍ୱିଗୁଣିତ ନେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଛି କି ବୋଲି ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ ଏକ ଅଣତାରକା ପ୍ରଶ୍ନ କରିଥିବା ବେଳେ କେନ୍ଦ୍ର ସରକାର ଏନେଇ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ଓଡ଼ିଶାର କୃଷକଙ୍କ ଆୟ ବାବଦରେ ସୂଚନା ଦେବା ପରିବର୍ତ୍ତେ ଦେଶର କୃଷି ପରିବାରର ଆୟ ବୃଦ୍ଧି ନେଇ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ରାମନାଥ ଠାକୁର ଉତ୍ତର ରଖିଛନ୍ତି।

ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି ଯେ ରାଷ୍ଟ୍ରୀୟନମୁନା ସର୍ଭେକ୍ଷଣ କାର୍ଯ୍ୟାଳୟ(ଏନଏସଏସଓ)ର ଗତ ୨୦୧୯ ମସିହା ଜାନୁଆରୀରୁ ଡିସେମ୍ବର ମାସ ଯାଏଁ ଏକ ସର୍ଭେ କରିଥିଲା। ଏହି ସର୍ଭେରେ କୃଷି ପରିବାରଙ୍କ ସ୍ଥିତି ଆକଳନ କରାଯାଇଥିଲା। ଏହି ସର୍ଭେକ୍ଷଣ ଅନୁଯାୟୀ ୨୦୧୨-୧୩ରେ ଦେଶରେ ପ୍ରତି କୃଷି ପରିବାରର ମାସିକ ଆୟ ୬୪୨୬ ଟଙ୍କାରୁ ବଢ଼ି ୨୦୧୮-୧୯ରେ ୧୦୨୧୮ ଟଙ୍କାରେ ପହଞ୍ଚିଛି। ସମାନ ଅବଧି ସମୟରେ ଓଡ଼ିଶାର ପ୍ରତି କୃଷକଙ୍କ ପରିବାର ଆୟ ବୃଦ୍ଧି ପାଇ ୫୧୧୨ ଟଙ୍କା ରହିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। ମାତ୍ର ୨୦୧୨-୧୩ରେ ଓଡ଼ିଶାର ପ୍ରତି କୃଷି ପରିବାରର ମାସିକ ଆୟ କେତେ ଥିଲା ସେନେଇ ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିନାହାନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ୨୦୧୮-୧୯ ମସିହାରେ ଦେଶରେ କୃଷି ପରିବାରର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ୫୦୧୬ ଟଙ୍କା କମ୍ ଥିବା ଜଣାପଡ଼ିଛି। ସମାନ ଭାବେ ଶ୍ରୀ ମଙ୍ଗରାଜ ଓଡ଼ିଶାର କୃଷକଙ୍କ ଆୟ ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନିଆଯାଇଚି ପ୍ରଶ୍ନ କରିଥିଲେ ହେଁ କେନ୍ଦ୍ର ସରକାର ଏନେଇ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ବରଂ ଦେଶରେ କୃଷକଙ୍କ ଆୟ ବୃଦ୍ଧି ପାଇଁ ଫସଲ ଓ ପଶୁଧନ ଉତ୍ପାଦକତା ବୃଦ୍ଧି, ଫସଲ ସଘନତା ବୃଦ୍ଧି, ଉଚ୍ଚ ମୂଲ୍ୟ ଯୁକ୍ତ କୃଷିରେ ବିବିଧକରଣ, କୃଷକଙ୍କ ଉତ୍ପାଦିତ ସଶ୍ୟର ଲାଭକାରୀ ମୂଲ୍ୟ ପ୍ରଦାନ ପରି ପଦକ୍ଷେପ କେନ୍ଦ୍ର ସରକାର ନେଇଥିବା ମନ୍ତ୍ରୀ ଶ୍ରୀ ଠାକୁର ଉତ୍ତର ରଖିଛନ୍ତି। ଅପରପକ୍ଷେ ରାଜ୍ୟରେ ଡିଜିଟାଲ କୃଷିକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। କୃଷକ ଓଡ଼ିଶା, ଏଗ୍ରିଷ୍ଟେକ ମିଶନ, ଗୋ-ସୁଗମ, ସଫଳ, ଏଡିଏପିଟି, କୃଷି ସମୀକ୍ଷା କେନ୍ଦ୍ର ପରି ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଠାକୁର ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଉପରୋକ୍ତ ନୀତି ଗୁଡ଼ିକ ପ୍ରାୟତଃ ପୂର୍ବ ବିଜେଡି ସରକାର ସମୟରେ ଲାଗୁ ହୋଇଥିଲା।

# ସରକାରୀ ବାସଭବନରୁ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର; ଡାକ୍ତର ସ୍ୱାମୀ ଫେରାର୍

ଆନନ୍ଦପୁର/ହାଟଡିହୀ,୨୬।୭(ସମିସ): ହରିଚନ୍ଦନପୁର ପୁଲିସ୍ ଆଜି କେନ୍ଦୁଝର ଜିଲ୍ଲା ଚକ୍ରଧରପୁର ଡାକ୍ତରଖାନା କ୍ୱାର୍ଟର୍ସରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ମହିଳାଜଣଙ୍କ ହେଲେ, ଡାକ୍ତର ବିଭୁପ୍ରସାଦ ନାୟକଙ୍କ ପତ୍ନୀ ରୋଜିନା ନାୟକ (୨୫)। ପୁଲିସ୍ ଘରର ତାଲା ଭାଙ୍ଗି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତେବେ, ରୋଜିନାଙ୍କ ଅସ୍ୱାଭାବିକ ମୃତ୍ୟୁକୁ ତାଙ୍କ ପରିବାରଲୋକ ଗ୍ରହଣ କରିପାରିନାହାନ୍ତି। ଡାକ୍ତର ନାୟକ ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ରୋଜିନାଙ୍କ ବାପା ପଞ୍ଚାନନ ନାୟକ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଘଟଣା ପରଠାରୁ ଡାକ୍ତର ନାୟକ ଫେରାର୍ ହୋଇଯାଇଥିବାରୁ ପୁଲିସ୍‌ର ସନ୍ଦେହ ତାଙ୍କ ଉପରେ ଦୃଢ଼ୀଭୂତ ହୋଇଛି।

ଗତବର୍ଷ ଜୁଲାଇରେ ତରଭା ଗ୍ରାମର ରୋଜିନାଙ୍କୁ ବିଭୁପ୍ରସାଦ ବିବାହ କରିଥିଲେ। କିନ୍ତୁ ବିବାହର କିଛି ଦିନ ପରେ ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ଅଧିକ ଯୌତୁକ ଦାବି କରି ଶାଶୂ, ଶଶୁର ଓ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇଥିଲେ। ଏନେଇ ରୋଜିନା ନନ୍ଦିପଦା ଥାନାରେ ଏତଲା ବି ଦେଇଥିଲେ। କିନ୍ତୁ, ପରେ ଦୁଇ ପରିବାର ମଧ୍ୟରେ ଆପୋଷ ବୁଝାମଣା ହୋଇଯାଇଥିଲା। ଗତ ସାବିତ୍ରୀ ବ୍ରତ ପୂର୍ବ ଦିନ ଉଭୟ ସ୍ୱାମୀ-ସ୍ତ୍ରୀ ଆସି ଚକ୍ରଧରପୁର ଡାକ୍ତରଖାନା ପରିସରରେ ଥିବା ସରକାରୀ



କ୍ୱାର୍ଟର୍ସରେ ରହୁଥିଲେ। ତେବେ, ଆଜି ସକାଳେ ଡାକ୍ତର ବିଭୁପ୍ରସାଦ ଘରେ ତାଲା ପକାଇ ଫେରାର୍ ହୋଇଯିବା ଏବଂ ପରେ ଉକ୍ତ ଘରୁ ରୋଜିନାଙ୍କ ଝୁଲନ୍ତା ମୃତଦେହ ଜବତ ହେବା ଘଟଣା ଯୋଜନାବଦ୍ଧ ହତ୍ୟାକାଣ୍ଡ ଆଡ଼କୁ ଇଙ୍ଗିତ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଥାନାଧିକାରୀ ଦେବକୀ ନାଏକ, ଏସ୍‌ଡିପିଓ ବିଜୟ ମହାପାତ୍ର ଏବଂ ଅତିରିକ୍ତ ତହସିଲଦାର ନରେନ୍ଦ୍ର ସେଠୀଙ୍କ ଉପସ୍ଥିତରେ ଶବ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଯାଇଛି। ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

# ସ୍କୁଲରୁ ଅପହୃତା ଛାତ୍ରୀ ସୀମାନ୍ତରୁ ଉଦ୍ଧାର

ବୈଶିଙ୍ଗା, ୨୬।୭ (ସମିସ): ବେତନଟୀ ଥାନା ପୁଲିସ୍ ଆଜି ଜଣେ ଅପହୃତ ଛାତ୍ରୀଙ୍କୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବହଳଦା ଅଞ୍ଚଳରୁ ଉଦ୍ଧାର କରିଛି। ଛାତ୍ରୀଜଣଙ୍କ ବେତନଟୀ ସରକାରୀ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ।

ଗତକାଲି ସେ ସ୍କୁଲ ଯାଇଥିବା ବେଳେ ଛୁଟି ପରେ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ମା'ଙ୍କ ଏତଲାକ୍ରମେ ପୁଲିସ୍ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ଛାତ୍ରୀଙ୍କୁ ବହଳଦା ଅଞ୍ଚଳରୁ ଉଦ୍ଧାର କରିଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ନାବାଳିକାଙ୍କୁ ଅପହରଣ କରିଥିଲେ, ସେ ସଂପର୍କରେ ପୁଲିସ୍ ସ୍ପଷ୍ଟ କରିନାହିଁ। ଆଜି ଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ବୟାନ ରେକର୍ଡ କରାଯାଇଛି।

# ୩ ଦଶନ୍ଧି ଧରି ସକ୍ରିୟ ଥିବା ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୭ (ସମିସ): ୩ ଦଶନ୍ଧି ଧରି ମାଓ ସଂଗଠନରେ ସକ୍ରିୟ ମାଓ ଦମ୍ପତି ଜୋରିଗେ ନାଗରାଜୁ ଓରଫ୍ କମଲେଶ ଏବଂ ତାଙ୍କ ପତ୍ନୀ ମେଡକା ଜ୍ୟୋତିଶ୍ୱରୀ ଓରଫ ଅରୁଣା ଆତ୍ମସମର୍ପଣ କରିଛନ୍ତି। ଉଭୟ ଆନ୍ଧ୍ରପ୍ରଦେଶ ପୁଲିସ



ଧରାଇଲେ ବିପୁଳ ମାଓ ସାମଗ୍ରୀ

ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। କମଲେଶ ରାଜ୍ୟ ଜୋନାଲ କମିଟି ସଦସ୍ୟ ଏବଂ ପୂର୍ବ ବସ୍ତର ଡିଭିଜନ୍‌ର ମାଓ ସଙ୍ଗଠନର ପ୍ରଭାରୀ ଥିଲେ। ୩୪ବର୍ଷ ଧରି ମାଓ ସଂଗଠନରେ ସେ ସକ୍ରିୟ ଥିଲେ। ସେହିପରି ଅରୁଣା ଡିଭିଜନାଲ କମିଟି ସଦସ୍ୟ ଏବଂ ମାଓ ସଂଗଠନର ମୋବାଇଲ୍ ଏକାଡେମିକ୍ ପଲିଟିକାଲ୍ ଅର୍ଗାନାଇଜେସନ୍‌ର ପ୍ରଭାରୀ ଥିଲେ। ୩୦ ବର୍ଷ ଧରି ସେ ସଂଗଠନରେ କାର୍ଯ୍ୟ କରିଥିଲେ। ମାଓ ସଂଗଠନର ନୀତି ଏବଂ ବିଫଳତାରେ ନିରାଶ ହୋଇ ଉଭୟ ସାଧାରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଉଭୟଙ୍କୁ ୨୦ହଜାର ଲେଖାଏଁ ଅର୍ଥରାଶି ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବଡ଼ କଥା ହେଉଛି, ଆତ୍ମସମର୍ପଣ ପରେ ଏହି ମାଓଦମ୍ପତିଙ୍କ ସୂଚନା ଆଧାରରେ ଆନ୍ଧ୍ରପ୍ରଦେଶ ପୁଲିସ ବିଭିନ୍ନ ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ମାଓସାମଗ୍ରୀ, ଅସ୍ତ୍ରଶସ୍ତ୍ର ଆଦି ଜବତ କରିଛି।

ପୁଣି ମୁଙ୍ଗେର୍ ବନ୍ଧୁକ କାରବାର ରାକେଟ୍ ଠାବ

# ୬ କୁଖ୍ୟାତ ଅପରାଧୀ ଗିରଫ; ୫ ବନ୍ଧୁକ ଜବତ

କଟକ, ୨୬।୭ (ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିଲା ବେଆଇନ ବନ୍ଧୁକ ବ୍ୟବସାୟ। ବିହାରର ମୁଙ୍ଗେର୍‌ରୁ ଅତ୍ୟାଧୁନିକ ପିସ୍ତଲ, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହିତ ଗୁଳି ଆଣି ବିକ୍ରି ହେଉଥିଲା। ଏହି ବେଆଇନ ବନ୍ଧୁକ କାରବାର କରୁଥିବା ଜଣେ କୁଖ୍ୟାତ ଅପରାଧୀକୁ ମାଲଗୋଦାମ ଥାନା ପୁଲିସ ଆଜି ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଉଛି, ଯୋବ୍ରା ମାଟିଆମଙ୍ଗଳା ସାହିର କାଦୁଅ ଓରଫ ଦେବଦତ୍ତ ସିଂହ ବେହେରା (୨୬)। ତା' ନିକଟରୁ ବନ୍ଧୁକ କିଣିଥିବା ୫ଜଣ ଯଥାକ୍ରମେ ଯୋବ୍ରା ମହ୍ଲା ସାହିର ରାଜା ଓରଫ୍ ପୀୟୂଷ ରେଡ୍ଡୀ(୨୦), ନଦୀକୂଳ ସାହିର ଦୁର୍ଦ୍ଦାନ୍ତ ନନ୍ଦ ଓରଫ୍ ବିଜୟ ରାଓ(୩୬), ନୂଆସାହିର ଜ୍ୟୋତି ରଞ୍ଜନ ନାୟକ ଓରଫ୍ ହାପି(୨୩), ବୈଦ୍ୟନାଥ ବେହେରା ଓରଫ ବିଦୁ (୨୨) ଓ ତଳସାହିର ତପନ ସେଠୀ ଓରଫ ତପୁ (୨୦)କୁ ଗିରଫ



କରାଯାଇଛି। ଏମାନଙ୍କ ପାଖରୁ ପୁଲିସ୍ ୫ଟି ୭.୬୫ ଏମ୍‌ଏମ୍ ପିସ୍ତଲ, ୧୩ ରାଉଣ୍ଡ ଗୁଳି, ଗୋଟିଏ ସ୍କୁଟି ଏବଂ ୩ଟି ମୋବାଇଲ ଜବତ କରିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କମିସନର୍ ଏସ୍. ଦେବଦତ୍ତ ସିଂହ ଡସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ଯୋବ୍ରା ଅଞ୍ଚଳରେ କିଛି ସନ୍ଦିଗ୍ଧ ଗତିବିଧି ନେଇ ପୁଲିସକୁ ସୂଚନା ମିଳିଥିଲା। ବନ୍ଧୁକ କାରବାରରେ ଜଡିତ କିଛି ଦୁର୍ବୃତ୍ତ ବଡ଼ଧରଣର ଅପରାଧିକ କାଣ୍ଡ ଘିଆଇବା ଉଦ୍ଦେଶ୍ୟରେ ଏକତ୍ରିତ ହେଉଥିବା ଜଣାପଡ଼ିଥିଲା। ପରେ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସ୍ପେସାଲ୍ ସ୍କ୍ୱାଡ ତୁରନ୍ତ ଯୋବ୍ରା ମାଟିଆ ମଙ୍ଗଳା ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ସ୍କୁଟି ଧରି ଛିଡ଼ା ହୋଇଥିବା କାଦୁଅ ଖସି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ସ୍କ୍ୱାଡ୍ ତାକୁ କାବୁ କରି ତଲାସି ନେବାରୁ ତା' ପାଖରୁ ଗୋଟିଏ ୭.୬୫ ଏମଏମର ପିସ୍ତଲ ସହ ୫ ରାଉଣ୍ଡ ଗୁଳି ମିଳିଥିଲା। ପରେ ତାକୁ ଥାନାକୁ ଆଣି ପଚରାଉଚରା କରିବାରୁ କଟକ ସହରରେ ଚାଲିଥିବା ବନ୍ଧୁକ କାରବାର ରାକେଟ ସମ୍ପର୍କରେ ତଥ୍ୟ ମିଳିଥିଲା।

ଅଭିଯୁକ୍ତ କାଦୁଅ ବିହାରର ମୁଙ୍ଗେର୍‌ରୁ ଲୁଚାଛପାରେ ବନ୍ଧୁକ ଆଣି ବିଭିନ୍ନ ଅପରାଧିକ ଗୋଷ୍ଠୀକୁ ଯୋଗାଉଥିଲା। ଖାଲି କଟକ ନୁହେଁ, ଜିଲ୍ଲା ବାହାରର ବହୁ ଅପରାଧୀ ତା'ର ଗ୍ରାହକ ଥିଲେ। କିଛି ଦିନ ତଳେ କାଦୁଅ ବିହାର ମୁଙ୍ଗେରରୁ ୬ଟି ବନ୍ଧୁକ ଆଣିଥିଲା। ସେଥିରୁ ୫ଟି ବନ୍ଧୁକକୁ ସେ ଯୋବ୍ରା ଅଞ୍ଚଳର ଦୁର୍ଦ୍ଦାନ୍ତ ବିଜୟରାଓ ସମେତ ୫ଜଣଙ୍କୁ ବିକ୍ରି କରିଥିଲା। ଆଉ ଗୋଟିଏ ବନ୍ଧୁକ ଅନ୍ୟଜଣଙ୍କୁ ହସ୍ତାନ୍ତର କରିବାକୁ ଆସିଥିଲା ବେଳେ ପୁଲିସ ତାକୁ କାବୁ କରିଥିଲା। ପୁଲିସ ରାତିତମାମ ଯୋବ୍ରାର ବିଭିନ୍ନ ସାହିରେ ଚଢଉ କରି ବିଜୟ ଓ ତା'ର ସହଯୋଗୀ ରାଜା, ହାପି, ବିଦୁ ଓ ତପୁକୁ ଗିରଫ କରିଥିଲା। ଏଥିସହିତ ସେମାନଙ୍କ ପାଖରୁ ଆଉ ୪ଟି ୭.୬୫ ଏମଏମ୍ ପିସ୍ତଲ ଓ କିଛି ଗୁଳି ଜବତ କରିଥିଲା। ମୋଟ ୬ଟି ବନ୍ଧୁକରୁ ୫ଟି ଜବତ ହୋଇଥିଲା ବେଳେ ଏବେ ବି ଗୋଟିଏ ପୁଲିସ ଜବତ କରି ପାରିନାହିଁ।

ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ। ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଙ୍ଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି। ଗତ କିଛି ଦିନ ହେବ, ସେ ସହଯୋଗୀଙ୍କୁ ଧରି ଏକ ଗ୍ୟାଙ୍ଗ

■ ଅପରାଧିକ ସାମ୍ରାଜ୍ୟ ଚଳାଇବା ସହ କରୁଥିଲା ବନ୍ଧୁକ ବ୍ୟବସାୟ
■ ରାଜ୍ୟତମାମ ଲମ୍ବିଛି ଚେର
■ ଯୋବ୍ରାରେ ରାକେଟ୍ ଚଳାଉଥିଲା ମୁଖ୍ୟ ଅଭିଯୁକ୍ତ
■ ଆଗକୁ ବଢ଼ିବ ଗିରଫଦାରୀ

ଗଢ଼ିଥିଲା। ଆଗକୁ ପାର୍ବଣ ସମୟରେ ଡକାୟତି ଉଦ୍ଦେଶ୍ୟରେ ପିସ୍ତଲ ଓ ଗୁଳି କାଦୁଅ ମାଧ୍ୟମରେ ଆମଦାନୀ କରିଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି କାଦୁଅ ନାଁରେ ମାଲଗୋଦାମ ଥାନାରେ ୩ଟି ଓ ମର୍କତନଗର ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ରାଜା ଓ ବିଦୁ ନାଁରେ ଚାଉଳିଆଗଞ୍ଜ, ମାଲଗୋଦାମ ଥାନାରେ ୪ଟି ମାମଲା ରହିଛି। ପୁଲିସ ନନ୍ଦ ଗ୍ୟାଙ୍ଗର ଅନ୍ୟ ସହଯୋଗୀଙ୍କ ସହ କାଦୁଅ ଲିଙ୍କରେ ବନ୍ଧୁକ କିଣିଥିବା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରୁଛି। ଏହି ମାମଲାରେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ପୁଲିସ୍ କହିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ ଓ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଏହି ସୂଚନା ଦେଇଥିଲେ।

ଏସ୍‌ସି, ଏସ୍‌ଟି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣା

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ଭୁବନେଶ୍ୱର,୨୬।୭(ସମିସ): ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦଳ ପକ୍ଷରୁ ଶନିବାର ଜାତୀୟ ଜନଜାତି ଆୟୋଗ(ଏନସିଏସଟି)ଙ୍କ ନିକଟରେ ଏନେଇ ଏକ ଦାବିପତ୍ର ଦାଖଲ କରାଯାଇଛି। ଓଡ଼ିଶାର ଏସ୍‌ସ/ଏସ୍‌ଟି ସ୍କୁଲ ହଷ୍ଟେଲ୍ ଗୁଡିକରେ ଅବସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଝିଅମାନଙ୍କ ଉପରେ ଘଟୁଥିବା ଯୌନ ଅତ୍ୟାଚାର ଓ ଗର୍ଭଧାରଣ ଘଟଣା ବାବଦରେ ତୁରନ୍ତ ହସ୍ତକ୍ଷେପ ପାଇଁ ଏଥିରେ ଦାବି କରାଯାଇଛି। ବିଜେଡି ଏହି ଘଟଣାଗୁଡିକୁ ଦୁଃଖଦାୟକ ଓ ଚିନ୍ତାଜନକ ବୋଲି କହି ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ରାୟଗଡ଼ା, ମୟୂରଭଞ୍ଜ ଓ କନ୍ଧମାଳ ଜିଲ୍ଲା ସହିତ ଅନ୍ୟାନ୍ୟ ଅଞ୍ଚଳରେ ଏପରି ଅନେକ ଘଟଣା ଘଟିଛି, ଯେଉଁଠି ଏସସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ ହଷ୍ଟେଲରେ ଅନେକ ଅନୁସୂଚିତ ଜାତି ଓ ଜନଜାତିର ଝିଅମାନେ ଯୌନ ଅତ୍ୟାଚାରର ଶିକାର ହୋଇ ଗର୍ଭବତୀ ହେଉଛନ୍ତି। ଏହା ଏକ ଗମ୍ଭୀର ପ୍ରଶାସନିକ ବିଫଳତା ଓ ଅନୁପଯୁକ୍ତ ନିରୀକ୍ଷଣ ପ୍ରଣାଳୀର ପ୍ରତିଫଳନ ଅଟେ। ଏ

■ ଜାତୀୟ ଜନଜାତି ଆୟୋଗଙ୍କୁ ଦାବିପତ୍ର ପ୍ରଦାନ
■ ସମସ୍ତ ଘଟଣାକୁ ନେଇ ହେଉ ଉଚ୍ଚସ୍ତରୀୟ ତଦନ୍ତ
■ ପୀଡ଼ିତାଙ୍କୁ ଆଇନ ସହାୟତା ଓ ସହଯୋଗ ମିଳୁ
■ ସ୍କୁଲ ଛାତ୍ରାବାସରେ ସୁରକ୍ଷା ବୃଦ୍ଧି କରାଯାଉ

ସମସ୍ତ ଘଟଣାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ଏଥିରେ ସମ୍ପୃକ୍ତ ଅଧିକାରୀ, ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ ଓ ଥାନା ଅଧିକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ହଷ୍ଟେଲରେ ସିସିଟିଭି, ନିୟମିତ ଡାକ୍ତରୀ ପରୀକ୍ଷା, ପରାମର୍ଶଦାତା ସୁବିଧା ଓ ମହିଳା ସୁରକ୍ଷା କର୍ମଚାରୀ ତୁରନ୍ତ ନିଯୁକ୍ତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାସହ ଏକ ସ୍ୱତନ୍ତ୍ର ଦଳ (ଏସ୍‌ଆଇଟି) ଗଠନ କରି ପୀଡ଼ିତାଙ୍କୁ ଚିକିତ୍ସା ଆଇନ ଓ ମାନସିକ ସ୍ତରରେ ସହଯୋଗ ଦେବା ପାଇଁ କରାଯାଇଛି। ଏଥିସହ ଏହିଭଳି ଘଟଣା ଆଗକୁ ଯେଭଳି ନ ଘଟିବ, ସେଥିପାଇଁ ସ୍କୁଲ ହଷ୍ଟେଲଗୁଡ଼ିକୁ ନିୟମିତ ମନିଟରିଂ ବ୍ୟବସ୍ଥା କରିବା ସହ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏନସିଏସଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଗାରିମା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ। ଏହିପରି ଦୁଃଖଦ ଘଟଣା ପୁନର୍ବାର ନ ଘଟିବା ପାଇଁ କମିଶନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକ ଅଛି ବୋଲି ଦଳ କହିଛି। ଏହି ଦାବିପତ୍ରକୁ ଦଳର ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ କମିଶନଙ୍କ ନିକଟରେ ଦାଖଲ କରାଯାଇଛି।

# ରାଜ୍ୟରେ କମୁନି ଡାଇରିଆ ଆତଙ୍କ

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ଡାଇରିଆ ଆତଙ୍କ ଥମିବାର ନାଁ ଧରୁନି। ଗୋଟିଏ ଜିଲ୍ଲାରେ ସ୍ଥିତି ସୁଧୁରିବାବେଳକୁ ଆଉ ଗୋଟେ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହୋଇଯାଉଛି। ଝାଡ଼ାବାନ୍ତି ବ୍ୟାପିବାର ଉତ୍ସକୁ ବି ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିପାରୁନି। ପ୍ରଥମେ ଯାଜପୁରରେ କଲେରା ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ଖାଦ୍ୟରେ ବିଷକ୍ରିୟା ନା ଡାଇରିଆ ବ୍ୟାପିଛୁ, ତାକୁ ଚହ୍ନଟ କରିବା କାଠିକାର ପାଠ ହୋଇଗଲାଣି। ଜଳ ଉତ୍ସ ସଫା ରଖିବା ସହ ନିୟମିତ ବ୍ୟବଧାନରେ ସଚେତନତା ଜାରି ରହିଛି। ଏହା ସତ୍ତ୍ୱେ ବି ଡାଇରିଆ ନିୟନ୍ତ୍ରଣକୁ ଆସୁନି। ବର୍ଷା ଋତୁ ଆରମ୍ଭରୁ ବ୍ୟାପିଥିବା ଏହି ସଂକ୍ରମଣ ଦିନକୁ ଦିନ ଭୟାବହ ହେବାରେ ଲାଗିଛି। ଶତାଧିକ ଲୋକେ ସଂକ୍ରମଣ ହେବା ସହ ପ୍ରାଣହାନୀ ବି ଘଟୁଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବା ସହ ସଂକ୍ରମଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳରେ ଝାଡ଼ାବାନ୍ତି ଲାଗି ରହିଛି। ବର୍ତ୍ତମାନ ସ୍ଥିତି ସ୍ଥିର ରହିଥିବା ବେଳେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ଅନୁଧ୍ୟାନ କରୁଛନ୍ତି। ଏପଟେ ଗଜପତି ଜିଲ୍ଲାର ମୋହନାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗଠନ ହୋଇଥିବା ଟିମ୍‌ର ଜଣେ ସଦସ୍ୟ ଅଛନ୍ତି। ଘଟଣାସ୍ଥଳରେ କ'ଣ ପରିସ୍ଥିତି ରହିଛି, ସାଧାରଣ ଭାବେ ରୋଗର ଉତ୍ସ କ'ଣ ରହିଛି, ସେନେଇ ଏକ ସମ୍ପୂର୍ଣ୍ଣ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅନୁରୂପ ଅବସ୍ଥା ନୂଆପଡ଼ା ଜିଲ୍ଲାରେ ସଂକ୍ରମଣ

■ ସଂକ୍ରମଣ ଉତ୍ସ ପାଉନି ସ୍ୱାସ୍ଥ୍ୟ ବିଭାଗ
■ ଚିନ୍ତା ବଢ଼ାଉଛି ଗଞ୍ଜାମ, ନୂଆପଡ଼ା

ବ୍ୟାପିଥିବାବେଳେ ବଲାଙ୍ଗିର ମେଡିକାଲ କଲେଜର ଜଣେ ପ୍ରଫେସର ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ନୂଆପଡ଼ା ଯାଇଛନ୍ତି। ଏଠାରେ ଆକ୍ରାନ୍ତ ରୋଗୀମାନେ ସୁସ୍ଥ ହୋଇ ଘରକୁ ଫେରିଥିଲେ ହେଁ ସଂକ୍ରମଣ ବ୍ୟାପିବାର କାରଣ ଖୋଜା ଚାଲିଛି। ପାଣି ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଆଶ୍ରମ ସ୍କୁଲରେ ବି ସମାନ ସ୍ଥିତି ଦେଖାଦେଇଛି। ମୟୂରଭଞ୍ଜ ସିଡିଏମ୍‌ଓଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ମିଶି ଜଳ ଉତ୍ସ ସଫା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡି ଦିଦି, ଆଶାକର୍ମୀ ତୃଣମୂଳସ୍ତରରେ ଲୋକଙ୍କୁ ସଚେତନ କରୁଛନ୍ତି। ଏହାସତ୍ତ୍ୱେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ଦୃଢ଼ତାର ସହ ତା'ର ନିରୀକ୍ଷଣ କରାଯାଉଛି। ସଂକ୍ରମଣ ବ୍ୟାପୁଥିବା ସ୍ଥାନଗୁଡ଼ିକରୁ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ବାସ୍ତବରେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ତା' ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଡାଇରିଆର ଭୟାବହତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ତେଣୁ ଏବେ ବ୍ୟାପୁଥିବା ଡାଇରିଆର ଉତ୍ସକୁ ଖୋଜିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ବିଭାଗୱାରୀ ବୈଠକ କରୁଛୁ।

# ୪ ଲେନ୍ ହେବ 'ହୀରକ ତ୍ରିଭୁଜ' ବୌଦ୍ଧପୀଠ ରାସ୍ତା

ବାଲିଚନ୍ଦ୍ରପୁର, ୨୬।୭ (ସମିସ)



● ୨୩୧.୮୭ କୋଟିର ବ୍ୟୟ ଅଟକଳ ପ୍ରସ୍ତୁତ
● ଗଜେନ୍ଦ୍ରପୁର ଓ ତାଲୁଆଠାରେ ହେବ ଦୁଇଟି ବଡ଼ ସେତୁ

ଷାଠିଏ ଦଶକର ପୂର୍ବରୁ ତାହା ଥିଲା ବାଲିଗୋଡ଼ି-ମେଣ୍ଟାଲ ବିଛା ହୋଇଥିବା ଅଣଓସାରିଆ ରାସ୍ତାଟିଏ। ୧୯୭୦ ମସିହାରେ ଦୈତାରୀ-ପାରାଦୀପ ଏକ୍ସପ୍ରେସ ସଡ଼କ ନିର୍ମାଣ କାମ ଆରମ୍ଭର ପୂର୍ବକାଳରୁ ଅବିଭକ୍ତ କଟକ ଜିଲ୍ଲାର ବହୁ ପୁରାତନ ତିନୋଟି ବୌଦ୍ଧପୀଠକୁ ସଂଯୋଗ କରୁଥିବା ସଡ଼କପଥ। ବିଶ୍ୱବିଖ୍ୟାତ 'ହୀରକ ତ୍ରିଭୁଜ' ବୌଦ୍ଧସର୍କିଟ ଲଳିତଗିରି-ଉଦୟଗିରି-ରତ୍ନଗିରିକୁ ସଂଯୋଗ କରୁଥିବା ସେହି ପୁରୁଣା ଦୁଇ ଲେନ୍ ବିଶିଷ୍ଟ ରାସ୍ତା ଏବେ ଚାରିଲେନ୍‌ରେ ପରିଣତ ହେବାକୁ ଯାଉଛି। ଓଳାଶୁଣୀ ଛକ ଜାତୀୟ ରାଜପଥ ଠାରୁ ଆରମ୍ଭ ହୋଇ ପଲାଇ, ପାଗଳଡିହ (ଗୋବଣ୍ଡିଆ), କଳାଶ୍ରୀ, ଗଜେନ୍ଦ୍ରପୁର, ତାଲୁଆ ଦେଇ ରତ୍ନଗିରି ଯାଇଥିବା ଏହି ରାସ୍ତାର ଦୋହରୀକରଣ ପାଇଁ ୨୩୧ କୋଟି ୮୬ ଲକ୍ଷ ୩୯ ହଜାର ଟଙ୍କାର ପ୍ରାରମ୍ଭିକ ଖର୍ଚ୍ଚ ଅଟକଳ ପ୍ରସ୍ତୁତ ହୋଇଛି। ୧୫.୯୨୦ କିମି ବିଶିଷ୍ଟ ଏହି ରାସ୍ତାର ପ୍ରଶସ୍ତୀକରଣ ଓ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ହୋଇଥିବା ପ୍ରକଳ୍ପ ପରିଯୋଜନା ବିଶ୍ୱପ୍ରସିଦ୍ଧ ଏହି ତିନୋଟି ବୌଦ୍ଧ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି କୁହାଯାଉଛି। ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ସହିତ ପର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ସମେତ ପୂର୍ତ୍ତ ଓ ପର୍ଯ୍ୟଟନ ବିଭାଗର ବରିଷ୍ଠ ପଦାଧିକାରୀଙ୍କୁ ନେଇ ଏଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ।

ରାଜ୍ୟର ବୌଦ୍ଧ ଐତିହ୍ୟ ପୀଠକୁ ଯୋଡୁଥିବା ଏହି ପ୍ରମୁଖ ରାଜମାର୍ଗ ସମ୍ପ୍ରସାରଣ ଦ୍ୱାରା ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ, ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ସହିତ ଭବିଷ୍ୟତ ପିଢ଼ି ପାଇଁ ଏହା ଆର୍ଥିକ ସ୍ୱାବଲମ୍ବନର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରସ୍ତାବିତ ପ୍ରକଳ୍ପ ରିପୋର୍ଟ ଦର୍ଶାଯାଇଛି। ସମ୍ପ୍ରସାରିତ ରାଜମାର୍ଗରେ ଗଜେନ୍ଦ୍ରପୁର ଗାଁ ନିକଟ ବିରୂପା ନଦୀ ଉପରେ ୨୯୫ ମିଟର ଓ ତାଲୁଆ-ବାଲିକୁଦା ଠାରେ ବଡ଼ଗେଙ୍ଗୁଟି ନଦୀ ଉପରେ ୩୦୦ ମିଟର ଲମ୍ବର ଦୁଇଟି ନୂତନ ବଡ଼ ସେତୁ ନିର୍ମାଣ କରାଯିବ। ବର୍ତ୍ତମାନର ଏହି ଦୁଇ ଲେନ୍ ବିଶିଷ୍ଟ ରାସ୍ତା ୭ ମିଟର ଥିଲା ବେଳେ ୪ ଲେନ୍ ବିଶିଷ୍ଟ ରାସ୍ତା ୧୪ ମିଟର ଏବଂ ମଧ୍ୟଭାଗରେ ଦେଢ଼ମିଟର ଚଉଡ଼ାର ମିଡ଼ିଆନ ରହିବ। ରାସ୍ତାର ଉଭୟ ପାର୍ଶ୍ୱରେ ଅଢ଼େଇମିଟର ଚଉଡ଼ାର ସୋଲ୍‌ଡର ରାସ୍ତା ରହିବ। ଶନିଛକ, ଉଦୟଗିରି, ତାଲୁଆ-ବାଲିକୁଦା ଛକ ଓ ରତ୍ନଗିରି ଠାରେ ୪ଟି ଜଙ୍କସନର ବିକାଶ, ସମ୍ପୂର୍ଣ୍ଣ ରାସ୍ତାର ମଧ୍ୟଭାଗରେ ଥିବା ମେଡିଆନରେ ଉଜ୍ଜ୍ୱଳ ଷ୍ଟ୍ରିଟ୍‌ଲାଇଟ୍ ରହିବ। ପାଗଳଡ଼ିହ (ଗୋବଣ୍ଡିଆ) ସମେତ ରାସ୍ତାର ଶେଷଭାଗ ରତ୍ନଗିରିଠାରେ କେତେକ ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

୨୫ଟି ହ୍ୟୁମପାଇପ ସଂଯୋଗ, ୧୮ଟି ବକ୍ସ କଲଭର୍ଟ ଓ ସାଢ଼େ ୩ କିମି ଲମ୍ବର ଡ୍ରେନେଜ ବ୍ୟବସ୍ଥା ମଧ୍ୟ ରଖାଯାଇଛି। ଏହି ରାଜମାର୍ଗର ଦୋହରୀକରଣ ସହିତ ବୌଦ୍ଧ ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ସହିତ ଏହାର କାର୍ଯ୍ୟାନ୍ୱୟନ ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବଡ଼ଚଣା ବିଧାୟକ ଶ୍ରୀ ନାୟକ କହିଛନ୍ତି। ଓଡ଼ିଶା ରୋଡ୍ ୱର୍କ ସିଷ୍ଟମର ବିବରଣୀ ଅନୁଯାୟୀ ଏହି ପୁରାତନ ମାର୍ଗଟି ଲଳିତଗିରି-ଉଦୟଗିରି-ରତ୍ନଗିରି (ଏଲ୍‌ୟୁଆର୍) ସଡ଼କ ନାମରେ ନାମିତ ହୋଇରହିଛି। ସଂସ୍କୃତି ଗବେଷକ ତଥା ଓଳାଶୁଣୀ ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ କହିଛନ୍ତି ଯେ, ବିଶ୍ୱପ୍ରସିଦ୍ଧ 'ହୀରକ ତ୍ରିଭୁଜ'କୁ ସଂଯୋଗ କରୁଥିବା ଏହି ପୁରାତନ ସଡ଼କ ତତ୍କାଳିନ କେନ୍ଦ୍ରମନ୍ତ୍ରୀ ରାଜବାହାଦୂରଙ୍କ ଗସ୍ତ କାଳରେ 'ରାଜବାହାଦୂର ମାର୍ଗ' ନାମରେ ନାମିତ ହୋଇଥିଲା। ବର୍ମା ଦେଶର ତତ୍କାଳିନ ପ୍ରଧାନମନ୍ତ୍ରୀ ୟୁ-ନୁ ମଧ୍ୟ ଏହି ସଡ଼କ ଦେଇ ବୌଦ୍ଧପୀଠକୁ ପରିଦର୍ଶନରେ ଯାଇଥିଲେ। ଦେଶ ବିଦେଶରୁ ଆସୁଥିବା ବହୁ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟକ, ଗବେଷକ ଓ ଐତିହାସିକମାନେ ଲଳିତଗିରି-ଉଦୟଗିରିକୁ ରାସ୍ତାରେ ଆସି କଳାଶ୍ରୀ-ଗୋପାଳପୁରଠାରେ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ପାରିହୋଇ ଗଜେନ୍ଦ୍ରପୁରଠାରେ ଡଙ୍ଗା ସାହାଯ୍ୟରେ ବିରୂପା ନଈପାର ହୋଇ ଉଦୟଗିରିଠାରେ ପହଞ୍ଚୁଥିଲେ।

ପୂର୍ତ୍ତ ବିଭାଗର ଚାରବାଟିଆ ଡିଭିଜନ ପକ୍ଷରୁ ପ୍ରସ୍ତାବିତ ଏହି ଦୋହରୀକରଣ ରାଜମାର୍ଗର ରାସ୍ତା ନିର୍ମାଣ ଓ ଚାରୋଟି ଜଙ୍କସନର ଉନ୍ନତି ପାଇଁ ୯୦.୮୧ କୋଟି, ଭୂମି ଅଧିଗ୍ରହଣ ପାଇଁ ୬ କୋଟି, ରାସ୍ତାପାର୍ଶ୍ୱ ଗଛକଟା ଓ ବୃକ୍ଷରୋପଣ ପାଇଁ ୪ କୋଟି ଏବଂ ଷ୍ଟ୍ରିଟ୍‌ଲାଇଟ୍ ପାଇଁ ଅଢ଼େଇ କୋଟି ଟଙ୍କାର ପ୍ରାରମ୍ଭିକ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯାଇଛି। ଗଜେନ୍ଦ୍ରପୁର ସେତୁ ପାଇଁ ୩୦.୯୭ କୋଟି ଓ ତାଲୁଆ ସେତୁ ପାଇଁ ୩୧.୫୦ କୋଟି ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଛି। ଏହି ସମ୍ପ୍ରସାରିତ ରାଜମାର୍ଗ ନିର୍ମାଣ ହେଲେ ତିନୋଟି ବିଶ୍ୱପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀ ବିଶେଷ ଉପକୃତ ହେବେ।

## ସାପ କାମୁଡ଼ାରେ ମହିଳା ମୃତ

ପାଣିକୋଇଲି, ୨୬।୭ (ସମିସ): ଏକ ସାପ କାମୁଡାରେ ଆଜି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ପାଣିକୋଇଲି ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ ପତ୍ନୀ ପ୍ରତିମା ସ୍ୱାଇଁ ଆଜି ପୂବାହ୍ନ ୧୧ଟା ସମୟରେ ଗାଧୋଇ ଆସି ବାଡ଼ିରେ ଲୁଗା ଶୁଖାଉଥିଲେ। ଲୁଗା ଶୁଖାଇବା ସମୟରେ ଏକ ସର୍ପ ତାଙ୍କ ପାଦକୁ ଦଂଶନ କରିଥିଲା। ଫଳରେ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ସଂଗେ ସଂଗେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୁଅ ଭାଗ୍ୟଶଙ୍କର ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ୨୩/୨୫ରୁଜ୍ଜୁ କରି ତଦନ୍ତ କରିବା ସହ ବ୍ୟବଚ୍ଛେଦ କରିବା ବ୍ୟବସ୍ଥା କରାଇଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମରଶରୀର ହସ୍ତାନ୍ତର କରାଯାଇଛି।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ସଭା



ଧର୍ମଶାଳା, ୨୬।୭ (ସମିସ): ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆଜି ବାଣିପୀଠ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ଥିବା ବରିଷ୍ଠ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବର୍ଷିଆନ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଯୋଗଦେଇଥିଲେ। ସଂସଦର ପୂର୍ବତନ ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧର୍ମଶାଳା ବାଣୀପୀଠର ପ୍ରଧାନଶିକ୍ଷକ ବାସୁଦେବ ରାଉଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବ ଶେଷରେ ସମ୍ପାଦକ ଆଦିକନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ପୁରାତନ ଛାତ୍ରସଂସଦର କର୍ମକର୍ତ୍ତା, ସଦସ୍ୟ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷିକାମାନେ ଉପସ୍ଥିତ ଥିଲେ।

## ଜବତ ଦୁଇ ବାଲି ଗାଡ଼ିର ଚାଳକ ଗିରଫ





ପାଣିକୋଇଲି, ୨୬।୭ (ସମିସ): ଗତ ୧୯ ତାରିଖ ଯାଜପୁର ଖଣିବିଭାଗର କନିଷ୍ଠ ଖଣିଅଧିକାରୀ ଦୁଇଟି ବାଲିବୋଝେଇ (ହାଇୱା ଓ ଟିପ୍ପର)କୁ ଜବତ କରି ପାଣିକୋଇଲି ପୁଲିସ ଜିମା ଦେଇଥିଲେ। ପାଣିକୋଇଲି ପୁଲିସ ଦୁଇଟି ମାମଲା ୨୨୮/୨୫ ଓ ୨୨୯/୨୫ ମାମଲା ରୁଜ୍ଜୁ କରିଥିଲା। ହାଇୱାର ଚାଳକ ଭଦ୍ରକ ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ଦୋଳସାହି ଗ୍ରାମର ଟୁକୁନା ନାଥ (୩୫) ଓ ଟିପର ଚାଳକ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନ୍ଦପୁର ଗ୍ରାମର ଗଣେଶ ରାଉତଙ୍କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

● କଳାପଲସର ଆତଙ୍କ

## ଦୋକାନରୁ ଝାମ୍ପିନେଲେ ୮୦ ହଜାର ଟଙ୍କା

ପାଣିକୋଇଲି, ୨୬।୭ (ସମିସ): ପାଣିକୋଇଲି ବଜାର ହାଇସ୍କୁଲ ନିକଟରେ ଥିବା ଅଳତିରି କାଙ୍କଲାପାଟଣା ଗ୍ରାମର ସଦାଶିବ ସାହୁଙ୍କ ସାଇକଲ ଦୋକାନରୁ ଲୁଟ୍ ହୋଇଛି। ଆଜି ଅପରାହ୍ନ ୨ଟା ସମୟରେ ଦୁଇ ଜଣ ଅଜଣା ବ୍ୟକ୍ତି ଏକ କଳା ପଲସରରେ ଆସି ତାଙ୍କ ଦୋକାନ ସମ୍ମୁଖରେ ରଖି ଏକ ଲାଇଟର ମାଗିଥିଲେ। ସଦାଶିବ ଲାଇଟର ଦେବା ପରେ ସେମାନେ ଶହେ ଟଙ୍କିଆ ନୋଟ ଦେଇଥିଲେ। ସଦାଶିବ ୫୦ଟଙ୍କା ରଖି ୫୦ଟଙ୍କା ଫେରସ୍ତ କରିଥିଲେ। ସେ ପୁଣି ଦୁଇଟି ୫୦ଟଙ୍କା ଦେଇ ଏକ ଶହେ ଟଙ୍କିଆ ମାଗିଥିଲେ। ସଦାଶିବ ବ୍ୟାଗ ଖୋଲିବା କ୍ଷଣି ବ୍ୟାଗଟିକୁ ଝାମ୍ପି ନେଇ ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ। ସେହି ବ୍ୟାଗରେ ମୋଟ ୮୦ ହଜାର ଟଙ୍କା ଥିବା ସଦାଶିବ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଯୌତୁକ ପାଇଁ ମହିଳାଙ୍କୁ ନିର୍ଯାତନା ଅଭିଯୋଗ



ବିଞ୍ଝାରପୁର, ୨୬।୭ (ସମିସ): ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତ ଫଜିଲାମହଲାର ଜଣେ ସଂଖ୍ୟାଲଘୁ ମହିଳାଙ୍କୁ ଶାଶୂ ଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ୨୦ମାସର ଶିଶୁପୁତ୍ରକୁ ନେଇ ନ୍ୟାୟ ପାଇଁ ବିଞ୍ଝାରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ସମ୍ପୃକ୍ତ ମହିଳା କରିସ୍ମା ରୁମାନ। କରିସ୍ମାଙ୍କ ଅଭିଯୋଗ ଅନୁଯାଇ ୨୦୨୨ ଡିସେମ୍ବର ୧୮ରେ ତାଙ୍କର ବାହାଘର ମୁସଲିମ ରୀତିନୀତି ଅନୁଯାଇ ଅମିରୁଦ୍ଦିନ ଖାଁଙ୍କ ପୁଅ ଜଫିରୁଦ୍ଦିନ ଖାଁଙ୍କ ସହ ସମ୍ପନ୍ନ ହୋଇଥିଲା। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ୨ ଲକ୍ଷ ଟଙ୍କା, କିୟା ସେଲଟସ କାର୍ ଓ ସୁନା ଅଳଙ୍କାର ଆଦି କରିସ୍ମାଙ୍କ ବାପା ଫକୀରଦ୍ଦିନ ପ୍ରଦାନ କରିଥିଲେ। ମାତ୍ର ବାହାଘରର କିଛି ମାସ ପରେ ଅଧିକ ଯୌତୁକ ଦାବି କରି ଶାଶୂ, ଶ୍ୱଶୁର, ସ୍ୱାମୀ, ନଣନ୍ଦ ମିଳିତ ଭାବେ କରିସ୍ମାଙ୍କୁ ମାଡ଼ ମାରିବା ସହିତ ନିର୍ଯାତନା ଦେଇଆସୁଛନ୍ତି। ଏପରିକି ଜୀବନରୁ ମାରିଦେବାକୁ ମଧ୍ୟ କରିସ୍ମାଙ୍କୁ ଧମକ ଦିଆଯାଉଛି। ଯାହାକୁ ନେଇ କରିସ୍ମା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ପାଇଁ ଦାବି କରିଛନ୍ତି। ବାରମ୍ବାର ଶାଶୂଘର ଲୋକ କରିସ୍ମାଙ୍କୁ ମାଡ଼ କରିବା ସହିତ ଯାଜପୁର ରୋଡ଼ଠାରେ ଥିବା ପୈତୃକ ସମ୍ପତିରୁ ଭାଗ ନେବା ପାଇଁ ଶାଶୂଘର ଲୋକ କରିସ୍ମାଙ୍କ ଉପରେ ଚାପ ପକାଉଛନ୍ତି। ବାରମ୍ବାର ନିର୍ଯାତନାର ଶିକାର ହେବା ପରେ କରିସ୍ମା ମୁହଁ ଖୋଲିଛନ୍ତି। ଘଟଣା ଜଣାପଡ଼ିବା ପରେ ଗ୍ରାମର ବୟୋଜ୍ୟେଷ୍ଠ ସଂଖ୍ୟାଲଘୁ ମୁରବିମାନଙ୍କୁ ନେଇ ଏକ ବୈଠକ ହୋଇଥିଲା ବୈଠକରେ ନିଆଯାଇଥିବା ନିଷ୍ପତିକୁ କରିସ୍ମାଙ୍କ ଶାଶୂଘର ଲୋକ ନ ମାନି ବରଂ ତାଙ୍କୁ ଅଧିକ ନିର୍ଯାତନା ଦେଇଥିଲେ। ଫଳରେ ଏବେ ନିଜର ଦେଢ଼ବର୍ଷର ଶିଶୁପୁତ୍ରକୁ ଧରି ନ୍ୟାୟ ପାଇଁ କରିସ୍ମା ବିଞ୍ଝାରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। କରିସ୍ମାଙ୍କ ଠାରୁ ଲିଖିତ ଅଭିଯୋଗ ପାଇ ବିଞ୍ଝାରପୁର ଥାନା ପୁଲିସ ଏହି ଘଟଣାରେ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଛି।

## ଶିକ୍ଷକ ସଂଗଠନର ଆନ୍ଦୋଳନ ପାଇଁ ସଜବାଜ

ଯାଜପୁର, ୨୬।୭ (ସମିସ): ରାଜ୍ୟ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ରକ୍ଷା କରୁନଥିବାରୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାର ଯଦି ଦାବିପୂରଣ ନ କରନ୍ତି ତେବେ ଆସନ୍ତା ଅଗଷ୍ଟ ୧୬ ତାରିଖରେ ଗାନ୍ଧୀମାର୍ଗରେ ମହାସମାବେଶ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅଗଷ୍ଟ ୨ରେ ୧୦ ଗୋଟି ବ୍ଲକର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା, ଅଗଷ୍ଟ ୮ରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ଓଷ୍ଟାର ସମ୍ପାଦକ ପବିତ୍ର କୁମାର ପଣ୍ଡାଙ୍କ ଆବହକତ୍ୱ ଓ ଯାଜପୁର ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମନ୍ୱୟ ସମିତିର ସାମିଲ ସଂଗଠନ ଗୁଡିକର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ। ବ୍ଲକ ସଂଗଠନର ସମ୍ପାଦକ ସଭାପତିଙ୍କ ସମେତ ଜିଲ୍ଲା ସଂଗଠନର ସମସ୍ତ କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳଙ୍କ ସମତେ ଜିଲ୍ଲା ସହ ସମ୍ପାଦକ ରାଜକିଶୋର ପରିଡ଼ା, ଦିବ୍ୟଲୋଚନ ମହାପାତ୍ର, ମମତା ମିଶ୍ର, ରମେଶ ଚନ୍ଦ୍ର ବେହେରା, ପ୍ରତାପ ପହି, ଶ୍ରୀପତୀ ବାରିକ, ଅମୂଲ୍ୟ କୁମାର ନାୟକ, ସନ୍ତୋଷ କୁମାର ମିଶ୍ର, ଉପେନ୍ଦ୍ର ବେହେରା, ସଞ୍ଜୟ କୁମାର ସାହୁ, ଭରତ ଚନ୍ଦ୍ର ନାୟକ, ତ୍ରିଲୋଚନ ପଣ୍ଡା, ଜୁନେଦ୍ ଅଖତର, ସୁଜାତା ମହାପାତ୍ର, ସତ୍ୟବାଦି ପଣ୍ଡା, ନବକିଶୋର ପଣ୍ଡା, ପ୍ରଭାତ କୁମାର ଚନ୍ଦ, ଦୀନବନ୍ଧୁ ଧଳ ପ୍ରମୁଖ ଆଲୋଚନରେ ଅଂଶଗ୍ରହଣ କରିଥିଲେ।




## ମରାମତି ହେଲା ଜାରକା ଯାତ୍ରୀ ବିଶ୍ରାମଗୃହ



ଧର୍ମଶାଳା, ୨୬।୭ (ସମିସ): କିଛିଦିନ ହେବ ବର୍ଷା ପବନରେ ଜାରକା ବାଇପାସ୍ ୧୬ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଯାତ୍ରୀ ବିଶ୍ରାମଗୃହର ଆଜବେଷ୍ଟସ ଉଡ଼ିଯିବା ସହ ପିଲାର ଗୁଡିକ ଭାଙ୍ଗିରୁଜି ଯାଇଥିଲା। ଫଳରେ ଯାତ୍ରୀମାନେ ଖରା ଓ ବର୍ଷାରେ ବସ୍‌କୁ ଅପେକ୍ଷା କରି ହଇରାଣ ହରକତ ହେଉଛନ୍ତି। ଏହାକୁ ଦୃଷ୍ଟିରେରଖି ଧର୍ମଶାଳା ବ୍ଲକର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡା ଶ୍ରମିକଙ୍କୁ ନିୟୋଜିତ କରି ଯାତ୍ରୀ ବିଶ୍ରାମଗୃହର ମରାମତି କରୁଥିବା ଦେଖିବାକୁ ମିଳିଛି। ସେହିପରି ଜାରକା ଫ୍ଲାଏଓଭର ବ୍ରିଜ ନିକଟରେ ଥିବା ଲୋକାଲ ବସ ରହଣୀ ସ୍ଥାନରେ ଯାତ୍ରୀଙ୍କ ରହଣି ପାଇଁ ଏକ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ କରାଯାଉଛି। ସେଠାରେ ଥିବା ଏକ ଶୌଚାଳୟକୁ ମଧ୍ୟ ସଫା କରାଯାଇଛି। ଜାରକାରେ ମହିଳା ଯାତ୍ରୀମାନଙ୍କ ପାଇଁ ଶୌଚାଳୟଟିଏ ନ ଥିବାରୁ ସେମାନେ ବହୁ ହଇରାଣ ହରକତ ହେଉଛନ୍ତି। ସେଥିପାଇଁ ଜାରକା ବିଟ୍‌ହାଉସ ପାର୍ଶ୍ୱରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଶୌଚାଳୟକୁ ଶ୍ରୀ ପଣ୍ଡା ସମେତ ତାଙ୍କ ସମର୍ଥକମାନେ ସଫା କରୁଥିବା ଦେଖିବାକୁ ମିଳିଛି। ଶୌଚାଳୟଟି ସଫା କରାଗଲେ ମହିଳା ମାନେ ସୁବିଧାରେ ଶୌଚ କରିପାରିବେ। ତାର ଆଗରେ ଏକ ୱାଲ କରାଯାଉଛି। ଶୌଚାଳୟ ପାର୍ଶ୍ୱରେ କିଛି ଫୁଲ ଓ ଫଳ ଚାରା ମଧ୍ୟ ଲଗାଯାଇଛି। ସରକାରୀ ଅର୍ଥରେ ହେବାକୁ ଥିବା କାର୍ଯ୍ୟକୁ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀ ପଣ୍ଡା ନିଜ ଖର୍ଚ୍ଚରେ କରୁଥିବାରୁ ସାଧାରଣରେ ତାଙ୍କର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ନବାଗତକୁ ସ୍ୱାଗତ ସମ୍ବର୍ଦ୍ଧନା



ସିଂହପୁର, ୨୬।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ମମତାମୟୀ ସାମଲଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାମଲ ସଭା ପରିଚାଳନା କରିଥିଲେ। ପ୍ରଧାପକ ଶ୍ରୀକାନ୍ତ ନାୟକ, ଅଧାପକ ବିଜୟ କୁମାର ପତି, ମୀନକେତନ ତ୍ରିପାଠୀ, ସୁରେନ୍ଦ୍ର କୁମାର ସାମଲ, କୈଳାସ ଚନ୍ଦ୍ର ମିଶ୍ର, ଗଗନ ବିହାରୀ ବେହେରା, ଡ.ଅରୁଣ କୁମାର ସାମଲ, ଡ. ଗାୟତ୍ରୀ ଧଳ, ବୈଭବ ନାୟକ, କମଳ ସେଠୀ, ନୀଳମଣି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅଧାପକ, ଅଧାପିକା, କର୍ମଚାରୀମାନେ ସହଯୋଗ କରିଥିଲେ।

## ବରୀ-ବରୁଆଁ ମୁଖ୍ୟ ରାସ୍ତା ଶୋଚନୀୟ

ବରୀ, ୨୬।୭ (ସମିସ): ଯାଜପୁର ଜିଲ୍ଲା ବରୀ ବ୍ଲକକୁ ମୁଖ୍ୟ ସଂଯୋଗୀକରଣ ବରୀ-ବରୁଆଁ ରାସ୍ତା ଏବେ ପାଲଟିଛି ମରଣଯନ୍ତା। ଦୈନିକ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ଗାଡ଼ି ମଟର ଓ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତା ଖରାପ ଯୋଗୁଁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ଯାହାକୁ ନେଇ ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୩ ମାସ ପୂର୍ବରୁ ୪୦ ଲକ୍ଷ୍ୟରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ବରୁଆଁ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାରଙ୍କ ଜରିଆରେ ଏହି ରାସ୍ତାର ଖାଲ ଖମା ମରାମତି କରାଯାଇଥିଲା। ହେଲେ ଏବେ ପିଚୁ ଉଠି ବଡ଼ ବଡ଼ ଗାତ ସୃଷ୍ଟି ହେଲାଣି। ନିମ୍ନମାନର କାର୍ଯ୍ୟ ହେଉଥିବା ବେଳେ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ନ ରହିବା ଯୋଗୁଁ ଠିକାଦାର ଠକି ସରକାରୀ ଅର୍ଥକୁ ଲୁଟୁଥିବା ବେଳେ ଖୋଦ୍ ବିଭାଗୀୟ ଅଧିକାରୀମାନେ ପିସି ନେଇ ଚୁପ୍ ବସିଛନ୍ତି। ଖାଲି ଏତିକି ନୁହେଁ ଲଘୁଚାପ ଜନିତ ବର୍ଷାରେ ଖାଲରେ ପାଣି ଜମି ବାଇକ୍ ଆରୋହୀମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟିକରୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବରୀଠାରୁ ଯାଜପୁର ଜିଲ୍ଲା ମୁଖ୍ୟାଳୟକୁ ଏହି ରାସ୍ତାଟି ଯୋଗା ଯୋଗର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଦୀର୍ଘ ବର୍ଷ ଧରି ଏହି ରାସ୍ତାର ରୂପ ରେଖ ବଦଳୁ ନଥିବାବେଳେ ରାଜ୍ୟରେ ନୂଆ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବରୀ ଅଞ୍ଚଳର ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।



### ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ, ସମିତିସଭ୍ୟ

## ବୃନ୍ଦାଦେଇପୁର ପଞ୍ଚାୟତରେ ଅଚଳାବସ୍ଥା

କବାଟବନ୍ଧ, ୨୬।୭ (ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅଚଳାବସ୍ଥାର ଅଭିଯୋଗ ଆଣିଲେ ସରପଞ୍ଚ ସୁଶାନ୍ତ ଶତପଥୀ ଏବଂ ସମିତିସଭ୍ୟ ଦୀପକ କୁମାର ଦାସ। ପଞ୍ଚାୟତରେ ପ୍ରାୟ ବର୍ଷେ ହେବ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲାପାଳ ମଧ୍ୟ ବିଡିଓ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୃନ୍ଦାଦେଇପୁର ପଞ୍ଚାୟତ ତଥା ସ୍ଥାନୀୟ ଅଞ୍ଚଳବାସୀ ଏପରି ମନୋଭାବକୁ ନେଇ ଦୃଢ ନିନ୍ଦା ମଧ୍ୟ କରୁଛନ୍ତି। ପଞ୍ଚାୟତରେ ପିଇଓ ଏବଂ ଏଡିଇଓ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନଥିବା ବେଳେ କେବଳ ମାସିକିଆ ବୈଠକ ଏବଂ ଭତ୍ତା ଦେବା ସମୟରେ ଉପସ୍ଥିତ ରହିଥାନ୍ତି ବୋଲି ଅଭିଯୋଗ କରିଛନ୍ତି ଉଭୟ ସରପଞ୍ଚ ଓ ସମିତି ସଭ୍ୟ। ଅନ୍ୟ ଦିନରେ ଦେଖିବା ପଞ୍ଚାୟତରେ ଦିବାସ୍ୱପ୍ନ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୂର୍ବରୁ ହୋଇଥିବା ପଞ୍ଚାୟତର ବିଭିନ୍ନ ବିଭାଗରେ ଅର୍ଥ ତଥା ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଫାଇଲ୍ ଖୋଲିବାକୁ କହିବାରୁ ସେ ବିଭିନ୍ନ ଆଳ ଦେଖେଇ ଅଣଦେଖା କରି ଚାଲିଯାଉଥିବା ଅଭିଯୋଗ ହେଉଛି। ନିକଟରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧିକାଂଶ ଯୋଗ୍ୟ ତଥା ବିଭିନ୍ନ ବର୍ଗର ଅନୁସୂଚିତ ଜାତି ଏବଂ ଜନଜାତି ର ୮୦ଧ ପ୍ରତିଶତ ଭିନ୍ନକ୍ଷମ କର୍କଟ ରୋଗୀ ଓ ବିଧବା ମହିଳା ଥିବା ବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ ହୋଇନାହାଁନ୍ତି। ଏହି ଯୋଜନାରେ ଅନିୟମିତତା କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଥିବା କହିଛନ୍ତି। ସେହିପରି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ ପଞ୍ଚାୟତକୁ ଆସି ସରପଞ୍ଚ ଓ ସମିତିସଭ୍ୟଙ୍କୁ କୌଣସି ସୂଚନା ନ ଦେଇ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ସମନ୍ୱୟର ଅଭାବ ଫଳରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ତଥା ସରକାରଙ୍କ ସମସ୍ତ ସୁବିଧା ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ହେବାରେ ଲାଗିଛି। ବିକଶିତ ଓଡ଼ିଶାର ପ୍ରୋଜେକ୍ଟ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ବୈଠକରେ ସ୍ଥିର ହୋଇସାରିଲା ପରେ କୌଣସି ସୂଚନା ନ ଦେଇ ତାହା କିପରି ବଦଳିଗଲା ବୋଲି ପ୍ରଶ୍ନ କରିଛନ୍ତି। ଯାହାକୁ ନେଇ ସାଧାରଣ ଜନତାଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏମିତି ପରିସ୍ଥିତିରେ ପଞ୍ଚାୟତବାସୀ କି ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟର ସୁବିଧା ନେବେ ତାହା ଏକ ପ୍ରସଙ୍ଗ ପାଲଟିଛି।

## ଆସୁଛି ବଡ଼ ବନ୍ୟା

# ବଢୁଛି ବୈତରଣୀ ଓ ବ୍ରାହ୍ମଣୀର ଜଳସ୍ତର

ଯାଜପୁର,୨୬।୭ (ସମିସ):

ଯାଜପୁର ଜିଲ୍ଲାରେ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ସମସ୍ତ ନଦୀର ଜଳସ୍ତର ବୃଦ୍ଧି ପାଉଛି ଏବଂ ସମସ୍ତ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ତେଣୁ ଆସନ୍ତାକାଲି ସୁଦ୍ଧା ବନ୍ୟା ଜଳ ଅଧିକ ହେବାର ଆଶଙ୍କା ରହିଛି। ଏଥିପାଇଁ ନଦୀକୂଳିଆ ଅଞ୍ଚଳର ଲୋକେ ଅଧିକ ସତର୍କ ହେବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦସଂକେତ ୩୮.୩୬୦ ମିଟର ଥିବା ବେଳେ ଶନିବାର ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଜଳସ୍ତର ୩୯.୧୪୦ ମିଟର ରହିଥିଲା। ସେହିପରି ବ୍ରାହ୍ମଣରେ ଜେନାପୁର ଠାରେ ୬୭ ଫୁଟ ବିପଦସଂକେତ ଥିବା ବେଳେ ସନ୍ଧ୍ୟା ସୁଦ୍ଧା ୬୧.୫୦ ଫୁଟ ଜଳ ପ୍ରବାହିତ ହେଉଛି। ନଦୀକୂଳିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର କରାଯାଇ ଲୋକଙ୍କୁ ସତର୍କ କରାଯାଇଛି। ତଳିଆ ଅଞ୍ଚଳର ଲୋକେ ଉଚ୍ଚସ୍ଥାନକୁ ଚାଲିଯିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆଜି ଅପରାହ୍ନରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ବୈତରଣୀ ଓ ବ୍ରାହ୍ମଣୀ ନଦୀରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ବୈତରଣୀ ନଦୀରେ ଆଜି ରାତି ସୁଦ୍ଧା ଅଧିକ ବନ୍ୟାଜଳ ପ୍ରବାହିତ ହେବାକୁ ଥିବାରୁ ସମସ୍ତ ବିଡିଓ, ତହସିଲଦାର ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଠି ଘାଇ ହେବାର ସମ୍ଭାବନା ରହୁଛି, ସେଠାକାର ଲୋକମାନଙ୍କୁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟମାନଙ୍କରେ ଥିବା ଅସ୍ଥାୟୀ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରଣ କରାଯିବ। ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ଖାଇବା ପିଇବା ବନ୍ଦୋବସ୍ତ କରିବାକୁ ବିଡିଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ବ୍ଲକ୍‌ମାନଙ୍କରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରଖି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ନାମ ଓ ଫୋନ ନମ୍ବର ଜିଲ୍ଲା ଜରୁରୀକାଳୀନ ବିଭାଗକୁ ପଠାଇବାକୁ କହିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଆବଶ୍ୟକୀୟ ଶୁଖିଲା ଖାଦ୍ୟ ଚୁଡ଼ାଗୁଡ଼ ବ୍ଲକ୍ ଓ ଗ୍ରାମପଞ୍ଚାୟତ ପଏଣ୍ଟକୁ ଯୋଗାଇବାକୁ ବ୍ୟବସ୍ଥା କରିବେ। ମାର୍କେଟିଂ ଇନସ୍ପେକ୍ଟରମାନେ ବ୍ଲକ୍ ପଏଣ୍ଟରେ ଉପସ୍ଥିତ ରହିବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଆସନ୍ନ ପ୍ରସବ କରିବାକୁ ଥିବା ଗର୍ଭବତୀ ମହିଳାକୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇବେ। ଦୁଇଟି ଓଡ୍ରାଫ ୟୁନିଟ ବ୍ଲକ୍ ଏବଂ ଜିଲ୍ଲା ହେଡକ୍ୱାର୍ଟରରେ ମୁତୟନ କରାଯିବ। ଜିଲ୍ଲା ଶିକ୍ଷା ଅଧିକାରୀ, ବିଇଓ, ସିଆର୍‌ସିସି ଓ ହେଡମାଷ୍ଟରମାନଙ୍କୁ ପ୍ରଭାବିତ ହେବାକୁ ଥିବା ବ୍ଲକ୍‌ର ବିଦ୍ୟାଳୟମାନଙ୍କରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ସମସ୍ତ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ରିଲିଫ ଓ ଉଦ୍ଧାର କାର୍ଯ୍ୟର ଫଟୋ ଗ୍ରୁପରେ ସେୟାର କରିବାକୁ ପରାମର୍ଶ ଦେଇଥିଲେ। ଶ୍ରାବଣ ମାସ ସୋମବାର ଥିବାରୁ ନଦୀର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଧିକ ସତର୍କ ରହିବାକୁ ପ୍ରଶାସନ, ପୁଲିସ ଓ ଅଗ୍ନିଶମ ବିଭାଗକୁ ପରାମର୍ଶ ଦେଇଥିଲେ। ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଦେବିଗଡ଼ା ଓ ବଲ୍ଲଭୀ ଘାଟରୁ ଶ୍ରଦ୍ଧାଳୁମାନେ ପାଣି ଉଠେଇବାକୁ ଥିବାରୁ ନିର୍ବାହୀ ଅଧିକାରୀ ପୌର ପରିଷଦ ସତର୍କ ଓ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମସ୍ତ ଡାକ୍ତରଖାନାରେ ସାପ କାମୁଡ଼ା ଔଷଧ, ଅତ୍ୟାବଶ୍ୟକ ଔଷଧ, ଓଆର୍‌ଏସ୍, ବ୍ଲିଚିଂ ପାଉଡର, କ୍ଲୋରିନ ଟାବଲେଟ ମହଜୁଦ ରଖିବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



## ନଦୀକୂଳିଆ ଲୋକଙ୍କୁ ସତର୍କ କଲା ପ୍ରଶାସନ

■ ରେଙ୍ଗାଲି ଡ୍ୟାମର ୩ ଗେଟ୍ ଖୋଲା

## ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା

ଧର୍ମଶାଳା: ବ୍ରାହ୍ମଣୀ ନଦୀରେ ଚଳିତ ବର୍ଷ ଦ୍ୱିତୀୟ ବନ୍ୟା ଆସିଛି। ଫଳରେ ପୂର୍ବପରି ଅନେକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ପ୍ରକାଶ ପାଇଛି। ଗତ ଥର ଉପରମୁଣ୍ଡରେ ବର୍ଷା ହେବା ଫଳରେ ରେଙ୍ଗାଲି ଡ୍ୟାମର ୩ ଗୋଟି ଗେଟ୍ ଖୋଲାଯାଇଥିଲା। ଫଳରେ ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୪. ୮୦ ଫୁଟରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଏଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ପାଖାପାଖି ୨ ଫୁଟ ତଳେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଏବେ ଜେନାପୁର ଠାରେ ବ୍ରାହ୍ମଣୀର ଜଳସ୍ତର ୬୧.୮୦ ରହିଥିବା ବେଳେ ଏହା ଧିରେ ଧିରେ ବୃଦ୍ଧି ପାଇବରେ ଲାଗିଛି। ତେବେ ଉପରମୁଣ୍ଡରେ ବର୍ଷା କମିଯାଇଥିବାରୁ ରେଙ୍ଗାଲି ଡ୍ୟାମର ଆଉ ଗେଟ୍ ଖୋଲାଯିବାର ନାହିଁ ବୋଲି ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ସୂଚନା ଦେଇଛନ୍ତି। ତେବେ ୩ଟି ଗେଟ୍ ଦେଇ ବ୍ରାହ୍ମଣୀ ନଦୀରେ ଆସୁଥିବା ବନ୍ୟା ଜଳ ତଳିଆ ଅଞ୍ଚଳ ପାଇଁ ବିପଦ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଗତ ଥର ବନ୍ୟାରେ କୋତପୁର ପଞ୍ଚାୟତର ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିଲା। ଏବେ ମଧ ସମାନସ୍ଥିତି ଉପୁଜିବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଛି। ଅନ୍ୟପଟେ ସମଲ ବ୍ୟରେଜର ୮ ଗୋଟି ଗେଟ୍ ଖୋଲାଯାଇଥିବାରୁ ବନ୍ୟାଜଳ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି। ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ବଡ଼ ବନ୍ୟା ଆସୁଥିବାରୁ ନଦୀକୁଳିଆ ଲୋକେ ଭୟଭୀତ ହୋଇପଡିଛନ୍ତି। ତେବେ ବନ୍ୟାପାଣି ବିପଦ ସଙ୍କେତ ତଳେ ପ୍ରବାହିତ ହେବା ସହ ନଦୀ କୁଳିଆ ଅଞ୍ଚଳବାସୀ ଭୟଭୀତ ନ ହେବା ପାଇଁ ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି।

## ଜଳବନ୍ଦୀ ହେବ ତଳିଆ ଅଞ୍ଚଳ

ଦଶରଥପୁର: ବୈତରଣୀ ନଦୀର ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳ ଦେଇ ପ୍ରବାହିତ ବୈତରଣୀ ଏବଂ ଶାଖା କାଣି ନଦୀରେ ବନ୍ୟା ସ୍ଥିତି ଉପଜିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ବୈତରଣୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଆଜି ରାତି ସୁଦ୍ଧା ଦଶରଥପୁର ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଦଶରଥପୁରରେ ବୈତରଣୀ ନଦୀର ବିପଦ ସଂକେତ ୯. ୫୨ମି ଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ଏହା ୧୧.୧୦ ମିଟରରେ ପହଞ୍ଚିଛି। ମଧ ରାତ୍ରି ସୁଦ୍ଧା ପାଖାପାଖି ୧୩ ମିଟରରେ ପହଞ୍ଚିପାରେ ବୋଲି ଜଳ ସମ୍ପଦ ବିଭାଗ ତରଫରୁ ସୂଚନା ମିଳିଛି। ଜଳ ସ୍ତର ବୃଦ୍ଧି ପାଉଥିବାରୁ ବୈତରଣୀ ଏବଂ ଶାଖା କାଣି ନଦୀକୂଳବର୍ତ୍ତି ଦଶରଥପୁର ବ୍ଲକ ଅଞ୍ଚଳରେ ବନ୍ୟା ସ୍ଥିତି ଗମ୍ଭୀର ହୋଇପାରେ ବୋଲି ପ୍ରଶାସନ ଆକଳନ କରିଛି। ଆଜି ସନ୍ଧ୍ୟାରେ ନଦୀକୂଳବର୍ତ୍ତି ବାସିନ୍ଦାଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଲୋକଙ୍କୁ ଭୟଭୀତ ନ ହେବା ସହିତ କୌଣସି ପରିସ୍ଥିତିରେ ନଦୀ ଭିତରକୁ ଯିବାକୁ ବାରଣ କରାଯାଇଛି। ସେହିପରି ବନ୍ୟା ଆଶଙ୍କାକୁ ନେଇ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀ ନଦୀବନ୍ଧ ଉପରେ ସତର୍କ ନଜର ରଖିଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ତ୍ରିପାଠୀ ସୂଚନା ଦେବା ସହ ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କାଣି ନଦୀରେ ବନ୍ୟା ସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବା ନିମନ୍ତେ କନିଷ୍ଠ ଯନ୍ତ୍ରୀ ଧିରେନ୍ ପାଣିଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ପ୍ରକାଶ କରିଛନ୍ତି। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ କାର୍ଯ୍ୟାଳୟରେ ୨୪ ଘଣ୍ଟା ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଡିଓ ଆକାଶ ପଟ୍ଟନାୟକ ସୂଚନା ଦେଇଛନ୍ତି। ସବୁ ସରପଞ୍ଚ, ସମିତି ମେମ୍ବର ଓ ଅନ୍ୟ ଜନ ପ୍ରତିନିଧି ମାନଙ୍କ ସହିତ ସେ ଯୋଗାଯୋଗରେ ରହିଥିବା କହିଥିବା ବେଳେ ପରିସ୍ଥିତିକୁ ନଜରରେ ରଖି ଆବଶ୍ୟକ ମୁତାବକ ଚୁଡା, ଗୁଡ଼ ମହଜୁଦ ରଖାଯାଇଛି ବୋଲି ସୂଚନା ଦେଇଛନ୍ତି। ବିଡିଓ ଶ୍ରୀ ପଟ୍ଟନାୟକ ଶନିବାର ରାତିରେ ବ୍ଲକ ଅଧୀନ କଣ୍ଟପଡା, ଦଉପୁର, କସପା, କମାରଡିହି, କଁୟା ଆଦି ଅଞ୍ଚଳ ଅନୁଧ୍ୟାନ କରିଥିବା ବେଳେ ଦୁର୍ବଳ ନଦୀବନ୍ଧ ପାଇଁ ପ୍ରଯ୍ୟାପ୍ତ ପରିମାଣରେ ବାଲିବସ୍ତା ଏବଂ ବହ୍ଲା ରଖାଯାଇଛି ବୋଲି ବ୍ଲକ ଜଳସମ୍ପଦ କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀ ସୂଚନା ଦେଇଛନ୍ତି। ଅପରପକ୍ଷେ ବୈତରଣୀ ନଦୀ ଅବବାହିକା କଁୟାଗୋଲା ଠାରେ ଆଜି ସନ୍ଧ୍ୟାରେ ଗୋଟିଏ ବଡ଼ କୁମ୍ଭୀରକୁ ଦେଖି ନିକଟବର୍ତ୍ତୀ ଗ୍ରାମବାସୀ ଆତଙ୍କିତ ହୋଇପଡିଥିବା ସୂଚନା ମିଳିଛି।

■ ରାଉତରାପୁର ପଞ୍ଚାୟତରେ ମାତିଛନ୍ତି ବାଲି ଲୁଟେରା

## ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ଯାଜପୁର,୨୬।୭ (ସମିସ): ରସୁଲପୁର ବ୍ଲକ ସାମନ୍ତରାପୁର ରାଜସ୍ୱ ବିଭାଗ ଅଧୀନରେ ଥିବା ରାଉତରାପୁର ପଞ୍ଚାୟତସ୍ଥ ଦେଉଳି ଓ ରତପୁର ମୌଜାରେ ବାଲି ମାଫିଆମାନେ ସକ୍ରିୟ ହୋଇପଡିଛନ୍ତି। ବ୍ରାହ୍ମଣୀ ନଦୀ ଘାଟ ଅଞ୍ଚଳ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ମାଫିଆମାନେ ସରକାରୀ ନିୟମକୁ ବେଖାତିର କରି ପ୍ରୋକେଲିନ ମେସିନ ଦ୍ୱାରା ବାଲି ଉତୋଳନ କରି ଦୈନନ୍ଦିନ ଶହଶହ ଟ୍ରିପ୍ ହାଇୱାରେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ବାଲିଚାଲାଣ କରାଯାଉଛି। ଏହି ବାଲି ବୋଝେଇ ହାଇୱା ଗ୍ରାମାଞ୍ଚଳ କଂକ୍ରିଟ୍ ରାସ୍ତା, ଗାଁ ନଦୀ ବନ୍ଧ ରାସ୍ତା



ଦୁର୍ବଳ ହେବାରେ ଲାଗିଛି। ଏହି ସବୁ ରାସ୍ତା ବଡ଼ବଡ଼ ଖାଲଖମାରେ ପରିଣତ ହେବା ସହିତ ବର୍ଷା ଦିନେ ଯାତାୟତ କରୁଥିବା ଜନସାଧାରଣ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ବ୍ରାହ୍ମଣୀ ନଦୀ ଉପରେ କୁଣ୍ଡାପାଟଣା ଓ ସାମନ୍ତରାପୁରକୁ ଅଞ୍ଚଳକୁ ସଂଯୋଗ କରୁଥିବା ହାଇଲେବୁଲ ବ୍ରିଜ ଏବେ ବିପଦର ସମ୍ମୁଖୀନ ହେବାକୁ ଯାଉଛି। ଉଭୟ ପାଶ୍ୱର୍ର ଆପ୍ରୋଚ ରୋଡରୁ ମାଟି ଧସିବା ସହ ସେତୁ ନିକଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଛି। ଯାହାକି ସେତୁର ଖୁଣ୍ଟ ଦବିବା ଯଥେଷ୍ଟ ସମ୍ଭାବନା ରହିଛି। ସରକାରୀ ନିୟମ ଅନୁଯାୟୀ କୌଣସି ସେତୁ ଠାରୁ ଅଧ କିମି ପରିସର ଭିତରେ ବାଲି ଉତ୍ତୋଳନ ବେଆଇନ। କିନ୍ତୁ ଏଠାରେ ମାଫିଆମାନେ ବ୍ୟକ୍ତିଗତ ଜମି ଉପରେ ଜୋରଜବରଦସ୍ତ କରି ଗାଡି ନେଉଥିବା ବେଳେ ଜମି ମାଲିକ ବିରୋଧ କରିବାରୁ ସେମାନଙ୍କ ପରିବାରକୁ ଧମକ ଦିଆଯାଉଛି। ରାତି ଅଧରେ ଗାଡ଼ି ଚଳଚଳା ହେବାରୁ ଏହାର ଶବ୍ଦରେ ରାତିରେ ସ୍ଥାନୀୟ ଲୋକେ ଶୋଇପାରୁନାହାନ୍ତି। ଏହି ରାସ୍ତା ଦେଇ ଯାଇଥିବା ଗାନ୍ଧିଜୀ ଶିକ୍ଷା ପ୍ରତିଷ୍ଠାନର ନିଜସ୍ୱ ଜମି ଉପରେ ମାର୍ଚ୍ଚ ୨୩ ତାରିଖରେ ମିସ୍ କେସ୍ ନଂ ୯୪୭/୨୦୨୫ରେ ୧୬୩ ଧାରା ବଳବତ୍ତର ରହିଛି। ଅନ୍ୟ ଏକ ସ୍ଥାନରେ ଚଳିତ ମାସ ୨୩ ତାରିଖରେ ୧୬୩ ଧାରା ଲାଗିଥିବା ବେଳେ କିପରି ବେଆଇନ ଭାବେ ବାଲି ଚାଲାଣ ହେଉଛି ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ଘଟଣାକୁ ନେଇ ରାଉତରାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ସାହୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ବିଭାଗ ମନ୍ତ୍ରୀ, ଜିଲ୍ଲା ଖଣି ବିଭାଗ, ଉପ-ଜିଲ୍ଲାପାଳ, ରସୁଲପୁର ତହସିଲଦାର ଓ ଜାରକା ଜଳ ସମ୍ପଦ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ଉପଜିଲାପାଳ ବ୍ରହ୍ମବରଦା ଥାନାକୁ ଏକ ପତ୍ରରେ ଏଠାରେ ବାଲି ଉତୋଳନ ହେଉଛି କି ନାହିଁ ନିର୍ଦ୍ଦେଶ ଦେଇଥିଲେ ମଧ ଅଦ୍ୟବଧି କୌଣସି ତଦନ୍ତ କରାଯାଇ ନ ଥିବା ଅଭିଯୋଗ ହୋଇଛି।

## ସାତ ପେଟି ଚୋରା ମଦ ସହ ସ୍କୁଟି ଜବତ

ବଡଚଣା,୨୬।୭ (ସମିସ): ସାତ ପେଟି ଚୋରା ଆସ୍କା ଫଟି ମଦ ସହିତ ଏକ ସ୍କୁଟି ଗାଡି (ଓଡି୦୪ ପି -୭୩୪୪) କୁ ଜବତ କରାଯାଇଛି। ତେବେ ଏହି ଚୋରା ମଦ ଆଣୁଥିବା ଯୁବକ ଜଣକ କୌଶଳ କ୍ରମେ ସ୍କୁଟି ଗାଡି ସହିତ ମଦ ପେଟି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି। ସୂଚନା ମୁତାବକ ବାଲିଚନ୍ଦ୍ରପୁର ଅଞ୍ଚଳରୁ ଜଣେ ଯୁବକ ସ୍କୁଟି ଯୋଗେ ଚଣ୍ଡିଖୋଲ ଛକ ଦେଇ ଧାନମଣ୍ଡଳ ଅଞ୍ଚଳକୁ ଏହି ଚୋରା ମଦ ଆଣୁଥିବା ବେଳେ ଚଣ୍ଡିଖୋଲ ସିନେମା ରୋଡ଼ ନିକଟରେ କିଛି ଲୋକ ସନ୍ଦେହ କରି ତାଙ୍କୁ ସେଠାରେ ଅଟକାଇଥିଲେ। ହେଲେ ଅଚାନକ ଏଭଳି ପରିସ୍ଥିତି ଦେଖି ଯୁବକ ଜଣକ ସେଠାରୁ ଫେରାର ହୋଇ ଯାଇଥିଲା। ଜବତ ମଦ ଓ ସ୍କୁଟିକୁ ଲୋକମାନେ ଆଣି ଚଣ୍ଡିଖୋଲ ଫାଣ୍ଡି ଜିମା ଦେଇଥିଲେ। ଏହି ଘଟଣାରେ ଫାଣ୍ଡି ଅଧିକାରୀ ତଦନ୍ତ ଚଳାଇଥିବା ଜଣାଯାଇଛି।

## ବେଆଇନ ପାଥୋଲୋଜି କେନ୍ଦ୍ର ବିରୋଧରେ ବଢୁଛି ଅସନ୍ତୋଷ

ଧର୍ମଶାଳା,୨୬।୭ (ସମିସ): ଧର୍ମଶାଳା ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି ଘରୋଇ ଡାକ୍ତରଖାନା ଓ ପାଥୋଲୋଜି କେନ୍ଦ୍ରର ଦାଦାଗିରି। ଡାକ୍ତର ରକ୍ତ ପରୀକ୍ଷା ପାଇଁ ପଠାଉଛନ୍ତି, ହେଲେ ପାଥୋଲୋଜି କେନ୍ଦ୍ର ମନଇଛା ରୋଗୀଙ୍କୁ ଶୋଷଣ କରୁଛନ୍ତି। ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ସେଣ୍ଟ୍ରାଲ ବ୍ୟାଙ୍କ ନିକଟରେ ଥିବା ଏକ ପାଥୋଲୋଜି କେନ୍ଦ୍ର ନାମରେ ଆସିଛି ସାଙ୍ଘାତିକ ଅଭିଯୋଗ। ରକ୍ତ ନମୁନା ନେଲା ପରେ ପାଥୋଲୋଜି ମାଲିକଙ୍କ ଅସଲ ଚେହେରା ଦେଖୁଛନ୍ତି ରୋଗୀ। ମନଇଛା ଟଙ୍କା ନେବା ସହିତ ଆନୁମାନିକ ପରୀକ୍ଷା ରିପୋର୍ଟ ଦେଇ ରୋଗୀଙ୍କୁ ଭଣ୍ଡାଉଛନ୍ତି। ନା ଅଛି ଆବଶ୍ୟକ ମୁତାବକ ଯନ୍ତ୍ରାଂଶ ନା ଅଛି ରେଜିଷ୍ଟ୍ରେସନ ନା ଅଛି ପରୀକ୍ଷା କରୁଥିବା ବ୍ୟକ୍ତିଙ୍କର ଆବଶ୍ୟକ ସାର୍ଟିଫିକେଟ। ଖାଲି ସେତିକି ନୁହେଁ ଯେଉଁ ରୋଗୀମାନେ ଅସ୍ତ୍ରୋପଚାର ପାଇଁ ସ୍ଥାନୀୟ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ରହୁଛନ୍ତି ସେମାନଙ୍କର ରକ୍ତ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ହେବା କଥା; କିନ୍ତୁ ୧୮ ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରୋଗୀମାନଙ୍କୁ ନଗଦ ଆକାରରେ ଦେବାକୁ ପଡୁଛି। ସାମାନ୍ୟ ବଥ କି ବିଣ୍ଡି ଅପରେସନ ପାଇଁ ହଜାର ହଜାର ଟଙ୍କାର ଟେଷ୍ଟ ହେଉଛି। ଯାହା କି ସାଧାରଣରେ ଜନ ଅସନ୍ତୋଷ ଦେଖାଦେଉଛି। କିଛି ଦିନ ତଳେ ଜନୈକ ରୋଗୀ ରକ୍ତ ପରୀକ୍ଷା ପାଇଁ ଏହି ପାଥୋଲୋଜିକୁ ଯାଇ ରକ୍ତ ଦେଇଥିଲେ। ରକ୍ତ ନମୁନା ପାଥୋଲୋଜି ନେବା ପରେ ଭୁଲ ରିପୋର୍ଟ ଯୋଗୁ ରୋଗୀଜଣଙ୍କ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଘୋର ଜନ ଅସନ୍ତୋଷ ଦେଖା ଦେଇଥିଲା। ପରେ ଉକ୍ତ ଘଟଣାକୁ ପାଥୋଲୋଜି ମାଲିକ କୌଶଳ କ୍ରମେ ଚପାଇ ଦେଇଥିଲେ। ବେଆଇନ ଭାବେ ଚାଲିଥିବା ଏହି ପାଥୋଲୋଜି କେନ୍ଦ୍ରରେ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଗଲେ ଅଧିକରୁ ଅଧିକ ରହସ୍ୟଜନକ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଜାତୀୟ ରାଜପଥ ସୁକିନ୍ଦା ଛକ ମରଣଯନ୍ତା



ସୁକିନ୍ଦା,୨୬।୭ (ସମିସ): ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ରାସ୍ତା ମରଣଯନ୍ତା ପାଲଟିଛି। ଦୀର୍ଘ ବର୍ଷ ଧରି ଜାତୀୟ ରାଜପଥ କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଥିବାରୁ ସର୍ଭିସ ରୋଡରେ ସମ୍ପୂର୍ଣ୍ଣ ଯାତାୟାତ ହେଉଛି। ଯାହା ଫଳରେ ଦୈନିକ ଦୁର୍ଘଟଣା ଘଟିଛି। ଗତ କିଛି ଦିନ ହେବ ସର୍ଭିସ ରୋଡରେ ବଡ଼ବଡ଼ ଗାଡ ହୋଇଯିବାରୁ ଦୈନିକ ଦୁର୍ଘଟଣା ଘଟୁଛି। ରାସ୍ତା ଅବସ୍ଥା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଥିବାରୁ ଦୁଇଚକିଆ, ଚାରି ଚକିଆ ଯିବା ଦୂରର କଥା ଟ୍ରକ୍ ମଧ ଜାଇପାରୁନାହିଁ। ସେହି ଗାଡ଼ରେ କୌଣସି ଗାଡ଼ି ଫସିଲେ ଯାତାୟାତ ସମ୍ପୂର୍ଣ ବନ୍ଦ ହେଉଥିବା ଦେଖିବାକୁ ମିଳୁଛି।ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସୁକିନ୍ଦା ଛକର ଉଭୟ ପାଶ୍ୱର୍ ସର୍ଭିସ ରୋଡରୁ ଜାତୀୟ ରାଜପଥ ସଂଯୋଗ ସ୍ଥାନରେ ଆବଶ୍ୟକୀୟ ସୂଚନା ଫଳକ ନଥିବା କାରଣରୁ ଗତ ବର୍ଷେ ଭିତରେ ଶହେରୁ ଉହେର ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ହାନି ହୋଇଥିବା ସହ ଅନେକ ପରିବାର ଉଜୁଡି ଯାଇଥିବା ନଜିର ଅଛି। ଘଟଣା ସମ୍ପର୍କରେ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାରୁ ଏହାର ତୁରନ୍ତ ସମାଧାନ କରିଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯଥାଶୀଘ୍ର ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ସାପ କାମୁଡ଼ାରେ ମହିଳା ଗୁରୁତର

ସୁକିନ୍ଦା,୨୬।୭ (ସମିସ): ସୁକିନ୍ଦା ବ୍ଲକ କଲୋନୀ ନିକଟ ମାଟିଆ ସାହିରେ ସାପ କାମୁଡ଼ାରେ ଜଣେ ମହିଳା ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସୂଚନା ମୁତାବକ ମାଟିଆ ସାହିର ଭାନୁମତୀ ଦାସ ଶନିବାର ଘର ନିକଟରେ କାରବାର କରୁଥିବା ସମୟରେ ସାପ କାମୁଡ଼ାର ଶିକାର ହୋଇଥିଲେ। ପରିବାର ଲୋକେ ଭାନୁମତୀକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭାନୁମତୀ ଏବେ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି।

## ହୋଟେଲରୁ ଝୁଲନ୍ତା ଶବ ଉଦ୍ଧାର

ବଡ଼ଚଣା,୨୬।୭ (ସମିସ): ଚଣ୍ଡିଖୋଲ ଛକରେ ଥିବା ହୋଟେଲ ମିଡ୍‌ଇଷ୍ଟ ଲଜ୍ ୧୦୧ ନମ୍ବର କୋଠରିରେ ଏକ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଖବର ପ୍ରକାଶ ଯେ ମୃତ ବ୍ୟକ୍ତି ଗତ ୬ ମାସରୁ ଉର୍ଦ୍ଧ୍ୱ ହେବ ଉକ୍ତ ଲଜ୍‌ରେ ରହି ଆସୁଛନ୍ତି। ଶୁକ୍ରବାର ଉକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ଡାକିଲା ପରେ କବାଟ ନ ଖୋଲିବାରୁ ଦାୟିତ୍ୱରେ ଥିବା କର୍ମଚାରୀ ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ରୁମ୍‌ର ପଛପଟ ଝରକାରେ ଦେଖିବା ବେଳକୁ ଫ୍ୟାନ୍‌ରେ ଗାମୁଛା ବେକରେ ଲଗାଇ ଝୁଲନ୍ତା ଅବସ୍ଥାରେ ଉକ୍ତ ଲୋକଙ୍କୁ ଦେଖି ଲଜ୍ କର୍ମଚାରୀ ଥାନାକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ମଧୁସ୍ମିତା ବେହେରା, ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ଅଧିକାରୀ ଭାବେ ଶ୍ରୀନିବାସନ ପଙ୍ଗାରି ଥାନା କେଶ୍ ନମ୍ବର ୧୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ଶୁକ୍ରବାର ରାତି ହୋଇଥିବାରୁ ତଦନ୍ତ ହୋଇପାରିନଥିବା ବେଳେ ଶନିବାର ସକାଳୁ ଦର୍ପଣ ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, କଟକ ଫୋରେନ୍‌ସିକ୍ ଟିମର ଯାଞ୍ଚ ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଶବକୁ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ପାଖରେ ଥିବା ଗୋଟିଏ ଲାପଟପ୍, ଦୁଇଟି ଦାମିକା ମୋବାଇଲ୍ ଜବତ୍ ହୋଇଛି। ମୃତ ବ୍ୟକ୍ତି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ନୂଆପାଟଣା ବାଲକାଟି ଗ୍ରାମର ଗୋବର୍ଦ୍ଧନ ସାହୁଙ୍କ ପୁତ୍ର ଅଲିପ୍ ସାହୁ (୩୫)। ସେ ଦୁଇଟି ବଡ଼ ମୋବାଇଲ୍ ଦୋକାନ ବ୍ୟବସାୟୀ କରୁଥିବା ଜଣାପଡ଼ିଛି। ତାଙ୍କର ଗୋଟିଏ ୭ ବର୍ଷର ପୁତ୍ର ଅଛି। ମୃତକଙ୍କ ଭାଇ ଦିଲିପ ସାହୁଙ୍କ ଅଭିଯୋଗ ଅନୁସାରେ ତାଙ୍କ ଗ୍ରାମର ଜଗନ୍ନାଥ ସାହୁଙ୍କ ପୁତ୍ର ବିକ୍ରମ ସାହୁ ଫୋନ ଦ୍ୱାରା ବାରମ୍ବାର ଧମକ ଦେଉଥିବା ଯୋଗୁଁ ତାଙ୍କ ଭାଇ ଆତ୍ମହତ୍ୟା କରିଛନ୍ତି ବୋଲି ଫାଣ୍ଡିରେ ଲିଖିତ ଏତଲା ଦେଇଛନ୍ତି। ଧମକ ଚମକ ଦେଉଥିବା ଫୋନ ରେକର୍ଡିଂ ମଧ ପୁଲିସ୍‌କୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ତରଫରୁ ଦାବି କରାଯାଇଛି।

ଉଚ୍ଚବାଲି ହାଇସ୍କୁଲରେ ଜାତି ବିବାଦ

## ମଧ୍ୟାହ୍ନଭୋଜନରୁ ବଞ୍ଚିତ ୧୦ମ ଶ୍ରେଣୀ ଛାତ୍ର

ଦାନଗଦି,୨୬।୭ (ସମିସ):

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଉଚ୍ଚବାଲି ହାଇସ୍କୁଲରେ ପଢୁଥିବା ଜଣେ ୧୦ମ ଶ୍ରେଣୀର ଛାତ୍ରକୁ ନିଚ୍ଚ ଜାତିର ହୋଇଥିବାରୁ ମଧ୍ୟାହ୍ନ ଭୋଜନ ସମୟରେ ଖାଇବାକୁ ବାରଣ କରାଯାଇଛି। ଏ ନେଇ ସମ୍ପୃକ୍ତ ଛାତ୍ରଙ୍କ ଜେଜେବାପା ନବଘନ ଜେନା ଟମକା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ତାଙ୍କ ନାତି ରୁଦ୍ରନାରାୟଣ ଜେନା ଉଚ୍ଚବାଲି ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢ଼ନ୍ତି। ସ୍କୁଲର ପିଅନ ବିଦ୍ୟାଧର ସାହୁ କିଛି ଦିନ ତଳେ ରୁଦ୍ରଙ୍କୁ ଏକ ବାଡ଼ିରେ ପିଟିବାକୁ ଉଦ୍ୟମ କରିଥିଲେ। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ ହେବା ପରେ ସେ ପିଅନଙ୍କୁ ପଚାରି ଉଭୟଙ୍କୁ ବୁଝେଇକି ପଠାଇ ଦେଇଥିଲେ। ଏହି କଥାଟିକୁ ଆକ୍ରୋଶ ରଖି ପିଅନ ବିଦ୍ୟାଧର ସେହି ସ୍କୁଲରେ ପଢୁଥିବା ତାଙ୍କର ପୁତୁରା ରୁଦ୍ର ସାହୁ ଓ ଅବିନାଶ ପୃଷ୍ଟିଙ୍କୁ ଶିଖେଇ ରୁଦ୍ରନାରାୟଣଙ୍କୁ ପାଖରେ ବସାଇ ଦେଇନଥିଲେ। ଫଳରେ ଛୋଟ ଜାତିର ହୋଇଥିବାରୁ ଆମ ସହିତ ଖାଇ ପାରିବ ନାହିଁ ବୋଲି ପିଲାମାନେ ବାଧ କରିଥିଲେ। ତେଣୁ ରୁଦ୍ରନାରାୟଣ ଖାଦ୍ୟ ଖାଇବାକୁ ଧରିଥିବା ବେଳେ ଦୁଇ ଛାତ୍ର ରୁଦ୍ର ଓ ଓମପ୍ରକାଶ ତାଙ୍କ ଖାଦ୍ୟ ଛଡ଼ାଇ ତଳେ ପକେଇ ଦେଇଥିଲେ। ଏ ଘଟଣାକୁ ସେଦିନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଗୋଲଖ ଚନ୍ଦ୍ର ସାହୁକୁ ଜଣାଯାଇଥିଲା। ହେଲେ ସେ କିଛି ନ ବୁଝିବାରୁ ନିଜକୁ ଲଜ୍ଜିତ ହୋଇ ରୁଦ୍ରନାରାୟଣଙ୍କ ଜେଜେ ୨୫ ତାରିଖରେ ଟମକା ଥାନାରେ ଅଭିଯୋଗ କରିଛନ୍ତି। ଏହା ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ନକଲ ପ୍ରଦାନ କରିଛନ୍ତି ବୋଲି ନବଘନ କହିଛନ୍ତି। ଏ ନେଇ ଟମକା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁଙ୍କୁ ପଚାରିବାରୁ ସେ ପ୍ରଧାନ ଶିକ୍ଷକଙ୍କୁ ଏ ସମ୍ପର୍କରେ ପଚାରି ବୁଝିବା ସହ ଘଟଣାର ତଦନ୍ତ କରୁଛନ୍ତି ବୋଲି କହିଛନ୍ତି।


### ଟମକା ଥାନାରେ ଅଭିଯୋଗ କଲେ ଜେଜେ

ସୃଜନିକା

ସକାଳ
THE SAKALA
www.sakalaepaper.com



# ଏହା ବି ନିଶା ତାହା ବି ନିଶା



ମୂଳ ହିନ୍ଦୀ: ମୁନ୍‌ସୀ ପ୍ରେମଚାନ୍ଦ
ଅନୁବାଦ: ସ୍ନିଗ୍ଧା ନାୟକ

ହୋଲି ଦିନ, ରାୟ ସାହେବ ପଣ୍ଡିତ ଘସିଟେଲାଲଙ୍କ ବାରହଦରୀରେ ଭାଙ୍ଗ ଛଣା ହେଉଥିବା ବେଳେ, ତତ୍‌କ୍ଷଣାତ ଜଣାପଡ଼ିଲା ଯେ ଜିଲ୍ଲାଧୀଶ ମିଷ୍ଟର ବୁଲ୍ ଆସୁଛନ୍ତି। ବୁଲ୍ ସାହେବ ବହୁତ ମେଳାପୀ ବ୍ୟକ୍ତି ଥିଲେ ଆଉ ଏବେ ନିକଟରେ ବିଲାତରୁ ଆସିଥିଲେ। ଭାରତୀୟ ରୀତିନୀତିର ଜିଜ୍ଞାସୁ ଥିଲେ। ଅନେକ ମେଳାକୁ ଯାଉଥିଲେ। ବୋଧେ ଏଇ ବିଷୟ ଉପରେ କୌଣସି ଏକ ବଡ଼ ପୁସ୍ତକ ଲେଖୁଥିଲେ। ତାଙ୍କ ଆସିବାର ଖବର ପାଉପାଉ ଏଇଠି ବଡ଼ ହଙ୍ଗାମା ହେଲା। ସମସ୍ତେ ନଗ୍ନ ଅନାବୃତ ହୋଇ ଭାଙ୍ଗ ଛାଣୁଥିଲେ। କିଏ ଜାଣିଥିଲା କି ଏଇ ସମୟରେ ସାହେବ ଆସିବେ! ଫୁର୍ କରି ସବୁ ପଳାଇ ଗଲେ, କେହି ଉପରକୁ ଯାଇ ଲୁଚିଗଲା, କେହି ଘରକୁ ପଳାଇ ଗଲା କିନ୍ତୁ ବିଚରା ରାୟ ସାହେବ ଯେଉଁଠିକୁ ସେଇଠି ନିଶ୍ଚଳ ହୋଇ ବସି ରହିଲେ। ଅଧାଘଣ୍ଟା ଉଠିବାକୁ ନିଅନ୍ତି ଆଉ ଘଣ୍ଟାଏରେ ଗୋଟାଏ ପାଦ ରଖନ୍ତି, ଏଇ ଭାଗ ଦୌଡ଼ରେ ସେ କେମିତି ଭାଗନ୍ତେ! ଯେତେବେଳେ ଦେଖିଲେ ଯେ, ଆଉ ତାଙ୍କ ପ୍ରାଣ ବଞ୍ଚିବାର କୌଣସି ଉପାୟ ନାହିଁ ତ ଏମିତି ମୁହଁ ବନେଇ ଦେଲେ ଯେମିତି ଜାଣିଶୁଣି ଏଇ ସ୍ୱଦେଶୀ ଠାଣିରେ ସାହେବଙ୍କ ସ୍ୱାଗତ କରିବାକୁ ବସିଛନ୍ତି। ସାହେବ ବାରଣ୍ଡାକୁ ଆସୁ ଆସୁ କହିଲେ – "ହେଲୋ,ରାୟ ସାହେବ ଆଜି ତ ଆପଣଙ୍କର ହୋଲି ଅଟେ।"

ରାୟ ସାହେବ ହାତବାନ୍ଧି କହିଲେ - "ହଁ ସରକାର, ହୋଲି ଅଟେ।"

ବୁଲ୍ - "ଖୁବ୍ ନାଲିରଙ୍ଗ ଖେଳୁଛ ?"

ରାୟ ସାହେବ – "ହଁ ସରକାର ।"

ସାହେବ ପିଚକାରୀ ଉଠେଇ ନେଲେ। ସମ୍ମୁଖ ମାଠିଆରେ ରଙ୍ଗ ରଖା ହୋଇଥିଲା। ବୁଲ୍ ପିଚକାରୀ ଭାରି ନେଇ ପଣ୍ଡିତଜୀଙ୍କ ମୁହଁରେ ଛାଡ଼ିଲେ, ହେଲେ ପଣ୍ଡିତଜୀ ଉଠିଲେ ନାହିଁ ।

ଧନ୍ୟ ଭାଗ! କେମିତି ଏ ସୌଭାଗ୍ୟପ୍ରାପ୍ତ ହେଇ ପାରିଛି। ବାଃରେ ହାକିମ ! ଏହାକୁ ପ୍ରଜାବତ୍ସଲ୍ୟ କୁହନ୍ତି। ଆହା ! ଏଇ ସମୟରେ ସେଠ୍ ଜୋଖନରାମ୍ ଥାଆନ୍ତେ ତ ଦେଖାଇ ଦିଅନ୍ତି କି ଏଠି ଜିଲ୍ଲାରେ ଅଫିସର୍ ଏତେ କୃପା କରନ୍ତି। କୁହନ୍ତୁ ଆସିକି ଯେ, ତାଙ୍କ ଉପରେ ଜଣେ ଗୋରା ମଧ୍ୟ ପିଚକାରୀ ମାରିଛନ୍ତି। ଜିଲ୍ଲାଧୀଶଙ୍କ କଥା ହିଁ କ'ଣ, ଏହା ପୂର୍ବ ତପସ୍ୟାର ଫଳ ଅଟେ ଆଉ କିଛି ନୁହଁ। କେହି ପ୍ରଥମେ ଏକ ସହସ୍ର ବର୍ଷ ତପସ୍ୟା କରୁ, ତେବେ ଏହି ପରମ ପଦ ପାଇପାରିବ। ହାତ ଯୋଡ଼ି କହିଲେ – "ଧର୍ମାବତାର, ଆଜି ଜୀବନ ସଫଳ ହେଇଗଲା ଯେ, ସରକାର ହୋଲି ଖେଳିଲେ ତ ମତେ ବି ହୁକୁମ ମିଳୁ ନିଜ ହୃଦୟର ଅଭିଳାଷ ପୂରଣ କରିନେବି ।"

ଏହା କହି ରାୟ ସାହେବ ଫଗୁର ଗୋଟାଏ ଟିକା ସାହେବଙ୍କ ମଥାରେ ଲଗାଇଦେଲେ।

ବୁଲ୍ – "ଏହି ବଡ଼ ବେଲାରେ କ'ଣ ରଖାଯାଇଛି, ରାୟ ସାହେବ?"

ରାୟ – "ସରକାର, ଏହା ଭାଙ୍ଗ ଅଟେ। ବହୁତ ବିଧିପୂର୍ବକ ତିଆରି ହେଇଛି ହଜୁର୍।"

ବୁଲ୍ – "ଏହାକୁ ପିଇଲେ କ'ଣ ହେବ ?"

ରାୟ – "ହଜୁରଙ୍କ ଆଖି ଖୋଲିଯିବ। ବଡ଼ ବିଲକ୍ଷଣ ବସ୍ତୁ ଅଟେ ସରକାର।"

ବୁଲ୍ – "ଆମେ ବି ପିଇବା।"

ରାୟ ସାହେବଙ୍କୁ ଜଣାଗଲା ଯେମିତି ସ୍ୱର୍ଗର ଦ୍ୱାର ଖୋଲିଗଲା। ଆଉ ସେ ପୁଷ୍ପକ ବିମାନରେ ବସି ଉପରକୁ ଉଡ଼ିଉଡ଼ି ଚାଲିଛନ୍ତି। ଗ୍ଲାସ୍ ତ ସାହେବଙ୍କୁ ଦେବା ଉଚିତ ନ ଥିଲା, କିନ୍ତୁ କୁଲ୍ହଡ୍‌ରେ ଦେବାକୁ ସଙ୍କୋଚ ହେଉଥିଲା। ଶେଷରେ ଅନେକ ଉପର ତଳ ଭାବି ଗ୍ଲାସ୍‌ରେ ଭାଙ୍ଗ ଢାଳିଲେ ଆଉ ସାହେବଙ୍କୁ ଦେଲେ। ସାହେବ ପିଇଗଲେ। ତା' ସୁଗନ୍ଧରେ ଚିତ୍ତ ପ୍ରସନ୍ନ ହେଇଗଲା।

ତା' ପରଦିନ ରାୟ ସାହେବ ଏହି ସାକ୍ଷାତର ଉତ୍ତର ଦେବାକୁ ଗଲେ। ପ୍ରାତଃକାଳ ଜ୍ୟୋତିଷଙ୍କୁ ମୁହୂର୍ତ୍ତ ପଚାରିଲେ। ଠିକ୍ ସମୟରେ ଚାଲିଲେ। ସାହେବ ସେତେବେଳେ ଭୋଜନ କରୁଥିଲେ। ଖବର ପାଉପାଉ ସଲାମ୍ ଦେଲେ। ରାୟ ସାହେବ ଭିତରକୁ ଗଲେ ତ ମଦର ଦୁର୍ଗନ୍ଧରେ ନାକ ଫାଟିବାକୁ ଲାଗିଲା। ବିଚରା ଇଂରାଜୀ ଔଷଧ ପିଉ ନ ଥିଲେ। ନିଜ ଜୀବନରେ ମଦ କେବେ ଛୁଇଁ ନଥିଲେ। ଇଚ୍ଛା ହେଲା ଯେ ସେ ନାକ ବନ୍ଦ କରିଦିଅନ୍ତେ, କିନ୍ତୁ ଭୟ କଲେ ଯେ ସାହେବ ଖରାପ ନ ଭାବନ୍ତୁ! ଶ୍ୱାସ ରୋକି ବସିଥିଲେ। ସାହେବ ଗୋଟିଏ ଚୁସ୍କି ନେଲେ ଆଉ ଗ୍ଲାସ୍‌କୁ ମେଜ ଉପରେ ରଖି କହିଲେ – "ରାୟ ସାହେବ ମୁଁ କାଲି ଆପଣଙ୍କ ଭାଙ୍ଗ ପିଇଗଲି, ଆଜି ଆପଣଙ୍କୁ ଆମର ଭାଙ୍ଗ ପିଇବାକୁ ପଡ଼ିବ। ଆପଣଙ୍କ ଭାଙ୍ଗ ବହୁତ ଭଲ ଥିଲା। ମୁଁ ବହୁତ ଖାଦ୍ୟ ଖାଇଗଲି।"

ରାୟ – "ହଜୁର୍ ! ଆମେମାନେ ମଦକୁ ହାତରେ ବି ଛୁଉଁନା, ଆମ ଶାସ୍ତ୍ର ଏହାକୁ ଛୁଇଁବା ବି ପାପ ବୋଲି କହିଛି।"

ବୁଲ୍ ହସିକି କହିଲେ – "ନାଇଁ, ନାଇଁ ଆପଣଙ୍କୁ ପିଇବାକୁ ପଡ଼ିବ ରାୟ ସାହେବ! ପାପପୁଣ୍ୟ କିଛି ନୁହେଁ। ଏହା ଆମର ଭାଙ୍ଗ ଅଟେ। କିଛି ଫରକ୍ ନାହିଁ, ସେଥିରେ ବି ନିଶା ହୁଏ, ଏଥିରେ ବି ନିଶା ହୁଏ, ପୁଣି ଫରକ୍ କେମିତି ?"

ରାୟ – "ନା' ଧର୍ମାବତାର, ମଦକୁ ଆମର ଏଠି ବର୍ଜିତ କରାଯାଇଛି।"

ବୁଲ୍ – "ଏମିତି କେବେ ହେଇ ପାରେନା। ଶାସ୍ତ୍ର ମନା କରିବ ତ ଏହାକୁ ବି ମନା କରିବ, ସେଇଟାକୁ ବି ମନା କରିବ। ଆପଣ ଏହାକୁ ପିଅନ୍ତୁ। ଡରନ୍ତୁ ନାହିଁ, ବହୁତ ବଢ଼ିଆ ଅଟେ।" ଏହା କହି ସାହେବ ଗୋଟାଏ ଗ୍ଲାସ୍‌ରେ ମଦ ଢାଳି ରାୟ ସାହେବଙ୍କ ମୁହଁରେ ଲଗାଇଦେଲେ। ରାୟ ସାହେବ ମୁହଁ ଫେରାଇ ନେଲେ ଆଉ ଆଖି ବନ୍ଦ କରି ଦି' ହାତରେ ସାହେବଙ୍କ ହାତକୁ ହଟାଇବାକୁ ଲାଗିଲେ। ସାହେବଙ୍କୁ ଏ ରହସ୍ୟ ବୁଝା ପଡୁନଥିଲା। ସେ ଏଇୟା ବୁଝୁଥିଲେ ଯେ ସେ ଡରିଯାଇ ପିଉ ନାହାନ୍ତି। ନିଜ ମଜଭୁତ ହାତରେ ରାୟ ସାହେବଙ୍କ ବେକ ଧରିଲେ ଆଉ ଗ୍ଲାସ୍‌କୁ ମୁଁହ ଆଡ଼କୁ ବଢ଼ାଇଲେ। ରାୟ ସାହେବଙ୍କୁ କ୍ରୋଧ ଆସିଲା। ସେ ସମ୍ମାନ ସହିତ ସବୁ କିଛି କରି ପାରିବେ, କିନ୍ତୁ ଧର୍ମ ଛାଡ଼ିପାରିବେ ନାହିଁ। ଟିକିଏ କଠୋର ସ୍ୱରରେ କହିଲେ – "ହଜୁର୍, ଆମେ ବୈଷ୍ଣବ ଅଟୁ। ଆମେ ଏହାକୁ ଛୁଇଁବା ବି ପାପ ଭାବୁ।"

ରାୟ ସାହେବ ଏହା ପରେ ଆଗକୁ ଆଉ କିଛି କହି ପାରିଲେନି। କିଛି କ୍ଷଣ ପରେ ପୁଣି କହିଲେ – "ହଜୁର୍ ଭାଙ୍ଗ ପବିତ୍ର ବସ୍ତୁ ଅଟେ। ଋଷି,ମୁନି,ସାଧୁ, ମହାତ୍ମା,ଦେବୀ,ଦେବତା ସମସ୍ତେ ଏହାକୁ ସେବନ କରନ୍ତି। ସରକାର ଆମର ଏଠି ଏହାର ବଡ଼ ମହିମା ଲେଖା ଅଛି। କିଏ ଏମିତି ପଣ୍ଡିତ ଅଛି, ଯିଏ ବୁଟି ଛାଣି ନ ଥିବ। କିନ୍ତୁ ସରକାର ମଦର ନାମ ନେବା ବି ଆମେ ପାପ ମଣୁ।"

ବୁଲ୍ ଗ୍ଲାସ୍ ହଟାଇ ନେଲେ। ଆଉ ଚୌକି ଉପରେ ବସି କହିଲେ - "ତୁମେ ପାଗଳ ଭଳି କଥାବାର୍ତ୍ତା କରୁଛ। ଭାଙ୍ଗ ଓ ମଦ ଦିଟାକୁ ଧର୍ମଗ୍ରନ୍ଥ ଖରାପ କୁହେ। ତୁମେ ତାକୁ ଠିକ୍ ଭାବେ ବୁଝିନ। ନିଶାକୁ ତ ଏଥିପାଇଁ ସାରା ଦୁନିଆ ଖରାପ କୁହେ, କାରଣ ଏହାଦ୍ୱାରା ମଣିଷର ବିବେକ ମରିଯାଏ। ତେବେ ଭାଙ୍ଗ ପିଇବା ଦ୍ୱାରା ପଣ୍ଡିତ ଆଉ ଦେବତା ଲୋକଙ୍କ ବିବେକ କେମିତି ମରେନି! ଏହା ଆମେ ବୁଝି ପାରୁନି, ତୁମର ପଣ୍ଡିତ ଲୋକେ ଭାଙ୍ଗ ପିଇ ରାକ୍ଷସ କାହିଁକି ହୁଅନ୍ତି ନାହିଁ ! ମୁଁ ବୁଝୁଛି ଯେ, ତୁମର ପଣ୍ଡିତ ଲୋକ ଭାଙ୍ଗ ପିଇ ଶେଷ ହେଇଗଲେଣି। ତେବେ ତ ସେମାନେ କୁହନ୍ତି ଏଇଟା ଅଛୁତ, ସେ ଅପବିତ୍ର, ରୁଟି ଖାଇବୁନି, ମିଠାଇ ଖାଇବୁ। ଆମେ ଛୁଇଁ ଦେବୁ ତ ତୁମେ ପାଣି ପିଇବନି। ଏହି ସବୁ ବେକାର ଲୋକଙ୍କ କଥା। ଆଚ୍ଛା ସଲାମ୍ !"

ରାୟ ସାହେବଙ୍କ ଦେହରେ ଜୀବନ ଆସିଲା। ପଡ଼ିଉଠି ବାରଣ୍ଡାକୁ ଆସିଲେ, ଆଉ ଗାଡ଼ିରେ ବସି ଘର ଆଡ଼କୁ ଚାଲିଲେ। ■

ସୁନ୍ଦରଗଡ଼
ମୋ: ୯୫୭୧୦୩୩୨୭୯

# କବିତା ଆଉ ମୋ ଭିତରେ

ଉଦାସପଣ କେତେ ଯେ ସୁନ୍ଦର
ବରଷକ ଯାକ କବିତା ବୁଝାଇଲା
ନିଶୂନ ସଡ଼କରେ ନେଇ ବୁଲାଇଲା
ସନ୍ତପ୍ତ ଦୁନିଆ, ଉଦାସୀ ଚେହେରାର
କାହାଣୀ ଶୁଣାଇ

ଗଛତଳେ ବସାଇ
ବିଛେଇ ପଡ଼ିଥିବା ପତ୍ରମାନଙ୍କୁ
ପାପୁଲିରେ ଧରି
ପତ୍ରଝଡ଼ାର ନିଷ୍କର୍ଷ ବିଷୟରେ କୁହେ
ହସୁଥିବା ଲୋକମାନଙ୍କୁ ପଚାରିବାକୁ କହେ
ଅସମୟରେ କାହିଁକି ଯେ ହସୁଛନ୍ତି
ତାଙ୍କ ପାଖରେ ହସିବାର ସମୟ ଅଛି କି?
ଯେତେବେଳେ କି ପିଠି ପଛରେ ଆସୁଥାଏ
କ୍ରନ୍ଦନ-ଚିତ୍କାର-ହାହାକାର
ଆଲିଙ୍ଗନବଦ୍ଧ ଫୁସୁରୁଫାସର ପ୍ରେମ କରୁଥିବା
ଯୋଡ଼ିଙ୍କୁ ପଚାର
ତାଙ୍କୁ ଟିକିଏ ବି ଚିନ୍ତା ଅଛି
କାଲିର ପାଗ
ପ୍ରାଣଘାତକ ହୋଇପାରେ

ପଚାର ପଚାର ତାଙ୍କୁ ଯେଉଁମାନେ ଖୁସିରେ ଡେଇଁ
ତାଳି ମାରୁଛନ୍ତି, ସେମାନେ ଜାଣନ୍ତିନି କି?
ଚଳପ୍ରଚଳ ନିଃଶ୍ୱାସର କ'ଣ ବା ଭରସା
କେତେବେଳେ ବି ଅଟକି ଯାଇପାରେ ଆଉ ବାଲି ଘର ପରି
ଦେଖୁ ଦେଖୁ ଭୁଷୁଡ଼ି ପଡ଼ିବ ସମ୍ପୂର୍ଣ୍ଣ କୋଠାଘର
ପାରୁଛ ଯଦି ସମୟ ବଞ୍ଚାଅ
ପାରୁଛ ଯଦି ପ୍ରତି ପାହୁଣ୍ଡକୁ ପରୀକ୍ଷା କର
ଏସବୁ କି ରାସରଙ୍ଗ ଯେଉଁଠି ମିନିଟ୍‌ରେ ଯିବା ଆସିବା ନିର୍ଦ୍ଧାରିତ
ଦିନେ ମୁଁ ପଚାରି ବସିଲି
କ'ଣ ପାଇଁ ବସନ୍ତକୁ ମୁଁ ଜୀବନର
ନିଷ୍କର୍ଷ ବୋଲି ମାନିନେବି
ଯେତିକି ସତ୍ୟ ପତ୍ରଝଡ଼ା, ସେତିକି ବସନ୍ତ ବି
ଜୁଇ ନିଆଁ ଶୀତଳ ନ ହେଲେ ବି ଜନ୍ମ ବା କେଉଁଠି ଅଟକିଛି?
ବିୟୋଗ ଯଦି ସଦାସର୍ବଦା ତ ପ୍ରେମ କେଉଁଠି ନ ଫୁଟେ?
ଲକ୍ଷେ ସ୍ୱପ୍ନର ଅକାଳ ମୃତ୍ୟୁ ହେଲେ ବି
ଏଠାରେ ପ୍ରତ୍ୟେକ ପତ୍ର ସ୍ୱପ୍ନରେ କେଉଁ କ୍ଷଣେ ଯେ ବଞ୍ଚିନାହାନ୍ତି

ବଞ୍ଚିବି ଯେତେଦିନ
ରହିବି ବସନ୍ତ ସହିତ
ବନ୍ଧୁଗଣ, ଏ ତର୍କ ବିତର୍କ ଏଯାବତ୍ ଚାଲିଛି
କବିତା ଓ ମୋ ଭିତରେ । ■



ମୂଳ ହିନ୍ଦୀ: ରାଜକିଶୋର ରାଜନ
ଅନୁବାଦ: ଅଞ୍ଜୁମନ ଆରା



# ଦୁଃଖ

ତୁମ ଯିବାର ଦୁଃଖ ନାହିଁ
ମୋତେ ଛାଡ଼ି
ତୁମର ଯିବା ସୁନିଶ୍ଚିତ ଥିଲା
ତୁମକୁ କୋଉ କହିପାରିଲି
ତୁମେ ଅଛ ବୋଲି ଏ ଦୁନିଆ
ବଞ୍ଚିବା ପାଇଁ ଉପଯୁକ୍ତ

ଦିନେ ନା ଦିନେ ଏ ଦୁନିଆ
ତୁମ ପରି ସୁନ୍ଦର ହେବ
ଯଦିଓ ତାକୁ ଦେଖିବା ପାଇଁ
ମୁଁ ନଥିବି। ■

ହିନ୍ଦୀ ବିଭାଗ, ପ୍ରଫେସର ଏବଂ ଅଧ୍ୟକ୍ଷ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮୬୨୯୭୮୬

# ରବର୍ଟ ଫ୍ରଷ୍ଟଙ୍କ କବିତାରେ ଜୀବନର ଅନ୍ୱେଷା



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ଇଂରାଜୀ ସାହିତ୍ୟର ଆଧୁନିକ ଯୁଗର ଚର୍ଚ୍ଚିତ ତଥା ପ୍ରତିଭାବାନ କବି ହେଉଛନ୍ତି ରବର୍ଟ ଲି. ଫ୍ରଷ୍ଟ (୧୮୭୪-୧୯୬୩) । ଆମେରିକାର ଏହି ଜନପ୍ରିୟ କବି ପାରିବାରିକ ଦୁରାବସ୍ଥା ଭିତରେ ମଧ୍ୟ କାଳଜୟୀ ସାହିତ୍ୟ ସୃଷ୍ଟି କରି ଯଥେଷ୍ଟ ସ୍ୱୀକୃତି ପାଇଛନ୍ତି। ପ୍ରକୃତିର ବିବିଧ ସୌନ୍ଦର୍ଯ୍ୟ ପ୍ରତି ସମର୍ପିତ ତାଙ୍କ କବିତାରେ ବାସ୍ତବବାଦୀ ସ୍ୱର ମଧ୍ୟ ଦେଖିବାକୁ ମିଳିଥାଏ। ଗ୍ରାମୀଣ ଜୀବନ, ସାଧାରଣ ଲୋକଙ୍କ କଥା ତଥା ଜୀବନ ଜଟିଳତାର ସରଳ ଚିତ୍ରଣ ଯୋଗୁଁ କବିତାଗୁଡ଼ିକ ଲୋକପ୍ରିୟ ହୋଇଥାଏ।

ମନୋରମ ପ୍ରକୃତି ମଧ୍ୟରେ ମାନବିକ ପ୍ରକ୍ରିୟା ଓ ମାନବ-ପ୍ରାଣରେ ପ୍ରକୃତିର ଅପରୂପ ପ୍ରଭାବ ହିଁ ପ୍ରକୃତି କବି ୱିଲିୟମ୍ ୱାର୍ଡସୱର୍ଥଙ୍କ ସାହିତ୍ୟର ଅନ୍ତଃସ୍ୱର। ତେବେ ଅନ୍ୟତମ ପ୍ରକୃତି କବି ରବର୍ଟ ଫ୍ରଷ୍ଟ ତାଙ୍କ ସାହିତ୍ୟରେ ପ୍ରକୃତିର ବାସ୍ତବ ଦିଗକୁ ଆକଳନ କରିପାରିଛନ୍ତି। ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ସେ କେବଳ ବିଭୋର ହୋଇ ନାହାନ୍ତି। ଏହାର ଅନ୍ଧାର ଦିଗକୁ ମଧ୍ୟ ଦେଖିବାରେ ସମର୍ଥ ହୋଇଛନ୍ତି। ଏଭଳି ଏକ ବଳିଷ୍ଠ କବିତା ହେଉଛି 'Stopping by Woods on a snowy evening'। ଏକଦା ରାସ୍ତାରେ ଯାଉଥିବା ବେଳେ ଘୋଡ଼ାରୁ ଓହ୍ଲାଇ ବରଫାବୃତ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କବି ଅଟକିଛନ୍ତି। କିନ୍ତୁ ଘୋଡ଼ା ଏହାକୁ ପସନ୍ଦ କରି ନାହିଁ । ତା'ର ବେକର ଘଣ୍ଟିକୁ ହଲାଇ ସତର୍କ କରୁଛି, ଆହୁରି ଆଗକୁ ଯିବା ପାଇଁ । ମଣିଷ ମନର ଇଚ୍ଛା ବିରୁଦ୍ଧରେ ଘୋଡ଼ା ରୂପୀ ବିବେକର ସତର୍କ ଘଣ୍ଟି ବାଜୁଛି। ଅଭିଭୂତ ମଧ୍ୟରେ ସଚେତନତା ନିଜକୁ ନୂତନ ଭାବରେ ଅବିଷ୍କାର କରିବାର ପ୍ରାଜ୍ଞବୋଧ ସୃଷ୍ଟି ହୋଇଛି। ବହୁ ଲୋକଙ୍କ ପସନ୍ଦ ହୋଇଥାଏ ଜୀବନର ଦର୍ଶନ ଆଧାରିତ ଏହି କବିତାର ଶେଷ ପଂକ୍ତି "The woods are lovely, dark and deep..." ଓଡ଼ିଆ କବି ମାୟାଧର ମାନସିଂହଙ୍କ ଭାଷାରେ କବିଙ୍କ ଏହି ଶେଷ ପଂକ୍ତି ହେଉଛି-

"ସୁନ୍ଦର ଯେତିକି ଅନ୍ଧାର ସେତିକି
ଏହି ଯେ ଗହନ ବନ।
ତେଣୁ ତୁ ଆପଣା ସଂକଳ୍ପେ ଅଟଳ
ଅଚଳ ରହରେ ମନ।
ଆଗକୁ ପଡ଼ିଛି ପଥ ବହୁଦୂର
ଆହୁରି କେତେ ଯେ ବାକି।
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ଆଗରୁ ଆଖି ।"

ସେହିପରି କବିଙ୍କ ଜୀବନଧର୍ମୀ ଅନ୍ୟତମ କବିତା 'The road not taken' ମଣିଷ ଜୀବନର ମହାମନ୍ତ୍ର ଅଟେ । ବିଭକ୍ତ ହୋଇ ଦୁଇଟି ରାସ୍ତା ଜଙ୍ଗଲକୁ ପ୍ରବେଶ କରିଥିବା ବେଳେ ସ୍ୱଳ୍ପ ବ୍ୟବହୃତ ତଥା କଷ୍ଟକର ରାସ୍ତାକୁ କବି ଆପଣେଇଛନ୍ତି। ଜଟିଳ ରାସ୍ତାରେ ମଧ୍ୟ ଜୀବନର ଦୁଃସାହସିକତା ଅନୁଭବ କରିହୁଏ ଓ ସଫଳତା ମିଳିଥାଏ। ଏମିତି ମଣିଷ ଜୀବନରେ ଅନେକ ଦୋଛକି ଆସିଥାଏ। ନିର୍ଦ୍ଦିଷ୍ଟ ପସନ୍ଦକୁ ବାଛିବା କଷ୍ଟକର ହୋଇଥାଏ। ଜୀବନରେ ଗତିପଥକୁ ନିରୂପଣ କରିବା ପାଇଁ ସମ୍ମୁଖୀନ ହେଉଥିବା ଦ୍ୱନ୍ଦ୍ୱ କବିତାର ମୁଖ୍ୟ ଦିଗ ଅଟେ। କବିଙ୍କ ଆହୁରି ଏକ ପ୍ରତୀକଧର୍ମୀ କବିତା ହେଉଛି 'Fire & Ice'। କବି କହୁଛନ୍ତି, ଯଦି ପୃଥିବୀ ଧ୍ୱଂସ ହେବ ତା' ହେଲେ ଉତ୍ତପ୍ତ ଅଗ୍ନିରେ କିମ୍ବା ଜମାଟ ବାନ୍ଧିଥିବା ଶୀତଳ ବରଫରେ । ମଣିଷ ଅଧିକ ପାଇବାର ଇଚ୍ଛା ଅଥବା କାମନା ରୂପକ ଉତ୍ତାପ ହିଁ ସମାଜକୁ ଧ୍ୱଂସ କରିବ। ଠିକ୍ ସେହିପରି ବରଫ ଭଳି ଜମାଟ ବାନ୍ଧିଥିବା ମଣିଷ ମନର ଘୃଣା ସମାଜକୁ ରସାତଳଗାମୀ କରିବ। ତେଣୁ ଇଚ୍ଛା-ଅନିଚ୍ଛା, ପ୍ରେମ-ଘୃଣା ଆଦି ଯେ କୌଣସି ବିଷୟ ହେଉ ଜୀବନରେ ସମତୁଲ ରଖିବା ହିଁ ଜୀବନ ଜୀଇଁବାର ମନ୍ତ୍ର ଅଟେ। ସୁଖ-ଦୁଃଖ, ଆଲୁଅ-ଅନ୍ଧାର, ଆଶା-ନିରାଶାକୁ ନେଇ ମଣିଷ ଜୀବନ। ତେଣୁ ସବୁବେଳେ ଜଟିଳ ମିଶ୍ରିତ ବାସ୍ତବବାଦ, ନୈରାଶ୍ୟବାଦ ସହ ଅଦ୍ୱିତୀୟ ଆଶାବାଦ ହିଁ କବିଙ୍କ ସାହିତ୍ୟର ଦର୍ଶନ ଅଟେ। "ପାଚେରୀ ଭଲ ଥିଲେ ପଡ଼ୋଶୀ ଭଲ ରୁହନ୍ତି" ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଲେଖକ। ମଣିଷର ଆଚରଣ ଭଲ ଥିଲେ କୌଣସି ପାଚେରୀର ଆବଶ୍ୟକତା ରହିବ ନାହିଁ ବୋଲି ତାଙ୍କ କବିତା 'Mending Wall' ବାର୍ତ୍ତା ଦେଇଥାଏ । ଭାଇ-ଭାଇ, ପାଖ-ପଡ଼ୋଶୀ କି ପରସ୍ପର ମଧ୍ୟରେ ସଂପର୍କର ତିକ୍ତତା, ଅହଂ ପ୍ରତିଦ୍ୱନ୍ଦ୍ୱିତା ଏକ ଧ୍ୱଂସାଭିମୁଖୀ ବିଶ୍ୱକୁ ଆମନ୍ତ୍ରିତ କରୁଥିବା ସମାଜ ପାଇଁ କବିତାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଲୋକ ଗହଣରେ ଥାଇ ମଧ୍ୟ ସାଂପ୍ରତିକ ସମାଜରେ ନିଃସ୍ୱ, ନିଃସଙ୍ଗ, ନିରାଶା ତଥା ଏକାକୀତ୍ୱ ହେଉଥିବା ସ୍ୱଙ୍ଗ ନିର୍ଯାତନା ମଣିଷ ଜୀବନକୁ ନଷ୍ଟ ଭ୍ରଷ୍ଟ କରୁଛି । ଅନେକ ଯୁବପିଢ଼ି ଏହାର ଶିକାର ହେଉଛନ୍ତି । ଏଭଳି ସ୍ଥିତିରେ କବିଙ୍କ ସନେଟ୍ 'Acquainted with the Night' ଏକ ସଫଳ ବାର୍ତ୍ତା ଅଟେ ।

ଚିନ୍ତା-ଚେତନା, ବାସ୍ତବ-କଳ୍ପନା, ସ୍ୱପ୍ନ-ସମ୍ଭାବନା ମଧ୍ୟରେ ଥିବା ବ୍ୟବଧାନକୁ ଦେଖିପାରିଛନ୍ତି କବି ରବର୍ଟ ଫ୍ରଷ୍ଟ। ଗୋଟିଏ ଆକାଶରେ ଚନ୍ଦ୍ର ଓ ସୂର୍ଯ୍ୟ ଥାଆନ୍ତି, ତଫାତ୍ ହେଉଛି ଦିନ ଓ ରାତି । ଠିକ୍ ସେହିପରି ଗୋଟିଏ ଶରୀରରେ କାମନା ବାସନାର ଲାଳସା ଓ ତୁଳସୀର ପବିତ୍ରତା ବି ପୂର୍ଣ୍ଣ ହୋଇଥାଏ, କିନ୍ତୁ ଫରକ୍ ହେଉଛି ମନ ଓ ବିବେକ। ମନ ଓ ବିବେକ ମଧ୍ୟରେ ଅନବରତ ସଂଗ୍ରାମ ଚାଲିଛି। ବିବେକ ହାରିଗଲେ ଅଭ୍ୟାସ କାବୁ କରିବ ଓ ମନ ହାରିଗଲେ ମଣିଷ ଅଭ୍ୟାସକୁ ମାରି ପାରିବ। ଆଜି ଏ ଦୋ ଛକିରେ ସମଗ୍ର ମଣିଷ ସମାଜ। ରାଜନୀତିର ଷଡ଼ଯନ୍ତ୍ରରେ ବିବସନା ହେଉଥିବା ଦ୍ରୌପଦୀ ବି ଦୋଛକିରେ ଥିଲେ, କିନ୍ତୁ ସଂଗ୍ରାମ କରିବାର ବଜ୍ର ଶପଥ ଗ୍ରହଣ କରିଥିଲେ। ଦିନେ ଅର୍ଜୁନ ବି ମହାଭାରତ ଯୁଦ୍ଧର ଦୋ ଛକିରେ ଛିଡ଼ା ହୋଇଥିଲେ । ଭଗବାନ ଶ୍ରୀକୃଷ୍ଣ କହିଥିଲେ- କର୍ମଣ୍ୟେ ବାଧିକାରସ୍ତେ... । ପଦ୍ମପତ୍ରର ଲିପ୍ତତା ଓ ନିର୍ଲିପ୍ତତା ଭଳି ବିକାର ଭିତରେ ନିର୍ବିକାର ଓ ନିର୍ଲିପ୍ତ ଖୋଜିବାକୁ ହେବ। ସରଳ ରେଖାରେ ନୁହେଁ, ଇସିଜି ପରୀକ୍ଷା କରୁଥିବା ଡାକ୍ତରଙ୍କ ଅଙ୍କାବଙ୍କା ଗାରରେ ହିଁ ଜୀବନ ଥାଏ। ତେଣୁ ବାସ୍ତବବାଦୀ କବି ରବର୍ଟ ଫ୍ରଷ୍ଟଙ୍କ କବିତାର ଜୀବନ ଦର୍ଶନ ହିଁ ସମୟର ଆହ୍ୱାନ ଅଟେ। ■

ବରଗଡ଼
ମୋ: ୯୩୮୨୭୭୬୩୫

## ପୁସ୍ତକ ପରିଚୟ

### ଅମୃତପୁରୁଷ ଶ୍ରୀଜଗନ୍ନାଥ

ସଂକଳନ ଓ ସଂପାଦନା
ପୀତବାସ ରାଉତରାୟ



ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ
ପିପିଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ
ଭୁବନେଶ୍ୱର-୧୯
ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ: ୨୦୨୫
ମୂଲ୍ୟ: ୪୦୦ ଟଙ୍କା

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଶ୍ରୀମନ୍ଦିରରେ ବିରାଜିତ ଦେବଦେବୀଙ୍କ ପୂଜାପାର୍ବଣ, ବସନ, ଭୂଷଣ, ଭୋଗ, ସେବା କାର୍ଯ୍ୟରେ ସମର୍ପିତ ଅନେକ ସେବକ। ଶ୍ରୀଜୀଉଙ୍କ ସେବାରେ ସମର୍ପିତ ସେଭଳି କିଛି ସେବକଙ୍କ ଅନୁଭୂତି ଓ ଅନୁଭବକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପୁସ୍ତକ। ଶ୍ରୀମନ୍ଦିରର ସେବାୟତଙ୍କ ନିଆରା ଅନୁଭୂତି, ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ କେତୋଟି ହୃଦୟସ୍ପର୍ଶୀ ଗପ, କବିତା, ପ୍ରବନ୍ଧ, ସ୍ମୃତିକଥା, ସାକ୍ଷାତକାର ସଂକଳିତ ହୋଇଛି। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ବଡ଼ୁସୁଆର ସେବକ ବିଶ୍ୱନାଥ ସାମନ୍ତରା, ଚୁନରା ସେବକ ଶରତ କୁମାର ମହାନ୍ତି, ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର, ଗରାବଡୁ ସେବକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଶ୍ରୀଜଗନ୍ନାଥଙ୍କ କରଣ ସେବକ ରବିନାରାୟଣ ଦାସ, ଦଇତାପତି ସୁଦର୍ଶନ ଦାସମହାପାତ୍ର ପ୍ରମୁଖ ସେବକଙ୍କ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି ଏହି ପୁସ୍ତକରେ। ସେହିପରି ବଳଦେବ ମହାରଥୀଙ୍କ 'ଅମୃତପୁରୁଷ ଏକ ଅତିବାସ୍ତବ ପରିକଳ୍ପନା', ରଜତ କୁମାର କରଙ୍କ 'ଜଗନ୍ନାଥଙ୍କୁ ଜର', ଅଚ୍ୟୁତାନନ୍ଦ ପତିଙ୍କ 'ସବୁ କରାଉଥିବାର ଠାକୁର' ପ୍ରଭୃତି ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକଟି ଜଗନ୍ନାଥପ୍ରେମୀଙ୍କୁ ଭକ୍ତିଭାବରେ ତଲ୍ଲୀନ କରିବ ନିଶ୍ଚୟ। ■

### ପାପ ଓ ଅନ୍ୟାନ୍ୟ ଗଳ୍ପ

ପ୍ରଦ୍ୟୁମ୍ନ ପଟ୍ଟନାୟକ




ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୨୫ ଟଙ୍କା

ଜୀବନର କିଛି କଥା ଓ ବ୍ୟଥାରେ ଯେତେବେଳେ କଳ୍ପନାର ରଙ୍ଗ ବୋଳି ଦିଆଯାଏ, ସେଇଠି ସୃଷ୍ଟି ହୁଏ ଏକ ମନଛୁଆଁ ଗପ। ଜୀବନର ଏଭଳି କିଛି ନିଆରା ଅନୁଭୂତି ଓ ଅନୁଭବକୁ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକ। ଏହି ପୁସ୍ତକରେ ମୋଟ ୧୭ଟି ଗପ ସଂକଳିତ ହୋଇଛି। 'ପାପ', 'ଜନ୍ମାନ୍ତର', 'ବୁଝାମଣାର ଜୀବନ', 'ପ୍ରଶ୍ନବାଚୀ', 'ଅବିଶ୍ୱାସ', 'ସାୟାହ୍ନର ବର୍ଣ୍ଣବିଭା', 'ଲେଉଟାଣି', 'ନିଖୋଜ' ପ୍ରଭୃତି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଜୀବନର କିଛି ଅଭୁଲା ମୁହୂର୍ତ୍ତ, ଘଟଣା, ବାସ୍ତବ ଚରିତ୍ରକୁ ଆଧାର କରି ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ। ମଣିଷର ସବୁ କିଛି ଥିଲେ ମଧ୍ୟ କେବେ କେବେ ଜୀବନ ନିଃସଙ୍ଗ ମନେ ହୁଏ – ଏଭଳି ଏକ ବାସ୍ତବ କଥା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି 'ନିଃସଙ୍ଗ ଜୀବନ' ଗପରେ। ରୁପା ଓ ମୁକୁନ୍ଦ ମାଷ୍ଟ୍ରେ ଚରିତ୍ର ଭିତରେ ଏହି ନିଃସଙ୍ଗ ଜୀବନକୁ ପାଠକମାନେ ଅନୁଭବ କରିପାରିବେ। ସେହିପରି ମଣିଷ – ମଣିଷ ମଧ୍ୟରେ ଆକର୍ଷଣରେ ନଥାଏ ବୟସ ବା ପଦପଦବିର ତାରତମ୍ୟ ନଥାଏ। ଏହା ପ୍ରମାଣିତ ହୋଇଛି 'ଆକର୍ଷଣ' ଗପର 'ଅଙ୍କିତା ମାଡାମ୍' ଓ 'ଅମର'ଙ୍କ ସମ୍ବନ୍ଧରୁ। ମାନବୀୟ ସଂପର୍କ, ମଣିଷର ସୁଖ-ଦୁଃଖ, ଆବେଗ-ଅନୁରାଗ, ଭୋଗ-ଅନିଭୋଗ, ସାମାଜିକ ବାସ୍ତବତାକୁ ଅତି ଚମତ୍କାର ଭାବେ ଗାଳ୍ପିକ ଏହି ପୁସ୍ତକର ଗପଗୁଡ଼ିକରେ ବର୍ଣ୍ଣନା କରିଛନ୍ତି। 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଚେତନାର ଚିତ୍ରଲିପି

ଲକ୍ଷ୍ମୀପ୍ରିୟା ପୃଷ୍ଟି



ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୧୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଗରମ ଜାଉରୁ ଶିବେଇ ସାନ୍ତରା/ ଶିଖିଲେ ମନ୍ଦିର ଗଢ଼ି,/ ଯେଉଁ ମନ୍ଦିରରେ ରହିଥିଲା ଶିଳ୍ପୀ/ ଜୀବନ ଯନ୍ତ୍ରଣା ଜଡ଼ି।" (କଳ୍ପନାର କୋଣାର୍କ) ବିଶ୍ୱ ବିଖ୍ୟାତ କୋଣାର୍କର ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ଯେଭଳି ପର୍ଯ୍ୟଟକଙ୍କୁ ଅଭିଭୂତ କରେ, ସେହିପରି ଏହି ମନ୍ଦିର ନିର୍ମାଣ ପଛର ଇତିହାସ ଆଶ୍ଚର୍ଯ୍ୟଚକିତ କରେ। କୋଣାର୍କ ମନ୍ଦିରର ଇତିହାସ, ସୂକ୍ଷ୍ମ କାରୁକାର୍ଯ୍ୟ, ଶିଳ୍ପୀମାନଙ୍କ ଜୀବନଯନ୍ତ୍ରଣା ଅତି ହୃଦୟସ୍ପର୍ଶୀ ଭାବେ ପ୍ରକାଶ ପାଇଛି ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ 'ଚେତନାର ଚିତ୍ରଲିପି' ପୁସ୍ତକର କବିତାଗୁଡିକରେ। ଏହି ପୁସ୍ତକର କବିତାଗୁଡ଼ିକକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗ 'କଳ୍ପନାର କୋଣାର୍କ'ରେ ଏକାବନଟି ଓ ଦ୍ୱିତୀୟ ଭାଗ 'ଏକପଦୀ'ରେ ୨୬୪ଟି ମନଛୁଆଁ ଏକପଦୀ କବିତା ସଂକଳିତ ହୋଇଛି। 'କଳ୍ପନାର କୋଣାର୍କ'ରେ କୋଣାର୍କର ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଭଗ୍ନସ୍ତୂପ ପାଲଟିବା ପର୍ଯ୍ୟନ୍ତ ଅତି ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ଭାଗର ଏକପଦୀଗୁଡ଼ିକରେ ଋତୁ ବର୍ଣ୍ଣନା, ପ୍ରାକୃତିକ ସୌନ୍ଦର୍ଯ୍ୟ, ଈଶ୍ୱର ଭକ୍ତି, ମାନବୀୟ ପ୍ରେମ, ଜୀବନବୋଧ, ମୃତ୍ୟୁଚେତନା, ନିଃସଙ୍ଗବୋଧ ଆଦି ପ୍ରତିଫଳିତ ହୋଇଛି। କମ୍ ଶବ୍ଦ, ସରଳ ଭାଷା ଓ ନିରାଡ଼ମ୍ବର ଶୈଳୀରେ ନିଜର ଭାବକୁ କବି ପ୍ରକାଶ କରିଛନ୍ତି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନଛୁଆଁ ହୋଇପାରିବ ବୋଲି ଆଶା କରାଯାଏ। ■

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିହାରରେ ଚଳନ୍ତା...

ପୁଲିସକୁ କହିଥିଲେ। ଏହାପରେ ଦୁଷ୍କର୍ମର ଶିକାର ହୋଇଥିଲି ବୋଲି ଓ ହୋସ ଆସିବା ପରେ ଏହା ଜାଣିବାକୁ ପାଇଥିଲି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥିପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ଏଲ୍‌ଜେପି ନେତା ତଥା କେନ୍ଦ୍ରୀୟ ମନ୍ତ୍ରୀ ଚିରାଗ ପାସ୍‌ୱାନ ମଧ୍ୟ ଏଥିପାଇଁ ରାଜ୍ୟ ସରକାରକୁ ନିନ୍ଦା କରିଛନ୍ତି। ରାଜ୍ୟ ସରକାରକୁ ସମର୍ଥନ କରୁଥିବାରୁ ସେ ଅବସୋସ ଜାହିର କରିଛନ୍ତି।

## ବିଷ ପିଇ ଜୀବନ...

କଲେଜରେ ପ୍ରଥମ ବର୍ଷର ଛାତ୍ରୀଥିଲା। ମନୋହର ଗାଁର ସମୃଦ୍ଧ ଚାଷୀ ଥିଲେ। ତାଙ୍କ ପାଖରେ ୩ ଏକର ଚାଷ ଜମି ଥିଲା ଓ ସେ ସୋୟାବିନ ଚାଷ କରୁଥିଲେ। ସେମାନ କାହିଁକି ଆତ୍ମହତ୍ୟା କରିଥିଲେ ସେ ନେଇ ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଛିଡୁନି ଭାଗବଣ୍ଟା...

ସାକୁଥିବା ଜଣାପଡ଼ିଛି। ଏପଟେ ସରକାର ଗଠନ କରିବାକୁ ବିଜେପିକୁ ୧୩ ମାସ ପୂରିଥିବା ବେଳେ ବିନା କ୍ଷମତାରେ ଦଳର କିଛି ମୂଳ ନେତା ଏବଂ ଦଳଡିଆଁ ଉଭୟ ଅଧୈର୍ଯ୍ୟ ହୋଇ ପଡ଼ିଲେଣି। ଯାହାକୁ ନେଇ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅକଳିଆ ସ୍ଥିତିରେ ପଡ଼ିଥିବା ବେଳେ ପ୍ରଥମେ ସଂଗଠନର ପୁନର୍ବିନ୍ୟାସ ଏବଂ ନିଗମ ବୋର୍ଡରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏନେଇ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ପ୍ରଥମେ ରାଜ୍ୟ କମିଟି, ପଦାଧିକାରୀ ଓ ରାଜ୍ୟ କାର୍ଯ୍ୟକାରିଣୀ ଗଠନ ନେଇ ଆଲୋଚନା ହୋଇଛି। ଏହାସହ ବୋର୍ଡ ଏବଂ ନିଗମ ପଦ ନେଇ ମଧ୍ୟ ଖୁବଶୀଘ୍ର ନିଷ୍ପତ୍ତି ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ନିଗମ, ବୋର୍ଡରେ ଦୀର୍ଘଦିନ ଧରି ନିଯୁକ୍ତି ହୋଇନଥିବାରୁ ଏଗୁଡ଼ିକ ପ୍ରାୟ ଅକାମୀ ଅବସ୍ଥାରେ ରହିଛି। ବିଭିନ୍ନ ଅକାଦେମୀ ଏବଂ କମିଶନ ମଧ୍ୟ ସମଦଶା ଭୋଗୁଛନ୍ତି। ଏଗୁଡ଼ିକ ସବୁ ରାଜ୍ୟ ସରକାର ଏବଂ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟନ୍ତି। ଏସବୁ ଅଙ୍ଗ ଏତେଦିନ ଧରି ମୂରବୀଶୂନ୍ୟ ହୋଇ ପଡ଼ିବା ରାଜ୍ୟ ପାଇଁ ଭଲ ସଙ୍କେତ ନୁହେଁ। ସରକାର ତୁରନ୍ତ ସମସ୍ତ ପଦବୀ ପୂରଣ କରି ରାଜ୍ୟ ପ୍ରଶାସନକୁ ଗତିଶୀଳ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ମଣ୍ଡଳୀ।

ତେବେ ଯେଉଁ କଥାଟି ରାଜ୍ୟ ବିଜେପି ନେତୃତ୍ୱକୁ ଚିନ୍ତାରେ ପକାଇଛି ତାହାହେଲା ମନ୍ତ୍ରୀ ପଦ, ନିଗମ ଓ ବୋର୍ଡ ସଭ୍ୟ ତୁଳନାରେ ଆଶାୟୀଙ୍କ ସଂଖ୍ୟା ଢେର ଅଧିକ। କାହାକୁ ମନ୍ତ୍ରୀ କରାଯିବ, କାହାକୁ ନିଗମ ଓ ବୋର୍ଡରେ ଥଇଥାନ କରାଯିବ ତାହା ସ୍ଥିର ହୋଇପାରୁ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ଅନେକ ନେତା ନିଗମ କିମ୍ବା ବୋର୍ଡରେ ଥଇଥାନ ହେବାକୁ ମନା କରିଦେଇଛନ୍ତି। ସେମାନେ ମନ୍ତ୍ରୀ ହେବାକୁ ଜିଦ୍ ଧରିଛନ୍ତି। ପୁଣି ମନ୍ତ୍ରିମଣ୍ଡଳରେ କେବଳ ସଂପ୍ରସାରଣ ହେବନାହିଁ। ଏଥିରେ ଅଦଳବଦଳ କରାଯାଇପାରେ। ଅନେକ ମନ୍ତ୍ରୀ ବାଦ୍ ପଡ଼ିପାରନ୍ତି ବୋଲି କୁହାଯାଉଛି। ଏହାକୁ ନେଇ ଅସନ୍ତୋଷ ଦେଖାଦେବାର ଆଶଙ୍କା ଥିବାରୁ ଅଧିକ ବିଚାରବିମର୍ଶ ପାଇଁ ସମୟ ଗଡ଼ାଇ ଚାଲିଛନ୍ତି ମୁଖ୍ୟମନ୍ତ୍ରୀ।

## ଅବପାତ ଆଣିଲା...

ଉତ୍ପନ୍ନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ହୀରାକୁଦ ଜଳଭଣ୍ଡାରର ଜଳଧାରଣ ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍। ବର୍ତ୍ତମାନ ତାହା ୬୧୧ ଫୁଟ୍ ଟପି ସାରିଥିବା ବେଳେ ଆଗାମୀ ସମୟରେ ଉପରମୁଣ୍ଡରେ ବର୍ଷା ଲାଗିରହିଲେ ଜଳସ୍ତର ବୃଦ୍ଧି ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪୯.୪୭ ମିମି ବର୍ଷା ହୋଇଛି। ଲଘୁଚାପ କାରଣରୁ ଏହି ବର୍ଷା ଲାଗି ରହିପାରେ। ଆଜି ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫,୨୩,୩୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଜଳସ୍ତର ଗତକାଲି ସନ୍ଧ୍ୟା ୬ଟାରେ ୬୦୯.୩୯ ଫୁଟ ଥିବାବେଳେ ୨୪ ଘଣ୍ଟା ପରେ ଆଜି ସେହି ସମୟରେ ୬୧୧.୫୮ ଫୁଟ୍ ରହିଛି। ଜଳଭଣ୍ଡାରରେ ଏଭଳି ୫ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇବ। ନଦୀବନ୍ଧର ୨୦ଟି ଗେଟ୍ ଖୋଲାଯାଇଥିବାରୁ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଛି। ଏଥିଯୋଗୁଁ ଆଜି ସନ୍ଧ୍ୟା ସୁଦ୍ଧା ଖଇରମାଳଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଅଧିକ ସଂଖ୍ୟକ ଗେଟ୍ ଖୋଲିଲେ ଏହା ବୃଦ୍ଧି ପାଇ ନିକଟବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଗତ ୨୪ ଘଣ୍ଟାରେ ତଳମୁଣ୍ଡରେ ମଧ୍ୟ ୨୯.୬୫ ମିମି ବର୍ଷା ହୋଇଛି। ପୁଣି ଏଭଳି ବର୍ଷା ଲାଗି ରହିବା ସହ ଗେଟ୍ ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ହେଲେ ସମ୍ବଲପୁର ସହରରୁ ମହାନଦୀକୁ ଯାଉଥିବା ଜଳପ୍ରବାହକୁ ଅବରୋଧ କରାଯାଇ ସମ୍ବଲପୁରରେ ପଛୁଆ ପାଣି (ବ୍ୟାକ୍-ୱାଟର୍) ଯୋଗୁଁ କୃତ୍ରିମ ବନ୍ୟା ସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନା ମଧ୍ୟ ରହିଛି।

ହୀରାକୁଦ ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଇଂ. ସୁଶୀଲ କୁମାର ବେହେରା କହିଛନ୍ତି, ହୀରାକୁଦ ନଦୀବନ୍ଧରେ ୬୨୫ଫୁଟ୍ ପର୍ଯ୍ୟନ୍ତ ଜଳଧାରଣ କ୍ଷମତା ଅଛି। ତେଣୁ ବନ୍ୟାର କୌଣସି ଆଶଙ୍କା ନାହିଁ। ଉପରମୁଣ୍ଡରୁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ ବୃଦ୍ଧି ପାଇବା ଯୋଗୁଁ ଜଳସ୍ତର ବୃଦ୍ଧି ପାଉଛି। ବର୍ଷା କମିଗଲେ, ତାହା ମଧ୍ୟ କମିଯିବ। ଏବେ ସେହି ୨୦ଟି ଗେଟ୍ ଖୋଲା ରହିବ। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ କମିଲେ ତାହା ମଧ୍ୟ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଫୁଲିବାରେ ଲାଗିଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୧.୫୮ ଫୁଟ୍‌ରେ ପହଞ୍ଚିଛି। ଗତକାଲିଠାରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ କ୍ରମାଗତ ଭାବେ ବଢ଼ୁଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ବର୍ତ୍ତମାନ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫,୨୩,୩୭୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୮,୮୧୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୯,୫୬୦ ଘନଫୁଟ, ପାୱାର ଚେନାଲ ଦେଇ ୩୪,୯୮୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୨୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ତଳମୁଣ୍ଡରେ ବେଲଗାଁଠାରେ ୧୫,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୫୯,୦୨୦କ୍ୟୁସେକ୍, ଖଇରମାଳଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୯.୪୭ମିମି ଏବଂ ତଳମୁଣ୍ଡରେ ୨୯.୬୫ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

## ଆନନ୍ଦପୁର ବ୍ୟାରେଜ୍...

ସମ୍ଭାବନା ରହିଥିବା ଦୃଷ୍ଟିରୁ ତଳିଆ ଅଞ୍ଚଳ ପାଇଁ ବିପଦ ରହିଛି।

ଅନ୍ୟପଟେ, ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ସେ ସଜାଗ କରିଛନ୍ତି। ତେବେ, ରିଲିଫ୍ ବୋଟ ଅଚଳ ହୋଇପଡ଼ିଥିବା ବେଳେ କେହି ଚାଳକ ମଧ୍ୟ ନାହାନ୍ତି। ବନ୍ୟା ମୁକାବିଲା ପାଇଁ ଥିବା ଦୁଇଟି ବୋଟ୍ ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି। ସରକାରଙ୍କ ପକ୍ଷରୁ ଏହାର ମରାମତି କରାଯାଉ ନଥିବାରୁ ବନ୍ୟା ମୁକାବିଲା ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଦୁଇ ଦିନ ମଧ୍ୟରେ ଆନନ୍ଦପୁର ଚମ୍ପୁଆ ସ୍ୱାମପାଟଣା ରେମଳ ଠାକୁରମୁଣ୍ଡାରେ ଲଗାଣ ବର୍ଷା ହୋଇଥିବା ରେକର୍ଡ ହୋଇଛି।

## ଜଳ ଘେରରେ...

ଜଳବନ୍ଦୀ ହେବା ସହ ଶହଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ସାମାନ୍ୟ କମି ୭.୧୩ ମିଟରରେ ପହଞ୍ଚିଛି। ଶନିବାର ରାତିରେ ବର୍ଷା ଲାଗି ରହିଲେ, ବସ୍ତାରେ ବନ୍ୟା ପରିସ୍ଥିତି ଜଟିଳ ହେବ ବୋଲି ଆଶଙ୍କା କରାଯାଉଛି।

ଅପରପକ୍ଷେ, ଆଜି ମଥାନୀ ରାସ୍ତା ଉପରେ ପ୍ରବାହିତ ବନ୍ୟା ପାଣିରେ ଏକ ଷଣ୍ଢ ଭାସି ଯାଇଥିଲା। ସୌଭାଗ୍ୟକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାକୁ ଉଦ୍ଧାର କରିଥିଲେ। ସେହିପରି ଗାନ୍ଧୀଛକ-ମଥାନୀ ମୁଖ୍ୟ ରାସ୍ତାରେ ବନ୍ୟାର ପ୍ରଖର ସ୍ରୋତ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ବସ୍ତା ଥାନା, ବସ୍ତା ଏସ୍‌ଡିପିଓ ଅଫିସ୍, ବାହାର୍ଦ୍ଦା ସ୍କୁଲ, ଅବକାରୀ କାର୍ଯ୍ୟାଳୟ, କୋର୍ଟ, ଗାନ୍ଧୀଛକ ବିଦ୍ୟୁତ୍ ଷ୍ଟ୍ରକଚର ଭିତରେ ବନ୍ୟା ପାଣି ପଶିଥିବା ଦେଖିବାକୁ ମିଳିଛି। ସେହିପରି ବସ୍ତା ବ୍ଲକର ପତ୍ରଝଡ଼ା, ସଦାନନ୍ଦପୁର, ବାହାର୍ଦ୍ଦା, କୁଡିଆ, ବାସୁ ଚକୁରୀ, ରାଉତ ପଡ଼ା, ମଥାନୀ ପଞ୍ଚାୟତର ଅନେକ ଗ୍ରାମ ପାଣିଘେରରେ ରହିଛି। ବନ୍ୟା ମୁକାବିଲା ପାଇଁ ଦୁଇଟି ଓଡ୍ରାଫ୍ ଓ ଦମକଳ ବାହିନୀକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବନ୍ୟାଘେରରୁ ଉଦ୍ଧାର କରାଯାଇଛି।

ବନ୍ୟାରେ ୭ ପଞ୍ଚାୟତର ପାଖାପାଖି ୧୫ହଜାର ଲୋକେ ପ୍ରଭାବିତ ହୋଇଥିବା ବେଳେ ୩୦୦ରୁ ଅଧିକ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ବସ୍ତା କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆନୁମାନିକ ୧୫ଶହ ହେକ୍ଟରରୁ ଉର୍ଦ୍ଧ୍ୱ ଜମି ଜଳମଗ୍ନ ହୋଇରହିଛି। ରୁଆ କାମ ସରିଥିବା ବିଲରୁ ଧାନ ଗଛ ସବୁ ଭାସିଯାଇଛି।

ବର୍ଷା ନଥାଇ ବସ୍ତାରେ ବନ୍ୟା ଲୋକଙ୍କୁ ବିଚଳିତ କରିଦେଇଛି। ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ହୋଇଥିବାରୁ ସେଠାରେ ୯୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଫଳରେ ଉପର ମୁଣ୍ଡର ପାଣି ନଦୀରେ ଆସି ଯିବାରୁ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବସ୍ତା ବିଧାୟିକା ସୁବାସିନୀ ଜେନା, ତହସିଲଦାର ସୁଶାନ୍ତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହିତ ଲୋକମାନଙ୍କୁ ଉଦ୍ଧାର ଓ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରିଥିଲେ।

## ୨୦୨୪ରେ ୮୦% ...

ବିଶେଷଜ୍ଞଙ୍କ ଅନୁଯାୟୀ ମେ' ମାସରେ ଭାରତରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହା ଫସଲ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥିଲା। ଏହା ଦ୍ୱାରା ପନିପରିବା ମୂଲ୍ୟ ଆକାଶ ଛୁଇଁ ଥିଲା। ପିଆଜ ଏବଂ ଆଳୁ ଦର ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଅଧ୍ୟୟନରେ ଚେତାବନୀ ଦିଆଯାଇଛି ଯେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ଏଭଳି ହ୍ରାସ ବୃଦ୍ଧି ଜାରି ରହିଲେ କୁପୋଷଣ ବଢ଼ିବ। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ପାରେ। ଏହା ଦ୍ୱାରା ଆର୍ଥିକ ଅସମାନତା ବୃଦ୍ଧି ପାଇପାରେ। କୋଟ୍‌ଜ କହିଛନ୍ତି ଯେ ଖାଦ୍ୟପଦାର୍ଥ ସାମଗ୍ରୀ ମୂଲ୍ୟ ବୃଦ୍ଧି ହେତୁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡୁଛି। ବିଶେଷ କରି ଗରିବ ଏବଂ କମ୍ ଆୟକାରୀ ପରିବାର ପ୍ରଭାବିତ ହେଉଛନ୍ତି। ଦରଦାମ ବଢ଼ିଲେ ଏଭଳି ପରିବାର ପୁଷ୍ଟିକର ଖାଦ୍ୟ ଖାଇପାରୁ ନାହାନ୍ତି। ଶସ୍ତା ସାମଗ୍ରୀକୁ ଭରସା କରିଥାନ୍ତି। ଏଭଳି ଖାଦ୍ୟ ପଦାର୍ଥ ଦ୍ୱାରା କର୍କଟ, ମଧୁମେହ, ହୃତ୍‌ପିଣ୍ଡ ଆଦି ରୋଗ ହୋଇପାରେ।

ଗବେଷକଙ୍କ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପାଇଁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିଲେ ମୁଖ୍ୟ ମୁଦ୍ରାସ୍ଫୀତିକୁ ବି ବଢ଼ିବ। ଏହା ଦ୍ୱାରା ମୂଲ୍ୟରେ ସ୍ଥିରତା ରଖିବା କେନ୍ଦ୍ରୀୟ ବ୍ୟାଙ୍କ କଷ୍ଟସାଧ୍ୟ ହୋଇଯିବ। ଉଚ୍ଚ ଦରଦାମ ଯୋଗୁଁ ନିର୍ବାଚନ ଫଳାଫଳ ମଧ୍ୟ ପ୍ରଭାବିତ ହେବ। ଲୋକଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଉଥିବା ଦଳ ବେଶ ଉପକୃତ ହୋଇପାରନ୍ତି। ସବୁଜ କୋଠରୀ ଗ୍ୟାସ ହ୍ରାସ ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ଗବେଷକମାନେ ଚେତାବନୀ ଦେଇଛନ୍ତି। ଶୂନ୍ୟ ନିର୍ଗମନ ପର୍ଯ୍ୟନ୍ତ ନ ପହଞ୍ଚିଲେ ଜଳବାୟୁ ଅଧିକ ବିଗିଡିଯିବ। ଏହା ଦିନକୁ ଦିନ ଅଧିକ ଖରାପ ପ୍ରଭାବ ପକାଇବ। ଏହା ପୂର୍ବରୁ ଫସଲ କ୍ଷତି କରୁଛି। ଏଥିଯୋଗୁଁ ସାରା ବିଶ୍ୱରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଚାଲିଛି।

## କୁଶଭଦ୍ରାକୁ ଖସିପଡ଼ିଲା...

ସମୟରେ ଅନତି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତା କଡ଼ରେ ପାର୍କିଂ ପାଇଁ ଗାଡ଼ି ବୁଲାଉଥିବା ବେଳେ ବ୍ରେକ୍ ପରିବର୍ତ୍ତେ ଆକ୍ସିଲିରେଟର୍ ଉପରେ ଗୋଡ଼ ରହିଯିବା ଯୋଗୁଁ କାର୍‌ଟି ଦ୍ରୁତ ଗତିରେ ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଯାଇ ନଦୀଗର୍ଭକୁ ଖସିପଡ଼ିଥିଲା। କାର୍‌ଟି ସମ୍ପୂର୍ଣ୍ଣ ଓଲଟିଯାଇ ପାଣିରେ ଭାସୁଥିବା ଅବସ୍ଥାରେ ନିକଟରେ ଉପସ୍ଥିତ ଟ୍ରେନିଂ ସେଣ୍ଟରରୁ ଶତାଧିକ ଅଗ୍ନିକ ତତ୍କାଳ ପାଣିକୁ ଡେଇଁ କାର୍‌ର କାଚ ଭାଙ୍ଗି ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ବିଶେଷ କ୍ଷତି ହୋଇନଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିବା ଚମ୍ପାହାର ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ପ୍ରକାଶ କରିଛନ୍ତି।

## ୧୦ ବର୍ଷ ପଛକୁ...

କରିଛି। ଏହା ସହର ଭିତରେ ଜନଗହଳିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହିତ ସହରର ସଂପ୍ରସାରଣ ପାଇଁ ଏକ ବଡ଼ ମାଧ୍ୟମ ହୋଇଥାନ୍ତା। ଉନ୍ନତ ଗତିଶୀଳତା ପାଇଁ ମେଟ୍ରୋ ସିଷ୍ଟମର ଜରୁରୀ ଆବଶ୍ୟକତାକୁ ଉପଲବ୍ଧି କରି ଆମେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୨୦୨୭ ସୁଦ୍ଧା ଏକ ଦୃଢ଼ ସମୟସୀମା ନିର୍ଦ୍ଧାରଣ କରିଥିଲୁ। ଏବେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି)ର ଠିକାଦାରମାନଙ୍କୁ ଦିଆଯାଇଥିବା ନୋଟିସରୁ ଜଣାପଡ଼ିଛି ଯେ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରଦ୍ଦ କରିଦେଇଛନ୍ତି। ଡବଲ ଇଞ୍ଜିନ ସରକାର ମେଟ୍ରୋ ରେଳ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ବାତିଲ କରି ଓଡ଼ିଶାର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଡବଲ ଇଞ୍ଜିନର ଏହି ଆଘାତକାରୀ ନିଷ୍ପତ୍ତି ସହରକୁ ୧୦ ବର୍ଷ ପଛକୁ ଠେଲିଦେବ।

## ବଢୁଛି ଧନୀ-ଗରିବ...

ଲାଭ ଉଠାଉଛନ୍ତି। ସେହିପରି ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଧନୀ ବ୍ୟକ୍ତିଙ୍କ ଏକ ନୂଆ ବର୍ଗ ବାହାରିଛି। ଏଥିରେ ପ୍ରତିଷ୍ଠାତା ଏବଂ ପ୍ରାରମ୍ଭିକ କର୍ମଚାରୀ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ହାଇ ନେଟୱର୍ଥ ଇଣ୍ଡିଭିଜୁଆଲ (ଏଚଏନଆଇ)ଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ଧନୀ ଲୋକଙ୍କ ଏହି ଗୋଷ୍ଠୀ ନିଜ ବର୍ଦ୍ଧିତ ଆର୍ଥିକ ପୋର୍ଟଫୋଲିଓର ପରିଚାଳନା ଲାଗି ବୃତ୍ତିଗତ ପରାମର୍ଶଦାତାଙ୍କ ସେବା ନେଉଛନ୍ତି। ତେବେ ପରାମର୍ଶଦାତା ବଜାରରେ ଏବେ ବି ଅଣସଂଗଠିତ କମ୍ପାନୀ ଏବଂ ପାରମ୍ପରିକ ବ୍ୟାଙ୍କର କର୍ତ୍ତୃତ୍ୱ ରହିଛି। ୨.୭ ଲକ୍ଷ କୋଟି ଡଲାରର ଲିକୁଇଡି ଆର୍ଥିକ ସମ୍ପତ୍ତିରେ ସ୍ୱତନ୍ତ୍ର ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ମାତ୍ର ୧୧ ପ୍ରତିଶତ ରହିଛି।

## ଦେବଝରଣରେ ବୁଡ଼ି...

ଅଧିକାରୀ ସୁଦାମ ଚନ୍ଦ୍ର କିସ୍‌କୋଙ୍କ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୧ଟା ୪୦ ମିନିଟ ସମୟରେ ଯୁଯୋମୁରା ଅଗ୍ନିଶମ କେନ୍ଦ୍ରକୁ ଏନେଇ ଖବର ଆସିଥିଲା। ଏହାପରେ ଯୁଯୋମୁରା କେନ୍ଦ୍ରାଧିକାରୀ ଲକ୍ଷ୍ମୀକାନ୍ତ ଥାପାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଣିରେ ଖୋଜାଖୋଜି କରି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ଦୁଇଜଣ ରାଜସ୍ଥାନ ଓ ଦିଲ୍ଲୀର ବୋଲି ସୂଚନା ମିଳିଛି। ଭିମସାରର ଅଧୀକ୍ଷକ ଡା. ଲାଲମୋହନ ନାୟକ ଓ ଡିନ୍ ଡା. ପ୍ରଦୀପ ମହାନ୍ତିଙ୍କ ସହ ଏକ ଡାକ୍ତରୀ ଟିମ୍ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଛନ୍ତି। ଘଟଣାସ୍ଥଳରେ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର ତଥା ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି।

ପ୍ରତିବର୍ଷ ବୁର୍ଲାର ଭିମସାର, ଭିସୁଟ୍ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ଜଣେ ଦୁଇଜଣ ଲେଖାଏ ଛାତ୍ରଛାତ୍ରୀ ମୃତ୍ୟୁବରଣ କରୁଛନ୍ତି। ଏପରିକି ପାଣି ପାଖକୁ ନଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି। ତେବେ, ଏହାପରେ ବି ଭିମସାର ହଷ୍ଟେଲର ଛାତ୍ରଛାତ୍ରୀ ମାନେ ବାହାରକୁ ଯିବା ଏବଂ ମୃତ୍ୟୁବରଣ କରିଥିବାବେଳେ ଦାୟୀ କିଏ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

## ମଉଳିଲା ମେଟ୍ରୋ...

ପଟ୍ଟନାୟକ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ଷ୍ଟେସନ ନିର୍ମାଣର କାର୍ଯ୍ୟାଦେଶ ପାଇଥିଲେ। ଓଡ଼ିଶାରେ ସରକାର ବଦଳିବା ପରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବହୁପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ ବିରୋଧରେ ଆରମ୍ଭ ହୋଇଗଲା କୁତ୍ସିତ ଷଡ଼ଯନ୍ତ୍ର। ଦିନ ଗଡ଼ିବା ସହିତ ଏହି ଷଡ଼ଯନ୍ତ୍ରରେ ନୂଆ ସରକାରଙ୍କ ମନ୍ତ୍ରିମଣ୍ଡଳର ବହୁ ମନ୍ତ୍ରୀ ଧିରେ ଧିରେ ସାମିଲ ହୋଇ ଚାଲିଲେ। ମେଟ୍ରୋ ପ୍ରକଳ୍ପକୁ ସ୍ଲୋ ପଏଜନ୍ ଦେବାକୁ ଆରମ୍ଭ ହେଲା ଫୁଲ୍‌ପଫ୍ ବ୍ଲୁ ପ୍ରିଣ୍ଟ। ସିଧାସଳଖ ସାମ୍ନାକୁ ଆସିଲେ କାଳେ ଲୋକଙ୍କ ଆକ୍ରୋଶର ଶିକାର ହେବେ ସେଥିପାଇଁ ପୂର୍ବରୁ ମେଟ୍ରୋ ପ୍ରକଳ୍ପକୁ ଉପହାସ କରୁଥିଲା ବେଳେ ସରକାରକୁ ଆସିବା ପରେ ଅଚାନକ ଅତ୍ୟନ୍ତ ଭଲପାଇବାରେ ଲାଗିଲେ। ତ୍ରିଶୂଳିଆ ପର୍ଯ୍ୟନ୍ତ ନୁହେଁ କଟକର ଏସ୍‌ସିବି ପର୍ଯ୍ୟନ୍ତ ମେଟ୍ରୋ ଗଡାଇବେ ବୋଲି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଲେ।

ଏଭଳି ବୟାନବାଜି ଚାଲିଥିଲା ବେଳେ ସରକାର ଚୁପ୍‌ଚାପ୍ ଅଚାନକ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ କରିଦେଲେ। ସବୁ କିଛି ଧିରେ ଧିରେ ବନ୍ଦ କରିଦିଆଇଗଲା। ପ୍ରକଳ୍ପ ପାଇଁ ଚାଲିଥିବା ମୃତ୍ତିକା ପରୀକ୍ଷା ଅଧାରୁ ବନ୍ଦ ହୋଇଗଲା। ଠିକା ସଂସ୍ଥା ମେସିନ୍ ହଟାଇନେଲା। ଏହାସତ୍ତ୍ୱ ମଧ୍ୟ ମନ୍ତ୍ରୀମାନଙ୍କ ଭାଷଣବାଜି ବନ୍ଦ ହୋଇ ନ ଥିଲା। ଗୋଟିଏ ପଟେ ଷଡ଼ଯନ୍ତ୍ର ଚାଲିଥିଲା ବେଳେ ଅନ୍ୟପଟେ ମନ୍ତ୍ରୀମାନେ ରାଜ୍ୟବାସୀଙ୍କୁ ନୂଆ ନୂଆ ସ୍ୱପ୍ନ ବିକ୍ରି କରିଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମେଟ୍ରୋ ପ୍ରକଳ୍ପ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଡାକଲେ। ଗୃହ ନଗର ଉନ୍ନୟନ ମନ୍ତ୍ରୀ କହିବାକୁ ଲାଗିଲେ ମେଟ୍ରୋ ପ୍ରକଳ୍ପକୁ ଅତ୍ୟାଧୁନିକ କରାଯିବ। ଉପରେ ଟ୍ରେନ୍ ଚାଲିବ ତଳେ ଯାନବାହାନ ଚଳାଚଳ କରିବ। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବିଭାଗ ଛାଡି ମେଟ୍ରୋ କଥା କହିବାକୁ ଲାଗିଲେ। ସେ ଆଉ ପାଦେ ଅଗକୁ ଯାଇ କହିଲେ ଯେ ଭୁବନେଶ୍ୱରରେ ମେଟ୍ରୋ ମାଟିତଳେ ଯିବ। ହେଲେ ମନ୍ତ୍ରୀ ମାନଙ୍କ ଏଭଳି ବୟାନବାଜିରୁ ବୁଦ୍ଧିଜୀବୀମାନେ ଯଦିଓ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଉଛି ବୋଲି ଅନୁମାନ କରୁଥିଲେ। କିନ୍ତୁ ମନ୍ତ୍ରୀମାନେ ନିଜ କଥାର ଚାତୁର୍ଜ୍ୟତାରେ ମେଟ୍ରୋକୁ ନେଇ ଗଣମାଧ୍ୟମରେ ହେଡ୍‌ଲାଇନ୍ ବନାଇ ଚାଲିଥିଲେ। ଏପରିକି ମେଟ୍ରୋକୁ ନେଇ ବୈଠକ ପରେ ବୈଠକ ଡକାଯାଉଥିଲା। ଗତ ସପ୍ତାହରେ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଯଦି ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବାର ଥିଲା ତେବେ ଏତେ ନାଟକବାଜି କାହିଁକି ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି।

ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ସ୍ୱପ୍ନ ଦେଖିଥିଲେ। ପୂର୍ବ ସରକାରଙ୍କ ସମୟରେ ଏଥିପାଇଁ କାମ ବି ଆରମ୍ଭ ହୋଇଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ବାତିଲ କରିବା ପରେ ସରକାରଙ୍କ ଏଭଳି ଷଡ଼ଯନ୍ତ୍ରକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

■ ବାସୁଦେବପୁର ପୌରାଧ୍ୟକ୍ଷାଙ୍କ ଘରୁ ଚୋରି

# ନେଇଗଲେ ୧୫ଲକ୍ଷର ଗହଣା, ନଗଦ ୧୦ ଲକ୍ଷ

ବାଲେଶ୍ୱର,୨୬।୭(ସମିସ): ବାଲେଶ୍ୱର ସହରରେ ଚୋରି ଡକାୟତି ବଢ଼ି ଚାଲିଛି। ସଦର ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ରହୁଥିବା ଭଦ୍ରକ ବାସୁଦେବପୁର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ୧୫ ଲକ୍ଷର ସୁନାଗହଣା ସହ ନଗଦ ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂପର୍କରେ ନିବେଦିତାଙ୍କ ସ୍ୱାମୀ ଶୁଭେନ୍ଦୁ ଭୂଷଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସ୍‌ପି ଆଲୋକ ରାୟ, ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଲୁଟ୍‌ର ସମସ୍ତ ଦୃଶ୍ୟ ଆପାର୍ଟମେଣ୍ଟର ସିସିଟିଭିରେ କଏଦ୍ ହୋଇଛି। ପୁଲିସ୍ ତାହାକୁ ତର୍ଜମା କରି ଲୁଟେରାଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି। ସୂଚନାନୁଯାୟୀ, ଶୁଭେନ୍ଦୁ ଓ ନିବେଦିତା ସଦର ଥାନା ଅନ୍ତର୍ଗତ କୁରୁଡା ଅଞ୍ଚଳରେ ଥିବା ସୁପ୍ରତୀକ ଗ୍ରୁପ୍‌ର ଡୁପ୍ଲେକ୍ସ ଘର (ବି ୩୦) ଭଡ଼ାରେ ରହୁଛନ୍ତି। ଝିଅ ବାହାଘର ପରେ ଉକ୍ତ ଘରେ ସୁନାଗହଣା ସହ ନଗଦ ଟଙ୍କା ଥିଲା। ଗତ ରାତିରେ ୩ ଦୁର୍ବୃତ୍ତ ଘରର କବାଟ ଭାଙ୍ଗିବା ସହ ଲକର୍ ଭାଙ୍ଗି ଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଘରର କେୟାରଟେକର୍ ଚୋରି ବାବଦରେ ଜଣାଇବା ପରେ ଶୁଭେନ୍ଦୁ ପହଞ୍ଚି ପୁଲିସକୁ ଜଣାଇଥିଲେ। ଏହାସହ ଅନ୍ୟାନ୍ୟ ଆସବାବପତ୍ର ମଧ୍ୟ ଚୋରି ହୋଇଛି।

# କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍ ନେଲା ମହିଳାଙ୍କ ଜୀବନ

## ଗିରଫ ଦାବି ନେଇ ଥାନାର ଦ୍ୱାରସ୍ଥ ପରିବାର

କଣ୍ଟାବାଞ୍ଜି/ତୁରେକେଲା,୨୬।୭(ସମିସ): କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍‌ରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲପାଟିଗାଁର ଡିଙ୍ଗରପୁଟାଙ୍କ ସ୍ତ୍ରୀ ଭଗବାନୀ ପୁଟା। ପୁଲିସ୍ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ସୂଚନାନୁଯାୟୀ, କିଛି ଦିନ ଧରି ଭଗବାନୀ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତେବେ ଗାଁରେ ବୁଲୁଥିବା କ୍ୱାକ୍ ଲର୍କଗାଁର ଗଂଜିତ ମେହେର ତାଙ୍କର ଚିକିତ୍ସା କରିଥିଲେ। ସେ ତାଙ୍କୁ ଏକ ଇଞ୍ଜେକସନ୍ ଦେଇଥିଲେ। ଏହାର କିଛି ସମୟ ପରେ ଭଗବାନୀ ଅଚେତ ହୋଇଯାଇଥିଲେ। ତାଙ୍କ ଚେତା ନ ଫେରିବାରୁ ପରିବାରଲୋକ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାରବର୍ଗ ସମ୍ପୃକ୍ତ କ୍ୱାକ ଗଂଜିତ ମେହେରଙ୍କ ବିରୋଧରେ ତୁରେକେଲା ଥାନାରେ ଅଭିଯୋଗ କରିଛନ୍ତି। ପ୍ରମାଣ ସ୍ୱରୂପ ଗଂଜିତ ଦେଇଥିବା ଉକ୍ତ ଇଞ୍ଜେକସନ୍‌କୁ ପୁଲିସ୍‌କୁ ଦେଇଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, no. 1147/25 dtd.25.07. 2025, I Sri Kumuti Kutruka, S/o- Late Raiphul Kutruka resident of Vill.- Dambakupa, Po.- Jhigidi, Ps.- Bissam Cuttack, Dist.- Rayagada, Odisha state that, actual name of my son is **Bijaya Kutruka** but in his Aadhar card his name has been wrongly mentioned as Biju Kutruka and date of birth wrongly mentioned as 01/01/2013 instead of 09/11/2007. Hence actual name of my son is **Bijaya Kutruka** and **DOB: 09/11/2007** for all purposes.

**AFFIDAVIT**

I, Sanjay Poddar, aged about 52 years, S/o- Shyam Sundar Poddar, resident of At- Old Station Road, Rourkela, Ps- Plant Site, Dist- Sundargarh, Odisha, Pin- 769004 declare by this affidavit No. 1462, dtd. 24.07.2025, that now onwards I shall be known as **SANJAY KUMAR PODDAR** for all future purposes.

**AFFIDAVIT**

I, Upendra Prasad Pandia S/o Late-Lakshman Pandia, Resident of Vill-Kanhupur, PO-Manipur, Via-Tudigadia, Dist-Baleswar, Odisha Pin-756047, declare by this affidavit No 3014 Dated 16.07.2025 that now onwards I shall be known as **UPENDRA PANDIA** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 26/07/2025, I, Sri Khagapati Petia, S/o Pachu Petia, Vill.- Hadaput, Po.- Nandapur, Ps.- Nandapur, District- Koraput declare that, I have changed my son's name from **Kailash Chandra Petia** to **Kailash Petia**. Henceforth, my son shall be known as **Kailash Petia** for all purposes.
Sd/-
Khagapati Petia

**AFFIDAVIT**

By virtue of an affidavit sworn before Executive Magistrate Keonjhar dated 11th July 2025, I, Hemanta Kumar Kalandi, Address At/Po-Khendra, Ps-Jhumpura, Dist-Keonjhar, Odisha, India, Pin Code-758031 declare that I have changed the name of my son from Udit Kumar Kalandi to Pratyush Kalandi. Henceforth, he shall be known as **Pratyush Kalandi** for all purposes.

**AFFIDAVIT**

By virtue of an affidavit sworn before Notary Public, Cuttack, no. 9395/23725 dated 22.07.2025, I, HIMANSHU SEKHAR SATAPATHY, S/o-Umesh Chandra Satapathy, resident of At- Lochapada Bank Colony, Third Lane, Gate Bazar, Brahmapur Sadar, Dist.- Ganjam-760001, Odisha, state that, my actual name is **Himanshu Sekhar Satapathy** but in my Passport my name has been wrongly mentioned as Himanshu Sekher Satpathy. Hence **Himanshu Sekher Satapathy** and **Himanshu Sekhar Satapathy** is one and same person. That I will be known as **Himanshu Sekhar Satapathy** from now onwards.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-357ER, ତା.18.07.2025ରିଖ

କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 1x25 kV ସିଷ୍ଟମ୍ର ... ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (TSS), ସେକ୍ସନିଂ ଏବଂ ପାରାଲେଲିଂ (Paralleling) ପୋଷ୍ଟ(SP) ଏବଂ ସବ୍-ସେକ୍ସନିଂ ଏବଂ ପାରାଲେଲିଂ (Paralleling) ପୋଷ୍ଟ(SSP)ର ଡିଜାଇନ୍, ଯୋଗାଣ, ନିର୍ମାଣ, ... ପରୀକ୍ଷଣ ଏବଂ ପ୍ରଚଳନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2079.58 ଲକ୍ଷ, EMD (ଟଙ୍କାରେ) : 11,89,800/-, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.08.2025 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ... ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ... ଫାର୍ମ (Firm)ର ... ଅବୈଧ ବୋଲି ଧରାଯିବ ଏବଂ ...

ଉପରୋକ୍ତ ଇ-ଟେଣ୍ଡରରେ ସମସ୍ତ ବିବରଣୀ ଇ-ଟେଣ୍ଡର ... ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ... 15(ପନ୍ଦର) ଦିନ ପୂର୍ବରୁ ... କ୍ଲାସ-III ... IREPS ପୋର୍ଟାଲରେ ... ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ... ଅନୁଲଗ୍ନକ-B, G ଏବଂ G1ର ... ଟେଣ୍ଡର ନଥିପତ୍ର ଭାଗର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ଭାଗ) ର ... ପାରା 3.1 ... ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକ୍ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I/ଭୁବନେଶ୍ୱର
PR-66/CI/25-26

**AFFIDAVIT**

I, Rina Raul, aged about 45 years, W/o- Prabodha Kumar Samal, resident of At- Mundideuli, Po/Ps- Kamakhyanagar, Dist- Dhenkanal, Odisha, Pin- 759018 declare by this affidavit No. 1461, dtd- 25/07/2025, that now onwards I shall be known as **RINARANI SAMAL** for all future purposes.

**AFFIDAVIT**

By virtue of an affidavit No. 8032, dtd. 21.07.2025 before the Notary Public, Nabarangpur, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra Das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
Sd/- Surendra Harijan

Office of the Principal
**GETESWAR SANSKRIT COLLEGE**
Matigada, Oupada, Balasore, Pin - 756049
Mob: 9937348089, Mail Id: geteswarsanskritcollege@gmail.com

**TENDER NOTICE**

Inviting tender for IT & Internet from registered IT suppliers for Geteswar Sankrit College.
1) Desktop H.P. (i3 - 13 GENERATION) – 6 NOS, 2) UPS – 6 Nos., 3) H.P. MFM printers – 2 Nos., 4) LED SONY (65 inch) – 1 Nos., 5) Wireless Mice and Camera for virtual meeting: 1 no. (Logi Tech), 6) Internet facilities.
Last date of tender application within **7 day** from the date of paper advertisement.

Sd/- Principal
Geteswar Sanskrit College,
Matigada, Oupada, Balasore

For details contact: 9937348089

**AFFIDAVIT**

By virtue of an affidavit before the Notary Public, Titilagarh, on dated-23/07/2025. I, **Motimala Padhan** (new name), formerly called as **Ruji Padhan** (old name), W/o Dukhiram Padhan, permanent resident of AT-Solbandh, P.O.- Solbandh, P.S. Patnagarh, Dist- Balangir, (Odisha), PIN- 767025 affirm that I have changed my name from **Ruji Padhan** (old name) To **Motimala Padhan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Motimala Padhan** (new name).
**Motimala Padhan**

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
email: se_nerwkjr@rediffmail.com
O-486

eProcurement Notice for Road Works under Periodical Maintenance

Identification No. NCB-10/RWCKJR/2025-26
No. 3004 / Date 22.07.2025

1. Name of the work :- Periodical Renewal Work of 5 year completed PMGSY (Post DLP) roads for Financial Year: 2025-26 under State Budget Grant in the District of Keonjhar.
2. No. of work :- 06 (Six) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10/ RWCKJR/ 2025-26 | Dt.30.07.25 at 11.00 A.M. | Dt.13.08.25 up to 5.00 P.M. | Dt.12.08.25 up to 5.00 P.M. | Dt.14.08.25 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in

OIPR-25177/11/0083/2526
Chief Construction Engineer,
R.W. Circle, Keonjhar.

**NOTICE**
(above 18 years of age)

By virtue of an affidavit sworn before Executive Magistrate, Kaptipada, Udala , dated 21-07-2025 (affidavit date) I, Vizayeeta Raysingha (new name) , Address At/P.O.-Sainkula Dist-Mayurbhanj, Pin-757102 (Complete Odisha address) declare that I have changed my name from Biyayita Rayasingh (old name) to Vizayeeta Raysingha (new name) Henceforth, I shall be known as Vizayeeta Raysingha (new name) for all purposes.
Vizayeeta Raysingha

## ଜନବସତି ମୁହାଁ ବୈତରଣୀ ବନ୍ୟା ଜଳ

# ପ୍ରଭାବିତ ହେବ ଚାଷ ଜମି; ଗ୍ରାମ୍ୟରାସ୍ତା



**ବାରିକପୁର, ୨୬।୭ (ସମିସ)**

ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଏହା ଏବେ ଜନବସତି ମୁହାଁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ନଦୀର ଉପରମୁଣ୍ଡ ଚମ୍ପୁଆ ଠାରେ ସର୍ବାଧିକ ୯୭. ୬ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିଭଳି ଗତ ୨୪ଘଣ୍ଟା ମଧ୍ୟରେ ଠାକୁରମୁଣ୍ଡା ଠାରେ ୬୯ମିମି, ସ୍ୱାମପାଟଣା ଠାରେ ୭୧. ୮ମିମି, କେନ୍ଦୁଝରଠାରେ ୨୯. ୨, ବଂଶପାଳଠାରେ ୩୮. ୩, ଆନନ୍ଦପୁରଠାରେ ୧୧. ୪ମିମି ବର୍ଷା ରେକର୍ଡ ହୋଇଛି। ତେଣୁ ଉପରମୁଣ୍ଡରେ ଭୀଷଣ ଧରଣର ବର୍ଷା ହୋଇଥିବା କାରଣରୁ ଆଜି ସକାଳୁ ନଦୀରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଇଥିଲା। ଆଖୁଆପଦା ଆନିକଟ ଠାରେ ବିପଦ ସତର୍କ ସୂଚନା ୧୭. ୮୩ଥିବା ବେଳେ ଦିନ ୧୨ଟା ବେଳେ ୧୭. ୮୬କୁ ବନ୍ୟା ଜଳ ଛୁଇଁଥିଲା। ଦିନ ୨ଟା ବେଳେ ଜଳସ୍ତର ବିପଦସଂକେତ ୧୮. ୩୩ମିଟରରେ ପହଞ୍ଚିଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ସନ୍ଧ୍ୟା ୭ଟା ସୁଦ୍ଧା ୧୮.୮୨ ରେ ଜଳ ପ୍ରବାହିତ ହେଉଛି। ସନ୍ଧ୍ୟା ୭ଟା ବେଳେ ୧୮.୮୨ ରେ ଜଳ ପ୍ରବାହିତ ହେଉଛିପାଣି ବଢୁଥିବା ଯୋଗୁଁ ବନ୍ୟା ଜଳ କଟିଂ ଏସକେପ ଦେଇ ପ୍ରବାହିତ ହେବ ବୋଲି ସୂଚନା ଦିଆଯାଇଛି। ବିଶେଷ କରି ମାଳଦା, ରହଣିଆ, ଷୋଳମପୁର, ନପଙ୍ଗ ପ୍ରମୁଖ ପଞ୍ଚାୟତର ଜନ ବସତିରେ ବନ୍ୟା ଜଳ ରାତିସୁଦ୍ଧା ପହଞ୍ଚି ଯାଇପାରେ ବୋଲି ଅନୁମାନ କରାଯାଉଛି। ସେହିଭଳି ଝୁଟଣା ଓ ବନ୍ଧାଳମଡିଆଳୀ ପଞ୍ଚାୟତ ସୀମା ଚତୁଃପାର୍ଶ୍ୱରେ ମଧ୍ୟ ବନ୍ୟାଜଳ ଘେରି ଯିବା ଆଶଙ୍କା କରାଯାଉଛି। ଏହା ମଧ୍ୟମରୁ ସାମାନ୍ୟ ବଡ ଧରଣର ବନ୍ୟା ବୋଲି ପ୍ରଶାସନ ଆକଳନ କରିଛି। ଏହାଦ୍ୱାରା ଖରିଫ୍ ଧାନ ଚାଷ ସହିତ ପନିପରିବା ଚାଷ, ପାଳବାଡି ଓ ଗ୍ରାମ୍ୟ ରାସ୍ତା ଗୁଡିକ ବିଶେଷ ପ୍ରଭାବିତ ହୋଇପାରେ। ଜଳସମ୍ପଦ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧ ସ୍ଥାନ ଗୁଡିକ ଉପରେ ନଜର ରଖାଯାଇଥିବା ବେଳେ ବାଲି ବସ୍ତା ମହଜୁଦ ରଖାଯାଇଥିବା ସହକାରୀ ଯନ୍ତ୍ରୀ ସୂଚନା ଦିଆଯାଇଛି। ସେହିଭଳି ଜଳମଗ୍ନ ଜନ ବସତି ଗୁଡିକରେ ଶୁଖିଲା ଖାଦ୍ୟ ପହଞ୍ଚାଇବା ପାଇଁ ସମସ୍ତ ପ୍ରସ୍ତୁତ ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି।

## ସାମ୍ଭାବ୍ୟ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



**ବାରିକପୁର, ୨୬।୭ (ସମିସ):** ଚଳିତ ବର୍ଷ ବୈତରଣୀ ନଦୀରେ ପ୍ରଥମ ବନ୍ୟାଜଳ ଆସିଛି। ଆଖୁଆପଦା ଆନିକଟଠାରେ ଦ୍ରୁତଗତିରେ ବନ୍ୟା ଜଳ ମାଡୁଥିବା ବେଳେ ତଳିଆ ଅଞ୍ଚଳ ଖୁବ ଶୀଘ୍ର ଜଳମଗ୍ନ ହେବ ବୋଲି ଅନୁମାନ କରାଯାଉଛି। ସାମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଶୁକ୍ରବାର ଅପରାହ୍ନରେ ଆନିକଟଠାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ରତ୍ନାକର ଦଳେଇ, ବିଡ଼ିଓ ଦେବଦତ୍ତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଶବ ଚନ୍ଦ୍ର ବେହେରା, ହୃଦାନନ୍ଦ ଜେନା, ସୁଶାନ୍ତ ଦାସ ପ୍ରମୁଖ ପଦାଧିକାରୀଙ୍କ ସହିତ ବିଧାୟକ ସାମ୍ଭାବ୍ୟ ବନ୍ୟାକୁ ନେଇ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯଥାଶୀଘ୍ର ଡ଼ଙ୍ଗା ଓ ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବାକୁ ବିଧାୟକ ବ୍ଲକ ପ୍ରଶାସନକୁ କହିଥିବା ବେଳେ ଏନେଇ ଜିଲ୍ଲାପାଳଙ୍କ ସହିତ ଫୋନ ଯୋଗେ କଥା ହୋଇଛନ୍ତି। ଏହାଛଡା ଲୋକ ମାନଙ୍କୁ ବିଚ୍ଛିନ୍ନ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ପାଇଁ ବିଧାୟକ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଛନ୍ତି। ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ଯୁବନେତା ଦିପ୍ତୀସୂର୍ଯ୍ୟ ବିଶ୍ୱାଳ, ବରିଷ୍ଠ ନେତା ମୁକ୍ତିକାନ୍ତ ମହାନ୍ତି, ରାଜେନ୍ଦ୍ର ଖଣ୍ଡାଇ, ବୀରେନ୍ଦ୍ର ନାୟକ, ସତ୍ୟାନନ୍ଦ ମହାପାତ୍ର, ବସନ୍ତ ବେହେରା, ନାଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଫୁଲୁଛି ବୈତରଣୀ; ତଳିଆ ଲୋକେ ଆତଙ୍କିତ

## ତରେଇ ସାହିରେ ୫୦ ଫୁଟ ନଦୀବନ୍ଧ ଧସିଲା



**ଅସୁରାଳି, ୨୬।୭ (ସମିସ):** ବୈତରଣୀ ନଦୀରେ ବନ୍ୟାସ୍ଥିତି ଯୋଗୁଁ ତଳ ନଦୀ କୁଳିଆ ଗାଁ ହସନାବାଦ, ଅର୍ଜୁନପୁର, ନଦୀଗାଁ, ଧୂଷୁରି, ପାଳସାହି, ରହିପୁର, ଭଟ୍ଟ ସାହି ଆଦି ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାଙ୍କୁ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ଭାଙ୍ଗିବା ଆଶଙ୍କା ରହିଥିବାରୁ ବାଉଁଶ ଓ ବାଲିବସ୍ତା ଦ୍ୱାରା ରାସ୍ତା ସୁରକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖାଯାଇଛି ଓ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ଚାଲିଛି। ବୈତରଣୀ ନଦୀର ବନ୍ୟା ଜଳ ଚାଷୀଙ୍କ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ଶତାଧିକ ଏକର ଧାନ ଜମି ବୁଡ଼ିଯାଇଛି। ଏହି ବନ୍ୟା ଚାଷୀମାନଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିପାରେ।ଏବେର ତଥ୍ୟ ଅନୁଯାୟୀ ବୈତରଣୀ ର ଜଳ ସ୍ତର ତଳିଆ ଅଞ୍ଚଳରେ ଦିନକୁ ଦିନ ବଢ଼ିବା ରେ ଲାଗିଚି। ପୁଣି ଆଗାମୀ ଦିନରେ ଲଗାଣ ବର୍ଷା ହେବା ସହ ରେଡ ୱାର୍ଣ୍ଣ ଜାରି କରାଯାଇଛି ଏଣୁ ସମ୍ଭାବ୍ୟ ବନ୍ୟା ଆଶଙ୍କା କୁ ଟାଳି ଦିଆ ଯାଇ ନ ପାରେ। ଯଦି ଉପରମୁଣ୍ଡରେ ଅଧିକ ବର୍ଷା ହେବା ଜାରି ରହିଥାଏ, ତେବେ ବୈତରଣୀ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇପାରେ। ବନ୍ୟା ପରିସ୍ଥିତିର ସମୀକ୍ଷା ନିମନ୍ତେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଜିଲ୍ଲାପାଳ ଦିଲୀପ ରାଉତରାଏ, ଜଳ ସମ୍ପଦ ବିଭାଗର ଏସସି ଶରତ ଚନ୍ଦ୍ର ଘଡ଼େଇ, ଏସଡିଓ କିଶୋର ଦାସ ଓ ଯୁବ ନେତା ରୁଦ୍ର କିଶୋର ନାୟକ ପ୍ରମୁଖ ଦୁର୍ବଳ ଥିବା ନଦୀବନ୍ଧ ବୁଲି ଦେଖିଛନ୍ତି। ପୁଣି ଅର୍ଜୁନପୁର ପଞ୍ଚାୟତର ତରେଇ ସାହିଠାରେ ୫୦ ଫୁଟ ନଦୀବନ୍ଧ ଧସି ଯାଇଥିବାରୁ ସଇଲୋ ଓ ତରେଇ ସାହି ର ବାସିନ୍ଦା ଆତଙ୍କିତ ହୋଇପଡ଼ିଛନ୍ତି।

## ବନ୍ୟା ପାଣିରେ ଫସିଗଲେ ଗୋରୁ



**ବାରିକପୁର, ୨୬।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ବନ୍ଧାଳମଡିଆଳୀ ଗ୍ରାମ ପଞ୍ଚାୟତ ବଳିପୁରଠାରେ କିଛି ଗାଈଗୋରୁ ବନ୍ୟା ପାଣିରେ ଫସି ଯାଇଛନ୍ତି। ଆଜି ସକାଳେ ଗ୍ରାମର ଅନେକ ଗାଈଗୋରୁ ନଦୀ ପଠାଟାପୁକୁ ଚାରଣ ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଅପରାହ୍ନ ରେ ଅଧିକାଂଶ ଫେରି ଆସିଥିବା ବେଳେ ୧୦/୧୨ଟି ଗାଈ ଓ ବାଛୁରୀ ଟାପୁରେ ଚାରଣ କରୁଥିଲେ। ଗୋଟିଏ ଦୁଇଟି ଷଣ୍ଢ ମଧ୍ୟ ସେମାନଙ୍କ ସହିତ ଚାରଣ କରୁଥିଲେ। ହଠାତ୍ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଗୋବଂଶ ଆଉ ନଦୀ କୂଳକୁ ଫେରି ନ ଥିଲେ। ଗାଁର ଗୋପାଳକମାନେ ନଦୀ କୂଳରେ ପହଞ୍ଚିଥିଲେ ସୁଦ୍ଧା ଗାଈଗୋରୁଙ୍କ ବନ୍ୟା ପାଣିରୁ ଉଦ୍ଧାର କରିବା ସମ୍ଭବ ହୋଇ ନଥିଲା। ୨ଟି ଗୋରୁ ଭାସି ଯାଇଥିବା ବେଳେ ଆଉ ଦୁଇଟି କୌଣସି ପ୍ରକାରରେ ନଦୀ ପାର ହୋଇ କୂଳକୁ ଆସିଥିଲେ। ବୈତରଣୀ ଟାପୁରେ ୫ରୁ ୭ଟି ଗାଈଗୋରୁ ରହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳକୁ ଯାଇଥିଲେ ସୁଦ୍ଧା ରାତି ହୋଇଯିବା କାରଣରୁ ନଦୀ ମଧ୍ୟକୁ ପ୍ରବେଶ କରି ଗୋବଂଶକୁ ଉଦ୍ଧାର କରିବା ସମ୍ଭବ ହୋଇନାହିଁ।



ବୈତରଣୀ ନଦୀର କଣ୍ଟିଘାଇଠାରେ ବନ୍ୟାଜଳ ପ୍ରବେଶ କରିଛି (ଫଟୋ: ଉମାକଲ୍ୟାଣ)

## ବୋହୂ ହତ୍ୟା ମାମଲା; ସ୍ୱାମୀ, ଶଶୁର ଓ ଶାଶୂଙ୍କୁ ୩ ବର୍ଷ ଜେଲ

ଭଦ୍ରକ, ୨୬।୭ (ସମିସ): ଶାଶୂଘରର ନିର୍ଯାତନା ସହି ନ ପାରି ବୋହୂ ଜୀବନ ହାରିବା ମାମଲାର ବିଚାର କରି ଭଦ୍ରକ ସ୍ପେଶାଲ ଟ୍ରାକ କୋର୍ଟର ବିଚାରପତି ଜ୍ୟୋତିରଞ୍ଜନ ଦାଶ ଅଭିଯୁକ୍ତ ସ୍ୱାମୀ ସମେତ ଶାଶୂ-ଶଶୁରଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା ଅନ୍ତର୍ଗତ ଗୋପୀନାଥପୁର ଗାଁର କମଳାକାନ୍ତ ଯେନା ତିହିଡ଼ି ଥାନା ଅନ୍ତର୍ଗତ ଦୋଳସାହି ଗାଁର ବିଦ୍ୟାଧର ଜେନାଙ୍କ କନ୍ୟା ଦୀପାଙ୍କୁ ୨୦୧୬ ମସିହାରେ ବିବାହ କରିଥିଲେ। ବିବାହ ପରେ ଶାଶୂଘର ଲୋକ ଅଧିକ ଯୌତୁକ ଦାବି କରି ମାରଧର କରିବା ସହ ଦୀପାଙ୍କ ଚରିତ୍ରକୁ ନେଇ ସନ୍ଦେହ ପ୍ରକଟ କରି ନାନା ଆକ୍ଷେପ କରୁଥିଲେ। ଶାଶୂଘରର ଲୋକଙ୍କ ଏଭଳି ନିର୍ଯାତନା ସହି ନ ପାରି ଦୀପା ୨୦୨୩ ମସିହା ମେ୨ ତାରିଖରେ ଆତ୍ମହତ୍ୟା କରିଥିଲେ। ଏ ନେଇ ତାଙ୍କ ଭାଇ ସଞ୍ଜୟ ବାଂଶଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୪/୨୩ କେସ୍ ନମ୍ବର ମୂଳେ ଏକ ମାମଲା ରୁଜୁ କରିଥିଲା। ପରେ ଏହି ମାମଲାରେ ସ୍ୱାମୀ କମଳାକାନ୍ତ, ଶଶୁର ରବୀନ୍ଦ୍ର ଯେନା ଓ ଶାଶୂ ମାଳତୀଙ୍କୁ ଗିରଫକରି ଜେଲକୁ ପଠାଇ ଦିଆଯାଇଥିଲା। ଏହି ମାମଲାର ଚାର୍ଜସିଟ ଦାଖଲ ହୋଇ ଏହା ସ୍ପେଶାଲ ଟ୍ରାକ୍‌ରେ ବିଚାର ପାଇଁ ଗ୍ରହଣ ହୋଇଥିଲା। ସବୁ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସମ୍ପୃକ୍ତ କୋର୍ଟ ଦୋଷୀମାନଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ୩ ମାସ ଅଧିକ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

## କାଉଡ଼ିଆଙ୍କୁ ସେବା ପ୍ରଦାନ

ବାରିକପୁର, ୨୬।୭ (ସମିସ): ପବିତ୍ର ଶ୍ରାବଣ ମାସ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ମାନେ ଶୈବପୀଠକୁ ଯାତ୍ରା କରୁଥିବା କାଉଡିଆଙ୍କୁ ସେବା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ କଲେଜ ପରିସରରେ କାଉଡିଆଙ୍କୁ ବିଶ୍ରାମ ସେବା ସହିତ ପ୍ରସାଦ ସେବା ଯୋଗାଇ ଦିଆଯାଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ଏବଂ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ଏହି ସେବା ଦିଆଯାଇଛି। ଯେଉଁ କାଉଡିଆମାନେ ବୈତରଣୀ ନଦୀରୁ ପାଣି ନେଇ ପଞ୍ଚଲିଙ୍ଗେଶ୍ୱର, ଆଖଣ୍ଡଳମଣି ଓ ଅନ୍ୟାନ୍ୟ ଶୈବ ପୀଠକୁ ଯାଉଛନ୍ତି ସେମାନଙ୍କୁ ସେବା ପ୍ରଦାନ କରାଯାଇଛି।

## ଭଦ୍ରକ ରୋଟାରୀ କ୍ଲବ୍ ମିଡ଼୍‌ଟାଉନ ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ

**ଭଦ୍ରକ, ୨୬।୭ (ସମିସ):** ଦେଶମାତୃକା ଭାରତବର୍ଷକୁ ଶତ୍ରୁ କବଳରୁ ରକ୍ଷା କରିବାକୁ ଯାଇ ନିଜର ପ୍ରାଣବଳି ଓ ଆତ୍ମବିସର୍ଜନ ଦେଇଥିବା ଭାରତର ଗର୍ବ ଓ ଗୌରବ ଆତ୍ମପୁରୁଷ ହେଉଛନ୍ତି ବିରଜବାନ। ସେମାନଙ୍କ ଆତ୍ମବଳିଦାନ ପାଇଁ ରାଷ୍ଟ୍ରଆଜି ସର୍ଗବରେ ମୁଣ୍ଡଟେକି ଛିଡା ହୋଇଛି। ଦେଶର ବୀର ସୈନିକମାନେ କାରିଗିଲ ଯୁଦ୍ଧରେ ପାକିସ୍ଥାନକୁ ହରାଇ ସେଠାରେ ଆମ ଜାତୀୟ ପତାକା ଉଡାଇ ସାର ବିଶ୍ୱକୁ ଭାରତ ଶାନ୍ତିର ବାର୍ତା ପ୍ରଦାନ କରିଥିଲେ। ସେମାନଙ୍କର ଅମର ଗାଥା ଆଜି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଇଛି। ଏହି ମହାନ ସ୍ମୃତିକୁ ରୋମନ୍ଥନ କରି ଭାରତ ପାଳୁଛି କାରଗିଲ ବିଜୟ ଦିବସ। ଏଇ ଅବସରରେ ଭଦ୍ରକ ରୋଟାରୀ କ୍ଲବ ମିଡଟାଉନ ପକ୍ଷରୁ ଶହୀଦ ସ୍ମୃତି ଭବନ (ଟାଉନହଲ)ଠାରେ ପାଳିତ ହୋଇଯାଇଛି କାରଗିଲ୍ ବିଜୟ ଦିବସ। ଏହି ବିଜୟ ଉତ୍ସବକୁ ଜିଲ୍ଲାପାଳ ଦିଲୀପ ରାଉତରାଏ ଅନୁଷ୍ଠାନିକ ଭା।ବେ ଉଦଘାଟନ ଦିବସ ପାଳନ କରୁଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ଦେଶର ଗୌରବରକ୍ଷାକରି ଆମ ବୀରସୈନିକମାନେ ଶାନ୍ତିର ବାର୍ତ୍ତା ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଜିଲ୍ଲା ଗଉର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଓ କର୍ଣ୍ଣେଲ ଅନୀଲ କୁମାର ଯୋଗଦେଇଥିଲେ। ଅତିଥି ପରିଚୟ ଦେଇଥିଲେ ରୋଟାରିଆନ ଚୈତାଳି ଖିଲାର, ବରିଷ୍ଠ ରୋଟାରିଆନ ସମାଜସେବୀ ଡ. ଶିଶିରକୁମାର ମିଶ୍ର ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାପତି ସନ୍ଧ୍ୟାଗୁପ୍ତା ଓ ସମ୍ପାଦକ ସିଲୁ ଲାକାରୀଙ୍କ ତତ୍ତ୍ୱାବଧାନରେ ରୋଟାରିଆନ୍ ବେଦପ୍ରକାଶ ଗୁପ୍ତା, ରତନ ଲାଲ ଗୁପ୍ତା, ଅଶୋକ ବିଶ୍ୱାଳ, ରାହୁଲ ଖେରିଆ, ସନାତନ ଜେନା, ପ୍ରମୋଦ ଲଖୋନୀ, ଅନୀଲ ଦେ, ସଙ୍ଗୀତ ଦେ, ପବିତ୍ର ଖିଲାର, ସମିତା ମିଶ୍ର, ନିରଞ୍ଜନ ମଲ୍ଲିକ, ଶଶୀ ଲାଖାନୀ, ଅଞ୍ଜୁ ଗୁପ୍ତା, ସୁନିତା ଗୁପ୍ତା, ମନୋଜ ଅଗ୍ରୱାଲ, ଜିତେନ୍ଦ୍ର ଅଗ୍ରୱାଲ, ସୀମାଅଗ୍ରୱାଲ, ରୁମା ଅଗ୍ରୱାଲ ସହଯୋଗ କରିଥିଲେ।




### ଧାମନଗରରେ ବନ୍ୟା ମୁକାବିଲାର ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

# ଶୁଖିଲା ଖାଦ୍ୟ ଓ ପାଣି ମହଜୁଦ ରଖିବାକୁ ନିର୍ଦ୍ଦେଶ

**ଭଦ୍ରକ/ଧାମନଗର/ଦୋବଲ, ୨୬।୭ (ସମିସ)**



ଧାମନଗରରେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶୁକ୍ରବାର ମନ୍ତ୍ରୀ ଭୁବନେଶ୍ୱରରୁ ଆସି ଯାଜପୁରରେ ପହଞ୍ଚିଥିଲେ। ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ କୁମାର ନାୟକ ଏବଂ ଯାଜପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତେଇପୁରସ୍ଥିତ ମଲ୍ଲିମାହାରା ଏସକେପ୍ ବୁଲି ଦେଖିଥିଲେ। ପରେ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଓ ପଧାନି ପଞ୍ଚାୟତର କୋଚିଳାମୁହଁ ବୁଲି ଦେଖିଥିଲେ। ଏହାପରେ ଧୂଷୁରୀର ଧୋୟାଞ୍ଚଳ ହୋଇ ଧାମନଗର ବ୍ଲକରେ ପହଞ୍ଚି ବିଭିନ୍ନ ବିଭାଗର ଅଧିକାରୀଙ୍କ ସମୀକ୍ଷା କରିଥିଲେ। ବିଶେଷକରି ବନ୍ୟା ସମୟରେ ପାନୀୟ ଜଳ ଯୋଗାଣ, ରନ୍ଧା ଖାଦ୍ୟ, ଲୋକଙ୍କୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପଶୁଙ୍କ ପାଇଁ ଖାଦ୍ୟ ପଞ୍ଚାୟତ ଗୋଦାମ ଘରେ ମହଜୁଦ ରଖିବା ପାଇଁ ବ୍ଲକ ପ୍ରଶାସନର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍ ଓ ଦମକଳବାହିନୀଙ୍କୁ ସଜାଗ ରହିବା ଲାଗି କୁହାଯାଇଛି। ଅର୍ଜୁନପୁର, ପଧାନି, ସୋହଡ଼ା, କରଦା, ଖଡ଼ିପଦା ଓ ଆନନ୍ଦପୁର ଏବଂ ଧୂଷୁରୀ, ହସନାବାଦ, ନଦୀଗାଁ ଆଦି ଅଞ୍ଚଳକୁ ଫୋକସ କରିବାକୁ ମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ବି ଲୋକେ ଯେମିତି ସମସ୍ୟାରେ ନ ପଡ଼ନ୍ତି, ସେ ନେଇ ପ୍ରାଥମିକତା ଦେବାକୁ ଜିଲ୍ଲାପାଳ ଓ ଏସପିଙ୍କୁ କହିଛନ୍ତି ପ୍ରଭାବିତ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ଉଚ୍ଚ ସ୍ଥାନରେ ଆଶ୍ରୟ ନେବାକୁ କୁହାଯାଇଛି। ସ୍କୁଲ ଘର, ବାତ୍ୟା ଆଶ୍ରୟସ୍ଥଳ ଓ ସରକାରୀ କୋଠାରେ ଅସ୍ଥାୟୀ ଭାବେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଇଛନ୍ତି। ୮୦ ବର୍ଷରୁ ଅଧିକ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କୁ ନିଶ୍ଚିତ ସ୍ଥାନାନ୍ତର କରିବାକୁ କୁହାଯାଇଛି। ସେହିପରି ଆସନ୍ନ ପ୍ରସବା ବିଶେଷ କରି ୭ ଦିନରୁ କମ୍ ସମୟ ଥିବା ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ଲାଗି ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଶ୍ରୟସ୍ଥଳଗୁଡ଼ିକରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ମହଜୁଦ ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଛାଡ଼ିବା ପରେ କୃଷି ଓ ଉଦ୍ୟାନକୃଷି ବିଭାଗର ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ଉପଜିଲ୍ଲାପାଳ କହିଛନ୍ତି। ବୈତରଣୀ, ଗେଙ୍ଗୁଟି ଓ କୋଚିଳା ନଦୀବନ୍ଧର ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ତରଫରୁ ରାତ୍ରିକାଳୀନ ପାଟ୍ରୋଲିଂ କରିବାକୁ ଏସପିଙ୍କୁ କୁହାଯାଇଛି। ସେହିପରି ବନ୍ୟା ସମୟରେ ସାପ କାମୁଡ଼ା ଭୟ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆଣ୍ଟିଭେନମ ମହଜୁଦ ରଖାଯାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦୦ ଆଣ୍ଟିଭେନମ ଇଂଜେକସନ ମହଜୁଦ୍ ରହିଥିବା ଅଧୀକ୍ଷକ ମନ୍ମୟ ସାମନ୍ତସିଂହାର କହିଛନ୍ତି। ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୧୮.୬୭ ମିଟରରେ ପ୍ରବାହିତ ହେଉଥିଲା। ଆହୁରିଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ବୈଠକରେ ଜିଲ୍ଲାପାଳ ଦୀଲିପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ମନୋଜ ରାଉତ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଭେନ୍ଦ୍ର ସାମଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ବନ୍ୟା ମୁକାବିଲାର ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ




ଭଦ୍ରକ/ଧାମନଗର/ଦୋବଲ, ୨୬।୭(ସମିସ)

ଧାମନଗରରେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଅପରାହ୍ଣରେ ମନ୍ତ୍ରୀ ସିଧା ଭୁବନେଶ୍ୱରରୁ ଆସି ଯାଜପୁରରେ ପହଞ୍ଚିଥିଲେ। ଜଳ ସଂପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର ନାୟକ ଏବଂ ଯାଜପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତେଇପୁରସ୍ଥିତ ମଲ୍ଲିମାହାରା ଏସକେପ୍ ବୁଲି ଦେଖିଥିଲେ। ପରେ ପରେ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଓ ପଧାନି ପଞ୍ଚାୟତର କୋଚିଲା ମୁହଁ ବୁଲି ଦେଖିଥିଲେ। ଏହାପରେ ଧୂଷୁରୀର ଧୋୟା ଅଞ୍ଚଳ ହୋଇ ଧାମନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ବନ୍ୟା ମୁକାବିଲା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଶେଷକରି ବନ୍ୟା ସମୟରେ ପାନୀୟଜଳ ଯୋଗାଣ, ରନ୍ଧା ଖାଦ୍ୟ, ଲୋକଙ୍କୁ ସ୍ଥାନାନ୍ତର କରିବା ଉପରେ ଜୋର ଦେଇଥିଲେ। ଏହାସହ ପଶୁଙ୍କ ପାଇଁ ଖାଦ୍ୟ ପଞ୍ଚାୟତ ଗୋଦାମ ଘରେ ମହଜୁଦ ରଖିବା ପାଇଁ ବ୍ଲକ ପ୍ରଶାସନର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେହିପରି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍ ଓ ଦମକଳବାହିନୀଙ୍କୁ ସଜାଗ ରହିବା ଲାଗି କୁହାଯାଇଛି। ଅର୍ଜୁନପୁର, ପଧାନି, ସୋହଡ଼ା, କରଦା, ଖଡ଼ିପଦା ଓ ଆନନ୍ଦପୁର ଏବଂ ଧୂଷୁରୀ, ହସନାବାଦ, ନଦୀଗାଁ ଆଦି ଅଞ୍ଚଳକୁ ବର୍ତ୍ତମାନ ପାଇଁ ଫୋକସ କରିବାକୁ ମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ବି ଲୋକେ ଯେମିତି ସମସ୍ୟାରେ ନ ପଡ଼ନ୍ତି, ତାହାକୁ ପ୍ରାଥମିକତା ଦେବାକୁ ମନ୍ତ୍ରୀ ଭଦ୍ରକ ଜିଲ୍ଲାପାଳ ଓ ଏସପିଙ୍କୁ କହିଛନ୍ତି।

ସତର୍କତାମୂଳକ ପଦକ୍ଷେପ ନେଇ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ଉଚ୍ଚ ସ୍ଥାନରେ ଆଶ୍ରୟ ନେବାକୁ କୁହାଯାଇଛି। ସ୍କୁଲ ଘର, ବାତ୍ୟା ଆଶ୍ରୟସ୍ଥଳ ଓ ସରକାରୀ କୋଠାରେ ଅସ୍ଥାୟୀ ଭାବେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଇଛନ୍ତି। ୮୦ ବର୍ଷରୁ ଅଧିକ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କୁ ନିଶ୍ଚିତ ସ୍ଥାନାନ୍ତର କରିବାକୁ କୁହାଯାଇଛି। ସେହିପରି ଆସନ୍ନ ପ୍ରସବା ବିଶେଷ କରି ୭ ଦିନରୁ କମ୍ ସମୟ ଥିବା ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ଲାଗି ମେଡିକାଲ ଅଫିସରଙ୍କୁ କହିଛନ୍ତି। ସେହିପରି ଆଶ୍ରୟସ୍ଥଳଗୁଡ଼ିକରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ମହଜୁଦ ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଛାଡ଼ିବା ପରେ କୃଷି ଓ ଉଦ୍ୟାନକୃଷି



ବିଭାଗର ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ଉପଜିଲ୍ଲାପାଳ କହିଛନ୍ତି। ବୈତରଣୀ, ଗେଙ୍ଗୁଟି ଓ କୋଚିଲା ନଦୀବନ୍ଧର ସମ୍ବେଦନଶୀଳ ଅଂଚଳରେ ପୋଲିସ ତରଫରୁ ରାତ୍ରିକାଳୀନ ପାଟ୍ରୋଲିଂ କରିବାକୁ ଏସପିଙ୍କୁ କୁହାଯାଇଛି। ସେହିପରି ବନ୍ୟା ସମୟରେ ସାପ କାମୁଡ଼ା ଭୟ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆଣ୍ଟି ଭେନମ ମହଜୁଦ ରଖାଯାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦୦ ଆଣ୍ଟି ଭେନମ ଇଂଜେକସନ ମହଜୁଦ୍ ରହିଥିବା ଅଧୀକ୍ଷକ ମନ୍ମୟ ସାମନ୍ତସିଂହାର କହିଛନ୍ତି।

ଅନ୍ୟପକ୍ଷରେ, ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୧୮.୬୭ ମିଟରରେ ପ୍ରବାହିତ ହେଉଥିଲା। ଉପର ମୁଣ୍ଡରେ ଆଜି ସକାଳେ ବର୍ଷା ହୋଇଥିବାରୁ ଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ଏଣୁ ଜଳସ୍ତର ଆଉ ୬ ଫୁଟ୍ ଉଚ୍ଚର ପାଣି ଆସିଲେ ଏସକେପ୍ ବାଟେ ଗାଁ ଭିତରକୁ ପାଣି ପଶିବ। ତେବେ ଜଳ ସଂପଦ ବିଭାଗର ଅଧିକାରୀଙ୍କ ସୂଚନା ଅନୁସାରେ ବୈତରଣୀରେ ମଧ୍ୟମ ଧରଣର ବନ୍ୟା ହେବାକୁ ଥିବାରୁ ଧାମନଗର ପ୍ରତି ବିପଦ କମ୍ ରହିଛି। କାରଣ, ଏଥର ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପକୁ ଉଚ୍ଚା କରାଯାଇଛି। ଯାହା ଫଳରେ ଛୋଟ କିମ୍ବା ମଧ୍ୟ ଧରଣର ବନ୍ୟା ହେଲେ ଗାଁ ଭିତରକୁ ପାଣି ପଶିବ ନାହିଁ। ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ମନୋଜ ରାଉତ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଭେନ୍ଦ୍ର ସାମଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରରଂଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଫୁଲୁଛି ବୈତରଣୀ; ତଳିଆ ଲୋକେ ଆତଙ୍କିତ



ଅସୁରାଳି, ୨୬।୭(ସମିସ): ବୈତରଣୀ ନଦୀରେ ବନ୍ୟାସ୍ଥିତି ଯୋଗୁଁ ତଳ ନଦୀ କୂଳସ୍ଥିତ ହସନାବାଦ, ଅର୍ଜୁନପୁର, ନଦୀଗାଁ, ଧୂଷୁରି, ପାଳସାହି, ରହିପୁର, ଭଙ୍ଗ ସାହି ଆଦି ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାରମାନଙ୍କୁ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ଭାଙ୍ଗିବା ଆଶଙ୍କା ରହିଥିବାରୁ ବାଉଁଶ ଓ ବାଲିବସ୍ତା ଦ୍ୱାରା ରାସ୍ତା ସୁରକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖାଯାଇଛି ଓ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ଚାଲିଛି। ବୈତରଣୀ ନଦୀର ବନ୍ୟା ଜଳ ଚାଷୀମାନଙ୍କ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ଶତାଧିକ ଏକର ଧାନ ଜମି ବୁଡ଼ିଯାଇଛି। ଏହି ବନ୍ୟା ଚାଷୀମାନଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିପାରେ। ତଥ୍ୟ ଅନୁଯାୟୀ, ବୈତରଣୀର ଜଳସ୍ତର ତଳିଆ ଅଞ୍ଚଳରେ ଦିନକୁ ଦିନ ବଢିବାରେ ଲାଗିଛି। ପୁଣି ଆଗାମୀ ଦିନରେ ଲଗାଣ ବର୍ଷା ହେବା ସହ ରେଡ ୱାର୍ଣ୍ଣ ଜାରି କରାଯାଇଛି। ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଟାଳି ଦିଆ ଯାଇ ନ ପାରେ। ଯଦି ଉପରମୁଣ୍ଡରେ ଅଧିକ ବର୍ଷା ହେବା ଜାରି ରହିଥାଏ, ତେବେ ବୈତରଣୀ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇପାରେ। ଏହା ତଳିଆ ଅଞ୍ଚଳରେ ଜଳମଗ୍ନ ସ୍ଥିତି, ରୋଗ ବ୍ୟାପନ ଓ ଜନ ସ୍ଥାନାନ୍ତର ଅବସ୍ଥାକୁ ଉଦ୍ଭବ କରିପାରେ। ସ୍ଥାନୀୟ ବାସିନ୍ଦା ସମ୍ଭାବ୍ୟ ବନ୍ୟାର ପ୍ରତିକାର ନିମନ୍ତେ ପ୍ରଶାସନ ପାଖରେ ଦାବି ଜଣାଇଛନ୍ତି। ଏହି ଆଶଙ୍କା ବନ୍ୟା ପରିସ୍ଥିତିର ସମୀକ୍ଷା ନିମନ୍ତେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଜିଲ୍ଲାପାଳ ଦିଲୀପ ରାଉତରାଏ, ଜଳ ସମ୍ପଦ ବିଭାଗର ଏସସି ଶରତଚନ୍ଦ୍ର ଘଡ଼େଇ, ଏସଡିଓ କିଶୋର ଦାସ ଓ ଯୁବନେତା ରୁଦ୍ରକିଶୋର ନାୟକ ପ୍ରମୁଖ ଦୁର୍ବଳ ଥିବା ନଦୀବନ୍ଧ ବୁଲି ଦେଖିଛନ୍ତି। ପୁଣି ଅର୍ଜୁନପୁର ପଞ୍ଚାୟତର ତରେଇସାହିଠାରେ ୫୦ ଫୁଟ ନଦୀବନ୍ଧ ଧସି ଯାଇଥିବାରୁ ସଇଲୋ ଓ ତରେଇ ସାହିର ବାସିନ୍ଦା ଆତଙ୍କିତ। ବୈତରଣୀ ନଦୀର ଜଳସ୍ତର ବୃଦ୍ଧିର ପ୍ରଭାବ ମାନବ ଜୀବନ ଓ ଆର୍ଥିକ ସ୍ଥିତି ଉପରେ ଗଭୀର ଭାବେ ପଡ଼ିଛି।

# ଚାଷୀ ପଞ୍ଜୀକରଣ ସରଳ ପ୍ରକ୍ରିୟା: ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନୁନାହାନ୍ତି

ଧାମନଗର, ୨୬।୭(ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଚଳିତ ୨୦୨୫-୨୬ ବର୍ଷ ପାଇଁ ସରକାରୀ ଧାନ ମଣ୍ଡିରେ ଧାନ ବିକ୍ରୟ ପାଇଁ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସମିତିରେ ଚାଷୀମାନେ ପଞ୍ଜୀକରଣ କରୁଛନ୍ତି। ଗତ ବର୍ଷ ଧାନର ସହାୟକ ମୂଲ୍ୟ ବୃଦ୍ଧି ଓ ବୋନସ ପାଇଁ ଏଥର ଅଧିକ ଚାଷୀ ପଞ୍ଜୀକରଣ କରିବା ଆଶା ଏବେ ମଉଳି ଯାଇଛି। କାରଣ ଗତବର୍ଷ ତୁଳନାରେ ଏଥର ଚାଷୀ ପଞ୍ଜୀକରଣରେ କିଛି ସରକାରୀ କଟକଣା ବାଧକ ସାଜିଛି। ସମସ୍ୟା ପାଇଁ ଚାଷୀଟିଏ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଜାଣି ଖାଦ୍ୟ ଯୋଗାଣ ମନ୍ତ୍ରୀ ଏହି ନିୟମକୁ ସରଳୀକରଣ କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଲେ। ଯାହାଫଳରେ ଜିଲ୍ଲାପାଳମାନେ ତହସିଲଦାରଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେଲେ; ମାତ୍ର ଧାମନଗର ତହସିଲ ଅନ୍ତର୍ଗତ ଚାଷୀମାନେ ଏହି ସୁଯୋଗରୁ ବଞ୍ଚିତ। ଆର.ଆଇମାନେ ପୂର୍ବ ନିର୍ଦ୍ଦେଶ ମୁତାବକ କଟକଣା ଜାହିର କରୁଥିବାରୁ ବିଚରା ଚାଷୀ ହନ୍ତସନ୍ତ ହେବା ସହ ସମିତିରେ ପଞ୍ଜୀକରଣ ସଂଖ୍ୟା ହ୍ରାସ ପାଉଛି। ପଞ୍ଜୀକରଣ ଅବଧି ଆଉ ୨୦ ଦିନ ଥିବାରୁ ଚାଷୀ ନିରାଶ ହେଉଛି। ତୁରନ୍ତ ପଞ୍ଜୀକରଣ କଟକଣା ହଟାଇବା ସହ ଅବଧି ବୃଦ୍ଧି କରିବାକୁ ଚାଷୀମାନେ ସରକାରୀ ଓ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# 'ଆମେ'ର ଅମାବାସ୍ୟା ଆସର

ଭଦ୍ରକ,୨୬।୭(ସମିସ): ସମ୍ପ୍ରତି ବିଶ୍ୱ ଯେଉଁ ପରିସ୍ଥିତି ମଧ୍ୟରେ ଗତି କରୁଛି ତା' ଭିତରେ ସାଧାରଣ ମଣିଷ ସବୁ ସମୟରେ ଏକ ଆକସ୍ମିକତାରେ ଜୀବନ ଜୀଉଁଛି। ଯୁଦ୍ଧ ପରେ ଦେଶରେ ଶାନ୍ତି ଫେରିଛି, ମାତ୍ର ଯୁଦ୍ଧ ଶାନ୍ତିର ବିକଳ୍ପ ନୁହେଁ ବୋଲି ପ୍ରଜ୍ଞାପୀଠରେ




ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ପକ୍ଷରୁ ଆୟୋଜିତ ଅମାବାସ୍ୟା ଆସରରେ ଆଲୋଚ୍ୟ ବିଷୟ 'ଯୁଦ୍ଧ ଓ ଶାନ୍ତି' ପରିପ୍ରେକ୍ଷୀରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଭଦ୍ରକ କଲେଜ କ୍ୟାମ୍ପସ୍ କେଶବ ନଗର ସ୍ଥିତ ପ୍ରଜ୍ଞାପୀଠରେ ଚିତାଲାଗି ଅମାବାସ୍ୟା ଅବସରରେ ଅନୁଷ୍ଠିତ ମାସିକ ଅମାବାସ୍ୟା ଆସରରେ ଉପସଭାପତି ଆଇନ୍‌ଜୀବୀ ଅଗଣି ଚରଣ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରାଧ୍ୟାପକ ଶିବଚରଣ ଖାମୁରାଇ ଯୋଗ ଦେଇଥିବା ବେଳେ ଆଲୋଚିକା ଭାବେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ଯୋଗ ଦେଇଥିଲେ। ଅଧ୍ୟାପିକା ଉଷାରାଣୀ ଜେନା, ସାହିତ୍ୟାନୁରାଗୀ ମଦନମୋହନ ମହାକୁଡ଼, ଏସ୍‌ୟୁଜେ ଜିଲ୍ଲା ସମ୍ପାଦକ ସାମ୍ବାଦିକ ତପନ ମିଶ୍ର, ଯୁବନେତା ଅମ୍ବିକା ପ୍ରସନ୍ନ ଦାସ, ବିଏମ୍‌ଏସ୍ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ଅଖିଳ ଭାରତ ଆଶାକର୍ମୀ ସଂଘ କେନ୍ଦ୍ର ଉପସଭାପତି ମୁକ୍ତିକାନ୍ତ ସାହୁ, ଶିଳ୍ପୀ ରତିକାନ୍ତ ଦାସ, ଦିଲିପ ନାୟକ, କୈଳାସ ଜେନା, ରଜତ ସାହୁ, ଯୁବ କବି ଅଂଶୁମାନ ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। 'ଆମେ'ର ପ୍ରତିଷ୍ଠାତା ପ୍ରଫେସର ଅଟଳ ବିହାରୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କବି ରମେଶ ଚନ୍ଦ୍ର ସ୍ୱାଇଁ 'ଯୁଦ୍ଧ ଓ ଶାନ୍ତି' ପର୍ଯ୍ୟବେଶିତ କବିତା ଆବୃତ୍ତି କରିଥିଲେ। ସମ୍ଭାବନାର ସମ୍ପାଦକ ରତ୍ନରାଜ ଅକ୍ଷୟ, ଗୀତିକାର ଅରୂପାନନ୍ଦ ଆସରର ସୁପରିଚାଳନା କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଆଦ୍ୟାଶା ନାୟକ, ଆରାଧ୍ୟା ନାୟକ ଆସରରେ ଚିତଉ ପିଠା ଦେଇ ସଭିଙ୍କୁ ଆପ୍ୟାୟିତ କରିଥିଲେ।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ରଞ୍ଜନଙ୍କୁ ମିଳିବ ଆବାସ

ଅସୁରାଳି, ୨୬।୭(ସମିସ): ଖବର କାଗଜରେ ପ୍ରକାଶିତ ଆବାସହୀନ ରଞ୍ଜନ ବେହେରାଙ୍କ ବିଷୟରେ ଜାଣିବା ପରେ ଖୁବ୍ ଶୀଘ୍ର ଆବାସ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ପିଇଓ ଅନିଲ ସେଠୀ ରଞ୍ଜନଙ୍କ ବ୍ୟାଙ୍କ୍ ଖାତା ସହ ଆବଶ୍ୟକ ତଥ୍ୟ ନେବା ସହ ଖୁବ୍ ଶୀଘ୍ର ବ୍ୟାଙ୍କ୍ ଖାତାକୁ ଆବାସ ସମ୍ବନ୍ଧୀୟ ଅର୍ଥ ରାଶି ଆସିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଦୁଇବର୍ଷ ତଳେ ବାତ୍ୟାରେ ଘର ଭାଙ୍ଗି ଯାଇ ଥିଲା। ଘର ତୋଳିବାକୁ ଅଣ୍ଟିରେ ପଇସା ନଥିଲା। ପର ଘରେ ମୂଲ ଲାଗିଲେ ପରିବାର ଚଳେ। ଆଗରୁ ନୁଆଁଣିଆ ବାଉଁଶ ତିଆରି ଛପର ନଥିବା ଘରେ ପଲିଥିନ ପକାଇ ବରଷେ ହେଲା ସାପ, ବେଙ୍ଗକୁ ସାଥୀକରି ଆଶ୍ରୟ ନେଇଥିଲେ। ଏହି ଦୁସ୍ଥ ଦମ୍ପତି ଓ ଦୁଇ ନିଷ୍ପାପ ଶିଶୁଙ୍କୁ ସହାୟତା ପାଇଁ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ସାହୁସାହି ଗାଁର ୩୮ ବର୍ଷୀୟ ରଂଜନ ବେହେରାଙ୍କ ପରିବାର ୨ ବର୍ଷ ଧରି ସରପଞ୍ଚଠୁ ବିଡିଓଙ୍କ ପର୍ଯ୍ୟନ୍ତ, ଗାଁ ୱାର୍ଡ ମେମ୍ବରଙ୍କଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଧାଇଁଧାଇଁ ଫଳ କିଛି ପାଇ ନଥିଲେ। ୪ ମାସ ତଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗରିବ ଲୋକଙ୍କୁ ଆବାସ ମିଳିବା ଖବର ଏହି ପରିବାର ପାଇଥିଲେ। ତାଙ୍କ ନାଆଁ ଏହି ଯୋଜନାରେ ଦିଆଯାଇଛି ବୋଲି ସ୍ଥାନୀୟ ନେତା ତାଙ୍କୁ କହିଲେ; କିନ୍ତୁ ଫଳ ହେଲା ଓଲଟା। ଗାଁର ପକ୍କା ଘର ଲୋକେ ଏହି ଯୋଜନାରେ ଉପକୃତ ହେଲେ। ଏଥିରୁ ମଧ୍ୟ ଏହି ପରିବାର ବଞ୍ଚିତ ହେଲା; ମାତ୍ର ଏବେ ଜିଲ୍ଲାପାଳଙ୍କ ଆଦେଶ ପରେ ସେ ଆବାସ ପାଇବେ ବୋଲି ଜାଣି ଜିଲ୍ଲାପାଳଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ଗଣମାଧ୍ୟମକୁ ମଧ୍ୟ ନିଜର ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

# ଯିବେ ୪ ଜେଇ, ଆସିବେ ଜଣେ




**ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ ହେବ କେମିତି!**

ବନ୍ତ/ଆଗରପଡ଼ା, ୨୬।୭(ସମିସ): ବନ୍ତ ବ୍ଲକରେ ୯ ଜଣ ଜେଇଙ୍କ ମଧ୍ୟରୁ ଇତିମଧ୍ୟରେ ୨ ଜଣ ମହିଳା ଜେଇ ପ୍ରିୟଙ୍କା ପ୍ରିୟଦର୍ଶିନୀ ସେଠୀ ଓ ଅସିମା ନାୟକ ସହକାରୀ ଯନ୍ତ୍ରୀ ପଦକୁ ଉନ୍ନିତ ହେବା ସହ ସୂଚନା ଅନୁଯାୟୀ, ଉଭୟଙ୍କ ବାସୁଦେବପୁର ବ୍ଲକକୁ ବଦଳି ହୋଇଛି। ସେହିପରି ଅମରଜ୍ୟୋତି ଦୀପକ କୁମାର ଜେନାଙ୍କ ଚାନ୍ଦବାଲି ଓ ପ୍ରଦୀପ ପରିଡ଼ାଙ୍କ ଭଣ୍ଡାରିପୋଖରୀ ବ୍ଲକକୁ ବଦଳି ହୋଇଥିବା ଜଣାପଡ଼ିଛି। ୯ଜଣ ଜେଇଙ୍କ ମଧ୍ୟରୁ ବର୍ତ୍ତମାନ ଆଦେଶ ଅନୁସାରେ ୪ଜଣ ଜେଇଙ୍କ ବଦଳି ହୋଇଛି। ୪ଜଣ ଜେଇଙ୍କ ବଦଳରେ ଜଣେ ଜେଇ ବିକାଶ କୁମାର ସିଂହଙ୍କ ବନ୍ତକୁ ବଦଳି ହୋଇଥିବା ଜଣାପଡ଼ିଛି ଯିଏକି ଭଦ୍ରକ ବ୍ଲକରେ କାର୍ଯ୍ୟରତ ଅଛନ୍ତି। ତେଣୁ ଯଦି ଆଦେଶ କାର୍ଯ୍ୟକାରୀ ହୁଏ ତେବେ ୨୫ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ୬ଜଣ ଜେଇ ସମ୍ଭାଳିବେ। ୯ଜଣରେ ସମସ୍ୟା ଉପୁଜୁଥିବା ବେଳେ ୬ଜଣ ଜେଇକୁ ନେଇ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ କିପରି ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବ୍ଲକରେ ୨୫ଟି ଗ୍ରାମପଂଚାୟତ ପାଇଁ ୯ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି। ୬ ଜଣ ମହିଳା। ସେମାନେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ ଠିକ୍‌ଭାବେ କରିପାରୁ ନଥିବା ଅଭିଯୋଗ ମଧ୍ୟ ହେଉଛି। ୧୭ଟି ପଞ୍ଚାୟତର ଦାୟିତ୍ୱ ୬ଜଣ ମହିଳା ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଜଣେ ଜଣେ ୩ଟି କରି ପଞ୍ଚାୟତର ଦାୟିତ୍ୱ ନିର୍ବାହ କରୁଛନ୍ତି। ଯଦ୍ୱାରା ଉନ୍ନୟନ ମୂଳକ କାର୍ଯ୍ୟରେ ବିଳମ୍ବ ଘଟୁଛି। ବର୍ତ୍ତମାନ ପୁଣି ୪ଜଣ ଜେଇଙ୍କ ଅନ୍ୟତ୍ର ବଦଳି ହୋଇଥିବା ଜଣାପଡ଼ିଛି। ବ୍ଲକର ଉନ୍ନୟନମୂଳକ କାର୍ଯ୍ୟକୁ ଆଖି ଆଗରେ ରଖି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତି ଦେବାକୁ ବନ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।

## ● କାରଗିଲ ବିଜୟ ଦିବସ

# ସହିଦ ନିରଞ୍ଜନ ବେହେରାଙ୍କ ସମାଧି ପୀଠ ଅବହେଳିତ

ଭଦ୍ରକ, ୨୬।୭(ସମିସ): ଦେଶ ପାଳୁଛି କାରଗିଲ ବିଜୟ ଦିବସ। ଏହି ଯୁଦ୍ଧରେ ନିଜ ଜୀବନକୁ ବଳିଦାନ ଦେଇ ଆମ ଦେଶର ସହିଦ ହୋଇଥିବା ଯବାନଙ୍କ ମଧ୍ୟରେ ଅଛନ୍ତି ଭଦ୍ରକ ଜିଲ୍ଲାର ଏକ ମାତ୍ର ସହିଦ ନିରଞ୍ଜନ ବେହେରା। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଉତୁକୁଡ଼ା ପଞ୍ଚାୟତର ପାଙ୍ଗୁଡା ଗାଁରେ ଜନ୍ମଲାଭ କରିଥିଲେ ଏହି ବୀର ଯବାନ। କାରଗିଲ ଯୁଦ୍ଧକୁ ଇତିମଧ୍ୟରେ ବିତିଗଲାଣି ୨୫ ବର୍ଷ; ହେଲେ ସହିଦ ନିରଞ୍ଜନ ବେହେରାଙ୍କ ସମାଧିପୀଠ ଆଜି ବି ଅବହେଳିତ। ସହିଦଙ୍କ ସମାଧି ପୀଠର ଉନ୍ନତି କରଣ ତ ଦୂରର କଥା ସେଠାକୁ ଯିବା ପାଇଁ ରାସ୍ତାଟିଏ ବି ନାହିଁ। କେବଳ ଆଜିର ଦିନରେ ସ୍ଥାନୀୟ ନେତାଙ୍କ ମନେ ପଡେ ସହିଦ ନିରଞ୍ଜନଙ୍କ ବଳିଦାନ। ଫୁଲହାରଟିଏ ଦେଇ ମନେ ପକାନ୍ତି ଅତୀତର ଇତିହାସକୁ। ପରେ ଭୁଲି ଯାଆନ୍ତି ସହିଦଙ୍କ ପ୍ରତି ନିଜର କର୍ତ୍ତବ୍ୟ। ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କର ଆନ୍ତରିକତା ଅଭାବ ଯୋଗୁଁ ସମାଧି ପୀଠର ଉନ୍ନତିକରଣ ହୋଇ ପାରୁନି ବୋଲି କୁହନ୍ତି ସ୍ଥାନୀୟ ଲୋକେ। ଅବହେଳିତ ଅବସ୍ଥାରେ ପଡି ରହିଥିବା ବୀର ସୈନିକଙ୍କର ସମାଧି ପୀଠରେ ଗୋଟିଏ ପାର୍କ ନିର୍ମାଣ ସହ ଯାତାୟାତ ପାଇଁ ରାସ୍ତାଟିଏ ନିର୍ମାଣ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ରବିନ୍ଦ୍ର ନାୟକ ଓ ବ୍ରଜକିଶୋର ବାରିକ।



# ୨୭ତମ କାରଗିଲ ବିଜୟ ଦିବସ ପାଳିତ




ଭଦ୍ରକ, ୨୬।୭(ସମିସ): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ ଓ ଶହୀଦ ଭଗତ ସେନା ପକ୍ଷରୁ ୨୭ତମ କାରଗିଲ ବିଜୟ ଦିବସ ବାଗୁରାଇସ୍ଥିତ ସୈନିକ ସଂଘ କାର୍ଯ୍ୟାଳୟରେ ଆଜି ପୂର୍ବାହ୍ନ ୯ଟାରେ ପାଳିତ ହୋଇଯାଇଛି। ସୈନିକ ସଂଘ ଓ ଭଗତ ସେନାର ସଦସ୍ୟମାନେ ଉପସ୍ଥିତ ହୋଇ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ଭେଟେରାନ ରୋହିତ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ସମ୍ପାଦକ ଭେଟେରାନ ଅଶୋକ କୁମାର ପାତ୍ର, ଉପଦେଷ୍ଟା ଭେଟେରାନ ନାରାୟଣଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାସ, ସୁରେଶ ନାୟକ, କରୁଣାକର ପରିଡ଼ା, ନିଗମାନନ୍ଦ ତ୍ରିପାଠୀ, ଭଗତ ସେନା ସଦସ୍ୟ ହେମନ୍ତ ମହାପାତ୍ର ପ୍ରମୁଖ ଶହୀଦ ମାନଙ୍କ ସ୍ମୃତିଚାରଣ କରିବା ସହ କାରଗିଲ ଯୁଦ୍ଧରେ ବିଜୟ ଆମ ଦେଶ ପାଇଁ ଏକ ବଡ଼ ସଫଳତା ଥିଲା ଏବଂ ଏହି ଯୁଦ୍ଧରେ ଶହୀଦ ହୋଇଥିବା ଯବାନ ମାନେ ଚିରସ୍ମରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୈନିକ ସଂଘ ଓ ଭଗତ ସେନାର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ହସ୍ତକ୍ଷେପରେ ହଟିଲା ଅହୋରାତ୍ର ଧାରଣା



ବାସୁଦେବପୁର, ୨୬।୭(ସମିସ): ବାସୁଦେବପୁର କଂଗ୍ରେସ ପକ୍ଷରୁ ଚାରି ଦଫା ଦାବିରେ ଅହୋରାତ୍ର ଧାରଣା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ହସ୍ତକ୍ଷେପ ଫଳରେ ହଟି ଯାଇଛି। କଂଗ୍ରେସ ଚାରି ଦଫା ଦାବୀରେ ଆଦାନୀ କମ୍ପାନୀର ପୋର୍ଟକୁ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଥିଲା। ବାସୁଦେବପୁର ଓ ବାଲିମୁଣ୍ଡାଠାରେ ଶହ ଶହ ଗାଡି ଅଟକି ରହିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଅହୋରାତ୍ର ଧାରଣା ଡକରା ଦିଆଯାଇଥିଲା। ସନ୍ଧ୍ୟାରେ ବ୍ଲକରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସପି ମନୋଜ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସହ ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ପୌରପାଳିକାର ଇଓ ସୁଧାଂଶୁ ମୋହନ ସ୍ୱାଇଁ, ଆରଏଣ୍ଡବିର ସହକାରୀ ଯନ୍ତ୍ରୀ, ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ପ୍ରମୁଖଙ୍କ ଏକ ବୈଠକ ବସିଥିଲା। ଭିଡିଓ କନଫରେନ୍ସ ଯୋଗେ ଆଦାନୀ ପୋର୍ଟ ସିଇଓଙ୍କ ସହିତ କଥା ହେବା ପରେ ଏକ ସମାଧାନର ବାଟ ଫିଟିଛି। ଆଗାମୀ ଦିନର ଜିଲ୍ଲାପାଳ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ ରଖି ବାଇପାସ ରୋଡ ଓ ଦୁର୍ଘଟଣା ରୋକିବାକୁ ଜାମୁଝାଡିରୁ ଧାମରା ପର୍ଯ୍ୟନ୍ତ ଅତ୍ୟାଧୁନିକ ସ୍ପିଡ ବ୍ରେକର ଲାଗିବ। ଯାହା ଦ୍ରୁତଗାମୀ ଗାଡି ଓ ମୋଟରସାଇକଲକୁ ରୋକିବା ସହିତ ମୋଟା ଅଙ୍କରରେ ଜରିମାନା ଲାଗିବ। ପରେ ଜିଲ୍ଲାପାଳ ଓ ଏସପି ଧାରଣାସ୍ଥଳର ଘୋଷଣା କରିବା ପରେ ଅହୋରାତ୍ର ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବ୍ରାହ୍ମଣସାହିକୁ ସ୍ଥାୟୀ ରାସ୍ତା ନିର୍ମାଣ ପ୍ରସଙ୍ଗ

# ରାଷ୍ଟ୍ରମୁଖ୍ୟଙ୍କୁ ଅଭିଯୋଗପତ୍ର ଲେଖିଲେ ସାହିବାସୀ

ବନ୍ତ/ଆଗରପଡ଼ା, ୨୬।୭(ସମିସ): ବ୍ଲକ୍ ପ୍ରଶାସନଠାରୁ ଜିଲ୍ଲା ପ୍ରଶାସନ ଓ ପରେ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କଲାପରେ ମଧ୍ୟ ସାହିବାସୀଙ୍କ ଅଭିଯୋଗ କେହି ଶୁଣୁ ନଥିବାରୁ ସେମାନେ ବାଧ୍ୟ ହୋଇ ରାଷ୍ଟ୍ରମୁଖ୍ୟଙ୍କୁ ଅଭିଯୋଗରପତ୍ର ଲେଖିଥିବା ଜଣାପଡ଼ିଛି। ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ମଙ୍ଗୁଲି ଗ୍ରାମ ବ୍ରାହ୍ମଣସାହିଠାରେ। ଏହି ସାହିକୁ ଭଲ ରାସ୍ତାଟିଏ ନାହିଁ। ସାହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ସଂଯୋଗ କରୁଛି। ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ରାସ୍ତା ସମସ୍ୟା ଯୋଗୁଁ ଗ୍ରାମବାସୀ ରାସ୍ତା ଅବସ୍ଥା ପାଇଁ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଉକ୍ତ ସାହିବାସୀ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଏହାର ଏକକିତା ନକଲ ବିଡିଓ, ବନ୍ତ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳ, ଭଦ୍ରକଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିବା ସହ ଏହାର ସ୍ଥାୟୀ ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ କିନ୍ତୁ ଅଦ୍ୟାବଧି କିଛି ସୁଫଳ ପାଇପାରିନାହାନ୍ତି। ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ମାଟି ଓ ମୋରମରେ ଉକ୍ତ ରାସ୍ତା ନିର୍ମିତ ହୋଇଥିଲା; କିନ୍ତୁ ଇତି ମଧ୍ୟରେ ଏହାକୁ ୬ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏଥିରେ କୋଣସି ଅଗ୍ରଗତି ହୋଇନାହିଁ।



# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ମରାମତି ଦାବି

ବାରିକପୁର, ୨୬।୭(ସମିସ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପର୍ଯ୍ୟାୟକ୍ରମେ ନିର୍ମିତ ହୋଇଥିବା ରାସ୍ତାଗୁଡିକ ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତାଗୁଡିକର ମରାମତି ଅଭାବରୁ ସେଥିରେ ଯାତାୟାତ କରିବା ପଥଚାରୀଙ୍କ ଏକପ୍ରକାର କଷ୍ଟକର ହେଉଛି। ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା ଅବସ୍ଥା ଏବେ ବେହାଲ ହୋଇ ପଡ଼ିଛି। ତନ୍ମଧ୍ୟରୁ ପର୍ବତୀଠାରୁ ମାଳଦା କଣ୍ଠା ଘର ଛକ ଯାଏଁ ନିର୍ମିତ ରାସ୍ତା ଅନ୍ୟତମ। କିଛି ବର୍ଷ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପଞ୍ଚାୟତ ଓ ଜଳସମ୍ପଦ ବିଭାଗ ଅଧୀନରେ ଥିବା ରାସ୍ତାକୁ ଯୋଜନା ମୁତାବକ ନବୀକରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହା ନିର୍ମିତ ହୋଇଥିବା ବେଳେ ଏବେ କ୍ରମଶଃ ପଥଟି ଦୁର୍ବଳ ପାଲଟିଛି। ଯଦିଓ ସ୍ୱଳ୍ପ କିଛି ସ୍ଥାନରେ ମରାମତି କାର୍ଯ୍ୟ ହୋଇଛି ତଥାପି ଅନେକ ଯାଗାରେ ରାସ୍ତାଟି ଅତ୍ୟନ୍ତ ସଙ୍କଟାପନ୍ନ ହୋଇଛି। ମଣାଗଡିଆଠାରୁ ରାଢୋ କେନାଲ ପୋଲ ଯାଏଁ ନିର୍ମିତ କଂକ୍ରିଟରେ ଫାଟ ସୃଷ୍ଟି ହୋଇଛି। ଏହା ଦୀର୍ଘ ଦିନ ହେବ ଦେଖା ଯାଉଥିବା ବେଳେ ଏଯାଏଁ ପଥଟିକୁ ମରାମତି କରା ଯାଇନାହିଁ। କେତେକ ସ୍ଥାନରେ ପିଚ୍ ମଧ୍ୟ ଉଠି ଗଲାଣି। ତେଣୁ ରାସ୍ତାଟିକୁ ତୁରନ୍ତ ମରାମତି ପାଇଁ ଚାରି ପାଞ୍ଚ ଖଣ୍ଡି ଗାଁର ଲୋକେ ଦାବି କରିଛନ୍ତି। ଉକ୍ତ ରାସ୍ତାକୁ ଛାଡ଼ି ମଧ୍ୟ ଅନ୍ୟାନ୍ୟ କେତେକ ରାସ୍ତାର ମରାମତି ଜରୁରୀ ହୋଇଛି।



## ଅନ୍‌ଲାଇନରେ ପତିତପାବନ ବାନା

# ବିକ୍ରି ପାଇଁ ଅନୁମତି ଦେଇଛି କିଏ ?

ପୁରୀ,୨୬।୭(ସମିସ): ଅନ୍‌ଲାଇନରେ ବିକ୍ରି ହେଉଛି ପତିତପାବନ ବାନା। ଯାହାକୁ ନେଇ ଏବେ ସନ୍ଦେହରେ ଭକ୍ତ, ସେବାୟତ। ବାସ୍ତବରେ ଏହି ବାନାକୁ ଅନ୍‌ଲାଇନରେ ବିକ୍ରି କରାଯିବା ପାଇଁ ସମ୍ପୃକ୍ତ କମ୍ପାନୀ ଅନୁମତି ପାଇଛି ନା ନାହିଁ, ଯଦି କିଏ ଦେଇଛି ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରିଛି। କେବଳ ବାନା ନୁହେଁ, ପୂର୍ବରୁ ଅନ୍‌ଲାଇନରେ ନିର୍ମାଲ୍ୟ, ଶୁଖିଲା ଭୋଗ, ମହାପ୍ରସାଦ ବିକ୍ରିକୁ ନେଇ ସ୍ୱର ଉଠାଇଛନ୍ତି ସେବାୟତ। ଅନ୍‌ଲାଇନରେ ବିକ୍ରି ହେଲେ ଏହିସବୁର ପବିତ୍ରତା ରକ୍ଷା ହେବ ନାହିଁ ବୋଲି ମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ହେଲେ ଏ ଦିଗରେ ମନ୍ଦିର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାବେଳେ ଏମିତି କିଛି କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମନମାନୀ କରିବାକୁ ପରୋକ୍ଷରେ ସାହସ ପାଇଛନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ଏବେ ଅନ୍‌ଲାଇନରେ ପତିତପାବନ ବାନା ବିକ୍ରି କରାଯାଉଥିବା କୁହାଯାଉଥିଲେ ହେଁ, ବାସ୍ତବରେ ତାହାର ଶୁଦ୍ଧତା ଓ ପବିତ୍ରତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍‌ଲାଇନରେ ଯିଏ ଯାହା ବିକ୍ରି କରୁ କିନ୍ତୁ ପତିତପାବନ ନାଁ କହି ପତାକା ବିକ୍ରି କରିବା ଦୋଷାବହ ବୋଲି କହିଛନ୍ତି ଶ୍ରୀମନ୍ଦିର ଚୁନରା ସେବାୟତ। ଏଠାରେ ପ୍ରଶ୍ନଉଠୁଛି ଅନ୍‌ଲାଇନରେ ବିକ୍ରି ପାଇଁ ଅନୁମତି ଦେଇଛି କିଏ?

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା




ଅନେକ ନଜିର ରହିଛି। ଏବେ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ବାନା କ୍ଷେତ୍ରରେ ଏଭଳି ଘଟଣା ନଜରକୁ ଆସିଛି। ଫ୍ଲିପ୍‌କାର୍ଟ୍‌ରେ ପତିତପାବନ ନାଁରେ ବାନା ବିକ୍ରି କରାଯାଉଛି। କମ୍ପାନୀ ଅନ୍‌ଲାଇନରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିଛି। ଦୁଇଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ। ଏହାର ମାହାତ୍ମ୍ୟ କ'ଣ, ଏହା କେଉଁ କାର୍ଯ୍ୟରେ ଲାଗେ ଏସବୁ ଉଲ୍ଲେଖ କରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଛି। ତେବେ ସବୁଠୁ ବଡ଼ କଥା ହେଉଛି ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏଥିରେ ଏହି ପତାକା ପାଇଁ ଯେଉଁ ମୂଲ୍ୟ ରଖାଯାଇଛି ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର୍ ଅଧିକ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜ୍‌ର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ ଟଙ୍କା, ଗୋଟିଏ ୧,୫୪୯ ଟଙ୍କା, ଗୋଟିଏ ୧,୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ଅନ୍ୟ କେଉଁଠାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ତେଣୁ ବର୍ତ୍ତମାନ ଯେଉଁ ପତିତପାବନ ବାନା ଅନ୍‌ଲାଇନରେ ପୁଣି ମାତ୍ରାଧିକ ମୂଲ୍ୟରେ ବିକ୍ରି କରାଯାଉଛି ତାହାକୁ ଅନୁମତି ଦେଇଛି କିଏ? ଏମିତି ପ୍ରଶ୍ନ ଏବେ ଉଙ୍କି ମାରୁଥିବାବେଳେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଚୁନରା ସେବକ।

ଅନ୍ୟପକ୍ଷରେ ଚୁନରା ସେବକଙ୍କ ମତରେ ଯେ କେହି ଅନ୍‌ଲାଇନରେ ତାଙ୍କର ସାମଗ୍ରୀ ଯେତେ ଟଙ୍କାରେ ବିକନ୍ତୁ ଆମର କିଛି କହିବାର ନାହିଁ। କିନ୍ତୁ ଶ୍ରୀମନ୍ଦିର ପତିତପାବନ ବାନା କହି ଏହାକୁ ବିକ୍ରି କରିବା ଦୋଷାବହ। ନୀଳଚକ୍ର ଓଲାଗି ବାନାକୁ ଶ୍ରୀମନ୍ଦିର ଭିତରେ କେବଳ ଚୁନରା ସେବକମାନେ ହିଁ ବିକ୍ରି କରିପାରିବେ। ଏହା ଆମର ଅଧିକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମାଜନ୍ କମ୍ପାନୀ ପାଖରେ ଏହା ପହଞ୍ଚିଲା କିପରି? ସେମାନେ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରି ମିଛି କହି ବିକ୍ରି କରୁଛନ୍ତି। ପତିତପାବନ ବାନା କହିଲେ କେବଳ ଶ୍ରୀମନ୍ଦିର ଧ୍ୱଜାକୁ ହିଁ ବୁଝାଏ। ଏହା ଦୋଷାବହ, ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଦରକାର। ଏ ନେଇ ଆମ ନିଯୋଗ କେବଳ ମନ୍ଦିର ପ୍ରଶାସନକୁ ଅବଗତ କରିବ, କିନ୍ତୁ ମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉଚିତ୍।

# ଡିଏସପି ନିଯୁକ୍ତିରେ ପାତରଅନ୍ତର

## ପଦୋନ୍ନତିର ୩ ମାସ ପରେ ବି ଥାନା ସମ୍ଭାଳିଛନ୍ତି

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅଜବ ବ୍ୟବସ୍ଥା ଦେଖାଦେଇଛି। ପଦୋନ୍ନତି ପାଇଥିବା ୧୬୯ ଜଣ ଡିଏସପିଙ୍କ ମଧ୍ୟରୁ ୭୦ ଜଣଙ୍କର ପୋଷ୍ଟିଂ ହୋଇଥିଲେ ମଧ୍ୟ ୯୯ ଜଣ ଡିଏସପି ପୋଷ୍ଟିଂ ପାଇ ପାରିନାହାନ୍ତି। ଫଳରେ ସେମାନେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପୂର୍ବରୁ ଡିଏସପି ପୋଷ୍ଟିଂର କ୍ଷମତା ରାଜ୍ୟ ପୁଲିସ ମୁଖିଆଙ୍କ ପାଖରେ ରହିଥିବା ବେଳେ ଏବେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଛି। ଗୃହ ବିଭାଗ ପାଖରେ କ୍ଷମତା ଥାଇ ମଧ୍ୟ ଡିଏସ୍‌ପି

- ଡିଏସପିର କାମ; ଇନ୍ସପେକ୍ଟରର ଦରମା
- ପୁଲିସ ମହଲରେ ଅସନ୍ତୋଷ
- ପୋଷ୍ଟିଂ ଅପେକ୍ଷାରେ ୯୯ ଡିଏସପି

ପୋଷ୍ଟିଂରେ ଏଭଳି ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଥିବା ବେଳେ ଏଭଳି ପାତରଅନ୍ତର ପୁଲିସର ଅଧିକାରୀଙ୍କ ମନୋବଳକୁ ଆହୁରି ଆଘାତ ପହଞ୍ଚାଇଛି।

ଗତ ମାସ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯୯ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି।

ଡିଏସପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୩ ମାସ ବିତିଯାଇଥିଲେ ମଧ୍ୟ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲା ସର୍ବନିମ୍ନ ଡିଏସପି ପାହ୍ୟାର ଅଧିକାରୀ କରିବାର ପ୍ରାବଧାନ ରହିଛି। ଥାନାରେ ଡିଏସ୍‌ପି ଇନ୍‌ଚାର୍ଜ ଭାବେ କାର୍ଯ୍ୟରତ ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ ଦାୟିତ୍ୱ ନେଉଛନ୍ତି। ମୋଟାମୋଟି କହିବାକୁ ଗଲେ, ଇନ୍ସପେକ୍ଟର ପଦବୀରେ ଥାଇ ମଧ୍ୟ ଡିଏସପି ପାହ୍ୟାର ଅଧିକାରୀଙ୍କ କାମ କରୁଛନ୍ତି।

ଡିଏସପି ଭାବେ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ଅନେକ ଅଧିକାରୀ ଏବେ ବି ଇନ୍ସପେକ୍ଟର୍ ପାହ୍ୟାର ଦରମା ପାଉଛନ୍ତି। ପୂର୍ବରୁ ଇନ୍ସପେକ୍ଟର୍ ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସ୍‌ପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲାଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଡିଏସପି ପଦବୀ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବମଞ୍ଜୁରୀ ପଦବୀ ଅନୁସାରେ ଦରମା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସ୍‌ପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯୯ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ, ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି ବୋଲି କିଛି ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

# ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମୁହାଁମୁହିଁ; ୩ ମୃତ

ଗଣିଆ/ଦଶପଲ୍ଲା,୨୬।୭(ସମିସ): ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତର ଅଛନ୍ତି। ଆଜି ସନ୍ଧ୍ୟା ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ଼ ଜିଲ୍ଲା ଦଶପଲ୍ଲା ଟାକରା ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ମାଲ୍ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ପରସ୍ପରକୁ ଧକ୍କା ଦେଇଥିଲେ। ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।



ଆସନ୍ତାକାଲି ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରରୁ ଶବ ହସ୍ତାନ୍ତର କରାଯିବ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣାଗ୍ରସ୍ତ ୨ଟି ଟ୍ରକ୍‌କୁ ଜବତ କରିଛି ପୁଲିସ। ଗୋଟିଏ ଟ୍ରକ୍ ରାୟଗଡ଼ାରୁ ଆସିଥିବା ବେଳେ ସେଥିରେ ଦୁଇ ଜଣ ଥିଲେ। ସେଥିମଧ୍ୟରୁ ଡ୍ରାଇଭର ଦୀପକ ଚୌହ୍ୱାନ ମୃତ୍ୟୁବରଣ କରିଥିବା ବେଳେ ଜଣେ ଜୀବିତ ଅଛନ୍ତି। ଆଉ ଗୋଟିଏ ଟ୍ରକ୍ ଆନ୍ଧ୍ରପ୍ରଦେଶରୁ ଆସିଥିବା ବେଳେ ସେଥିରେ ୩ ଜଣ ଥିଲେ। ସେଥିମଧ୍ୟରୁ ଆପଲା ନାଇଡୁ ମୃତ୍ୟୁବରଣ କରିଥିବା ବେଳେ କୋୟା ମୋହନ ଜୀବିତ ଅଛନ୍ତି। ଆଉ ଜଣେ ମୃତକଙ୍କ ପରିଚୟ ମିଳିପାରିନାହିଁ।

- ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ

# ଟ୍ରାକ୍ଟରରେ ବୁହାହେଲା ଶବ

ନାକଟିଦେଉଳ, ୨୬।୭(ସମିସ): ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ। ମିଳିଲାନି ମହାପ୍ରୟାଣ ଗାଡ଼ି କି ଶବବାହକ ଗାଡ଼ି। ଶେଷରେ ଟ୍ରାକ୍ଟର ଡାଲାରେ ବୁହା ହେଲା ଶବ। ଏଭଳି ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ବୁରୁବୁଡା ଗାଁରେ ଦେଖିବାକୁ ମିଳିଛି। ସୂଚନାନୁସାରେ, କିସିଣ୍ଡା ଗାଁର ୭୫ବର୍ଷୀୟ ବୃଦ୍ଧ ନାରାୟଣ ନାୟକ ପାଖ ବୁରୁବୁଡ଼ା ଗାଁରେ ଜଣଙ୍କ ଘରେ ରହି ମୁଢ଼ି ବିକ୍ରି କରିଚଳୁଥିଲେ। ହଠାତ ଘରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କିସିଣ୍ଡାଗାଁରୁ ନାରାୟଣଙ୍କ



ପରିବାରଲୋକେ ବୁରୁବୁଡା ଗାଁକୁ ଆସିଥିଲେ। ହେଲେ ବୁରୁବୁଡା ଗାଁରେ ଶବଦାହ ପାଇଁ ସମସ୍ୟା ହେବାରୁ ୫ କି.ମି ଦୂର ନିଜ ଗାଁ କିସଣ୍ଡାରେ ଶବ ସତ୍କାର ପାଇଁ ପରିବାରଲୋକେ ଚାହିଁଲେ। ସ୍ଥାନୀୟ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ମହାପରାୟଣ ଗାଡ଼ି , ଶବବାହାକ ଗାଡ଼ିକୁ ଯୋଗାଯୋଗ କରିଥିଲେ ମଧ୍ୟ ମହାପ୍ରୟାଣ ଗାଡ଼ି ମିଳିନଥିଲା। ଶେଷରେ ମୃତକଙ୍କ ପରିବାରଲୋକ ଏକ ଟ୍ରାକ୍ଟର ଡାଲାରେ ମୃତଦେହକୁ ପକାଇ ୫କି.ମି ଦୂରରେ ଥିବା କିସିଣ୍ଡା ଗାଁ ଶ୍ମଶାନ ଘାଟରେ ଶବ ଦାହ କରିଥିଲେ। ଏହି ଅଞ୍ଚଳ ସମ୍ବଲପୁର ଓ ରେଢାଖୋଲ ଠାରୁ ଦୂରରେ ରହୁଥିବାରୁ ଏଠାରେ ଏକ ଶବ ବାହାକ ଗାଡିର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଏଭଳି ଘଟଣା ଦୁଃଖଦାୟକ ବହୁ ଚେଷ୍ଟା ସତ୍ତ୍ୱେ ଶବବାହାକ ଗାଡ଼ି ମିଳିଲାନି ବୋଲି କହିଛନ୍ତି ଗରିଶ୍ଚନ୍ଦ୍ରପୁର ସରପଞ୍ଚ।

# ହତ୍ୟାକାରୀକୁ ଆଜୀବନ

ଟିଟିଲାଗଡ଼, ୨୬।୭ (ସମିସ): ୨୦୧୭ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ୍ ସନ୍ଦୀପ କୁମାର ପଟ୍ଟନାୟକ ଆଜି ଅଭିଯୁକ୍ତ ଲକ୍ଷ୍ମଣ ଖରସେଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଲକ୍ଷ୍ମଣର ଘର ଟିଟିଲାଗଡ଼ ଥାନା ଅନ୍ତର୍ଗତ କୁମୁଡ଼ା ଗ୍ରାମରେ। ଅପରପକ୍ଷେ, ଏହି ମାମଲାରେ ଜଡ଼ିତ ଅନ୍ୟତମ ଅଭିଯୁକ୍ତ ଧନେଶ୍ୱର ବାଗ ଓରଫ୍ ରାହୁଲ ପୂର୍ବରୁ ଜାମିନରେ ଥିବା ବେଳେ ବର୍ତ୍ତମାନ ଫେରାର୍ ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୧୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ୭୧ ଦସ୍ତାବିଜ, ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଠେଙ୍ଗା ଆଦି ୯ଟି ପ୍ରମାଣକୁ ଆଧାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୭ ଜୁନ୍ ୩ ତାରିଖରେ ଏହି ହତ୍ୟାକାଣ୍ଡ ହୋଇଥିଲା। ଅଭିଯୁକ୍ତଦ୍ୱୟ ଗ୍ରାମର ରୋମାଞ୍ଚ ଖରସେଲଙ୍କୁ ହତ୍ୟା କରିଥିଲେ। ଉକ୍ତ ଦିନ ରୋମାଞ୍ଚଙ୍କ ଭଉଣୀ ଚମ୍ପାଙ୍କୁ ଲକ୍ଷ୍ମଣର ପତ୍ନୀ, ମା', ଝିଅ ଓ ଝିଆରୀ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଣି ସେହି ରାତିରେ ରୋମାଞ୍ଚଙ୍କୁ ଅଭିଯୁକ୍ତ ରାହୁଲ ଏକ ଠେଙ୍ଗା ଏବଂ ଲକ୍ଷ୍ମଣ ପଥରରେ ଆକ୍ରମଣ କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୮ତାରିଖରେ ରୋମାଞ୍ଚଙ୍କର ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବାରୁ ପୁଲିସ୍ ଲକ୍ଷ୍ମଣ ଓ ରାହୁଲକୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରାଧାକାନ୍ତ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

# ଜେଲ୍ ଗଲେ କୁବେର ଡେପୁଟୀ ରେଞ୍ଜର୍

ଜୟପୁର/ଭୁବନେଶ୍ୱର, ୨୬।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ

- ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତି
- ଘରୁ ଜବତ ହୋଇଥିଲା ୧.୪୩ କୋଟି ଟଙ୍କା

ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀ ନେପାକ ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତିର ମାଲିକ ବୋଲି ଭିଜିଲାନ୍ସ କହିଛି।

ସୂଚନାନୁଯାୟୀ, ଶୁକ୍ରବାର ଡେପୁଟି ରେଞ୍ଜର୍ ଶ୍ରୀ ନେପାକଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ଠିକଣାରେ ଚଢ଼ଉ କରିଥିଲା ଭିଜିଲାନ୍ସ ଟିମ୍। ଜୟପୁର ଏନ୍‌କେଟି ରୋଡ୍‌ରେ ଥିବା ୪୦୦୦ ବର୍ଗଫୁଟର ୩ ମହଲା କୋଠା ଓ ଜୟପୁର ଗୋଲଡେନ୍ ହାଇଟ୍ସ ଆପାର୍ଟମେଣ୍ଟରେ ଚଢ଼ଉ ବେଳେ ତାଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଜଳକା ହୋଇଯାଇଥିଲେ। ଆପାର୍ଟମେଣ୍ଟର ୫୧୦ ନଂ ରୁମରୁ ଭିଜିଲାନ୍ସକୁ ଏକ ଗୁପ୍ତ ଟ୍ରେଜେରୀ ମିଳିଥିଲା। ସେଥିରେ ୧.୪୩ କୋଟି ନଗଦ ଟଙ୍କା ରହିଥିଲା। ପୁଳାପୁଳା ଟଙ୍କାବିଡ଼ା ସହିତ ୪ଟି ସୁନା ବିସ୍କୁଟ, ୧୦ ଗ୍ରାମ୍ ଓଜନର ୧୬ଟି ସୁନା କଏନ୍, ସୁନା ହାର, ଚୁଡ଼ି, ମାଳି, ମଙ୍ଗଳସୂତ୍ର ଭଳି ବହୁ ଦାମୀ ଅଳଙ୍କାର ସାମଗ୍ରୀ ମିଳିଥିଲା। ଏହାବ୍ୟତୀତ ଜୟପୁର ସହରାଞ୍ଚଳରେ ୨ଟି ମୂଲ୍ୟବାନ ଜମି, ଭୁବନେଶ୍ୱର ପଟିଆ ରଘୁନାଥପୁରରେ ୧୮୦୦ ବର୍ଗଫୁଟର ୩ ବିଏଚ୍‌କେ ଫ୍ଲାଟ୍ ତାଙ୍କ ନାମରେ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ସେହିପରି ଘରେ ଥିବା ସାମଗ୍ରୀର ଦାମ ୧୫.୫୦ଲକ୍ଷ ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଭୁବନେଶ୍ୱର ଫ୍ଲାଟ୍, ନେପାକଙ୍କ ସମ୍ପର୍କୀୟ ଓ ଶ୍ୱଶୁର ଘରେ ଚଢ଼ଉ ହୋଇଥିଲେ ମଧ୍ୟ ସେଠାରୁ କିଛି ଟଙ୍କା ମିଳିନାହିଁ। ୬ଟି



ସ୍ଥାନରେ ହୋଇଥିବା ଚଢ଼ଉରେ ଜୟପୁର, ନବରଙ୍ଗପୁର, ମାଲକାନଗିରି ଭିଜିଲାନ୍ସ କାର୍ଯ୍ୟାଳୟର ୬ଡିଏସ୍‌ପି, ୫ ଇନ୍ସପେକ୍ଟର, ୯ ଏଏସଆଇ ଏବଂ ଏକାଧିକ କର୍ମଚାରୀ ସାମିଲ୍ ହୋଇଥିଲେ।

# ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିବା ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ: ଓଷ୍ଟା

ଭୁବନେଶ୍ୱର,୨୬।୭(ସମିସ): ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟସ୍ତରରେ ନୂତନ ଭାବେ ଲାଗୁ କରାଯାଉଥିବା ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବା ଓଷ୍ଟା ତୀବ୍ର ବିରୋଧ କରିଛି। ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଭଳି ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରିବା ପରେ ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି।

ଓଷ୍ଟା ପକ୍ଷରୁ କୁହାଯାଇଛି ଯେ ୟୁଏଏସ୍ ବ୍ୟବସ୍ଥା ଶିକ୍ଷକମାନଙ୍କ ମାନବିକ ଅଧିକାରକୁ କ୍ଷୁଣ୍ଣ କରିବା ସହିତ ଶିକ୍ଷକମାନଙ୍କ ମଧ୍ୟରେ ଏକ ପରାଧୀନ ଗୋତିଶ୍ରମିକ ଭଳି ହୀନ ମନ୍ୟତା ସୃଷ୍ଟି କରିବ। ସମସ୍ତ ବିଭାଗର କର୍ମଚାରୀମାନଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରା ନ ଯାଇ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରିବା ସରକାରଙ୍କ ବାଛବିଚାର ମନୋବୃତ୍ତି। ଏହା ନିନ୍ଦନୀୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ରାଜ୍ୟ ସରକାର ବିଦ୍ୟାଳୟସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏକ ନିର୍ଦ୍ଦିଷ୍ଟ ସମୟରେ ଦୈନିକ ଉପସ୍ଥାନ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି, ତାହା କେତେ ଯୁକ୍ତିଯୁକ୍ତ ବୋଲି ସଂଘ ପ୍ରଶ୍ନ କରିଛି। ଉପରିସ୍ଥ ସମସ୍ତ ଦାବିକୁ ବିଚାର କରିବା ସହ ଆବଶ୍ୟକ ବ୍ୟବସ୍ଥା କରିବାକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

## ନାବାଳିକା ପୋଡ଼ି ଘଟଣାର

# ୮ ଦିନ ପରେ ମୁହଁ ଖୋଲିଲେ ଏସ୍‌ପି

ବଳଙ୍ଗା,୨୬।୭(ସମିସ): ବଳଙ୍ଗା ଘଟଣାରେ ମୁହଁ ଖୋଲିଛନ୍ତି ଏସ୍‌ପି ପିନାକ୍ ମିଶ୍ର। ବଳଙ୍ଗା ଘଟଣା ଉପରେ ତଦନ୍ତ ଆହୁରି ଚାଲିଛି। ଏ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପାଇଁ ଆଉ ଟିକେ ସମୟ ଲାଗୁଛି। ତଦନ୍ତ

- 'କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ'
- ୪ ଜଣଙ୍କ ବୟାନ ରେକର୍ଡ

ଯାହାବି କରୁଛୁ ତଦନ୍ତ ସପକ୍ଷ ଟିକେ ସମୟ ଲାଗୁଛି। ତଦନ୍ତରେ କୌଣସି ପ୍ରକାରର ଖିଅ ଯେମିତି ନ ଛାଡୁ, ସେଥିପ୍ରତି ଧ୍ୟାନ ରଖୁଛୁ। କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ। ମୂଲ୍ୟବାନ ପ୍ରମାଣ ଆମେ ହସ୍ତଗତ କରିଛୁ। ଆଗାମୀ ଦିନରେ ଏହା ପ୍ରତିକ୍ରିୟା ରଖିବୁ ବୋଲି କହିଛନ୍ତି।



ଏପଟେ ଶୁକ୍ରବାର ବଳଙ୍ଗା ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମିଳିତ ଭାବେ ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କ ବୟାନ ଆଉଥରେ ରେକର୍ଡ କରିଥିବା ବେଳେ ଶନିବାର ସମ୍ପୂର୍ଣ୍ଣ ଘଟଣା ଉପରୁ ପରଦା ଉଠିବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା, ବର୍ତ୍ତମାନ ପୁରୀ ଏସ୍‌ପିଙ୍କ ବୟାନ ଘଟଣାରେ ଆହୁରି ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏପଟେ ପୀଡ଼ିତାଙ୍କ ପ୍ରଥମ ବୟାନ ଆଉ ବର୍ତ୍ତମାନର ବୟାନ ତାଳମେଳ ଖାଉ ନଥିବା ଚର୍ଚ୍ଚା ହେବା ପରେ ପୁଣି କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରେ ବୋଲି କୁହାଯାଉଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଏବଂ ଘଟଣା ଭିତରେ ଗୋଟିଏ କଥା ଏବେ ସମସ୍ତଙ୍କ ସାମ୍ନାକୁ ଆସିଛି ପୁଲିସର ନିଷ୍କ୍ରିୟତା। ସେପଟେ ଏହି ଘଟଣାରେ ପୁରୀ ହେଡ୍‌କ୍ୱାର୍ଟର ଏସ୍‌ଡିପିଓଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ପିଉସୀ, ବାନ୍ଧବୀ, ଗାଁର ଜଣେ ଯୁବକ ଓ ଅନ୍ୟ ଜଣେ ମହିଳା ପ୍ରମୁଖ ୪ ଜଣଙ୍କ ଶନିବାର ସନ୍ଧ୍ୟାରେ ନିମାପଡ଼ା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ପୁରୀ ଏସ୍‌ପି ପିନାକ ମିଶ୍ର ଏହି ୪ଜଣଙ୍କୁ ଉକ୍ତ ଘଟଣା ସମ୍ପର୍କରେ ପଚରାଉଚରା ପରେ ସେମାନଙ୍କୁ ନିମାପଡ଼ା ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା।

# ୪ ମାଓବାଦୀ ନିହତ; ବିସ୍ଫୋରକ ଜବତ

ମାଲକାନଗିରି,୨୬।୭(ସମିସ): ମାଓଦମନ ଲାଗି ଆରମ୍ଭ ହୋଇଥିବା ଅପରେସନ୍ 'ମନସୁନ୍'କୁ ବଡ଼ଧରଣର ସଫଳତା ମିଳିଛି। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ୍ ଏନକାଉଣ୍ଟର୍‌ରେ ୪ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ବିଜାପୁର ଜିଲ୍ଲା ଅନ୍ତର୍ଗତ ଗଙ୍ଗାଲୁର ଜଙ୍ଗଲରେ ସୁରକ୍ଷା କର୍ମୀମାନେ ଅପରେସନ୍ ଚଳାଇଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ୪ ମାଓବାଦୀ ନିହତ ହୋଇଥିଲେ। ଘଟଣାସ୍ଥଳରୁ କିଛି ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଆଉ କିଛି ମାଓବାଦୀ ଆତ୍ମଗୋପନ କରିଥିବା ସନ୍ଦେହରେ ପୁଲିସ୍ ପକ୍ଷରୁ ଅଭିଯାନକୁ ଜୋରଦାର୍ କରାଯାଇଛି।

## ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ

# ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ

କଟକ,୨୬।୭(ସମିସ): ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା-ସାହିତ୍ୟର ବିକାଶ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜ ପ୍ରମୁଖ ଭୂମିକା ପ୍ରଶଂସନୀୟ। ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଅନୁଷ୍ଠାନ ଭାଷା-ସାହିତ୍ୟର ଯେପରି ସେବା କରିଆସୁଛି, ତାହା ଅନନ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ତି।

'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ରାଜ୍ୟପାଳ ଡକ୍ଟର କମ୍ଭମ୍‌ପାଟି ଶ୍ରୀ ହରିଚନ୍ଦନଙ୍କୁ ଅନୁଷ୍ଠାନର ରୁପାର ସ୍ମାରକୀ ଚିହ୍ନ, ତାମ୍ର ପ୍ରଶଂସାପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।




ସମ୍ମାନ ଗ୍ରହଣ କରି ଶ୍ରୀଯୁକ୍ତ ହରିଚନ୍ଦନ କହିଲେ ଯେ ଜାତିକୁ ଜାଗ୍ରତ କରିବା ପାଇଁ ସାହିତ୍ୟିକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ମାଟି, ମାଆ ଓ ମଣିଷର ସମ୍ମାନ ପାଇଁ ଲେଖକମାନଙ୍କର ବିଶେଷ ଭୂମିକା ରହିଛି। ଉତ୍ସବରେ ମୁଖ୍ୟବକ୍ତା ଭାବରେ 'ଉତ୍କଳ ସାହିତ୍ୟ ସମାଜ'ର ପୂର୍ବତନ ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଦେବା କ୍ଷେତ୍ରରେ ଯେଉଁ ଅବଦାନ ରଖିଛି, ତାହା ଅବିସ୍ମରଣୀୟ ବୋଲି କହିଥିଲେ।

ଉତ୍ସବରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ। ମନୋଜ ପଟ୍ଟନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ଶିବାଶିଷ କର,ଆଦିତ୍ୟ ପ୍ରତାପ ବାଘସିଂହ, ଶ୍ରୀମତୀ ସରୋଜିନୀ ମିଶ୍ର, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦ, ଡକ୍ଟର ସୁଶୀଳ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଯୋଗ ଦେଇଥିଲେ।



# ବର୍ଷାଦିନେ ପାଦର ଯତ୍ନ



**କେଶ ଓ ତ୍ୱଚା ଭଳି ପାଦର ଯତ୍ନ ନେବା ଜରୁରୀ । ବିଶେଷ କରି ବର୍ଷାଦିନେ ଏଥି ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ । କାରଣ ଏହିଦିନେ ପାଦ ଓଦା ରହିଥାଏ । ଫଳରେ ପାଦରେ ବିଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଥାଏ ।**

- ପାଦକୁ ନିୟମିତ ସଫା କରିବା ଆବଶ୍ୟକ । ବାହାରୁ ଘରକୁ ଆସିଲେ, ମେଡିକେଟେଡ୍ ସାବୁନ୍‌ରେ ପାଦ ସଫା କରିବା ଜରୁରୀ । ଏହାସହ ଆଣ୍ଟିଫଙ୍ଗଲ୍ ପାଉଡର ସ୍ପ୍ରେ କରିବାକୁ ପଡ଼ିଥାଏ ।
- ସେହିପରି ନିୟମିତ ପେଡିକ୍ୟୁରର କରିବା ଦ୍ୱାରା ପାଦ ନରମ ଓ କୋମଳ ରହିଥାଏ । ଏଥିରେ ପାଦର ଅଙ୍ଗୁଳିଗୁଡ଼ିକୁ ସଫା କରିବା ସହ ପାଦକୁ ମସାଜ୍ ମଧ୍ୟ କରାଯାଇଥାଏ ।
- ନଖକୁ ମଝିରେ ମଝିରେ କର୍ଭ ସେପ୍‌ରେ କାଟିବା ଆବଶ୍ୟକ । ଏହାଦ୍ୱାରା ନଖରେ ମଇଳା ଜମି ରହେ ନାହିଁ ।
- ସର୍ବଦା ବାୟୁ ଚଳାଚଳ କରୁଥିବା ଚପଲ ପିନ୍ଧିବା ଭଲ । ଏହାଦ୍ୱାରା ପାଦ ସବୁବେଳେ ଶୁଖିଲା ରହିଥାଏ ।
- ବର୍ଷାଦିନେ ସଂକ୍ରମଣ ସମସ୍ୟାରୁ ସୁରକ୍ଷା ଦେବାପାଇଁ ଗୋଟିଏ ଟବ୍ ନେଇ ସେଥିରେ ଦୁଇ ଚାମଚ ଲୁଣ ପକାଇ ୧୫ ମିନିଟ୍ ଯାଏ ପାଦକୁ ବୁଡ଼ାଇ ରଖନ୍ତୁ । ଏପରି କରିବା ଦ୍ୱାରା ସଂକ୍ରମଣ ଆଶଙ୍କା କମିଥାଏ ।

# ରାକ୍ଷୀରୁ ସ୍ୱାବଲମ୍ବୀ ମହିଳା

**ପାଖେଇ ଆସୁଛି ରାକ୍ଷୀ ପୂର୍ଣ୍ଣିମା । ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ନିଜ ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଥିପାଇଁ ବଜାରରେ ବିଭିନ୍ନ ଡିଜାଇନ୍‌ର ଭଳିକି ଭଳି ରାକ୍ଷୀ ସବୁ ଦେଖିବାକୁ ମିଳିଥାଏ । ହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ରାକ୍ଷୀ ଚର୍ମଜନିତ ସମସ୍ୟା ସୃଷ୍ଟି କରିଥାଏ ଏବଂ ଏହା ପରିବେଶକୁ ଦୂଷିତ କରିଥାଏ । ତେଣୁ ଧାନ, ଚାଉଳ, ମାଟି, ଗହମ, କଉଡ଼ି, କୁଲା ଭଳି ପ୍ରାକୃତିକ ଜିନିଷକୁ ଉପଯୋଗ କରି ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି, ଖୋର୍ଦ୍ଧା ଜିଲ୍ଲା ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ଏହାଦ୍ୱାରା ସେମାନେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି ।**







ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥିମ୍ ଅନୁଯାୟୀ ପର୍ବ ପର୍ବାଣୀକୁ ଦୃଷ୍ଟିରେ ରଖି ବିଭିନ୍ନ ଜିନିଷ ପ୍ରସ୍ତୁତ କରିଥାନ୍ତି । ଏଇ ଯେମିତି ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ପ୍ରସ୍ତୁତି । ଧାନ, ଗହମ, ଚାଉଳ, ମାଟି, କୁଲା, ମୁଦ୍ରା, ବାଉଁଶ ଆଦିକୁ ବ୍ୟବହାର କରି ଭଳିକି ଭଳି ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଜଗନ୍ନାଥ, କଉଡ଼ି, କାର୍ଟୁନ, ଗଣେଶ ଓ କୁଲା ଆଦି ଡିଜାଇନର ରାକ୍ଷୀ ତିଆରି କରନ୍ତି । ସାଧାରଣତଃ ରାକ୍ଷୀ ପୂର୍ଣ୍ଣିମା ପରେ ଲୋକେ ରାକ୍ଷୀକୁ ଏଣେତେଣେ ଫୋପାଡ଼ି ଦିଅନ୍ତି । ଏହାଦ୍ୱାରା ପ୍ଲାଷ୍ଟିକ୍ ଜିନିଷ ମାଟିରେ ପଡ଼ି ପରିବେଶକୁ ଦୂଷିତ କରିଥାଏ । ଏପରି ସ୍ଥଳେ ପରିବେଶ ଅନୁକୂଳ ରାକ୍ଷୀ ଖୁବ୍ ଲାଭଦାୟକ ହୋଇଥାଏ । ରାକ୍ଷୀରେ ବ୍ୟବହୃତ ଧାନ, ଗହମ, ଚାଉଳ ଆଦି ସହଜରେ ମାଟିରେ ମିଳେଇଯାଏ । ଏଥିସହ ଏହି ରାକ୍ଷୀ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ଏହା ତ୍ୱଚାକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

ଗୋଷ୍ଠୀର ସଭାପତି ସ୍ୱପ୍ନା ମହାନ୍ତିଙ୍କ କହିବାନୁଯାୟୀ, ଆଧୁନିକ ଛାପ ଥିବା ଷ୍ଟୋନ୍, ଚେନ୍, ପ୍ଲାଷ୍ଟିକ୍ ରାକ୍ଷୀ ବଦଳରେ ଲୋକେ ଆକାରରେ ଛୋଟ, ନାଳିକଳା ରଙ୍ଗର ହାତ ତିଆରି ଜଗନ୍ନାଥ ରାକ୍ଷୀକୁ ବେଶି ପସନ୍ଦ କରୁଛନ୍ତି । ଏହା ତୁଳସୀ, କଉଡ଼ି ଧାନରେ ନିର୍ମିତ ହୋଇଥିବାରୁ ଏହା ଅଧିକ ସଂଖ୍ୟାରେ ଅର୍ଡର ମଧ୍ୟ ଆସୁଛି । ଏଥିସହ ଲୋକଙ୍କ ଆକର୍ଷଣ ସାଜିଛି କୁଲା ରାକ୍ଷୀ । ଗୋଟିଏ ଛୋଟ କୁଲାକୁ ସଜେଇ ସେଥିରେ ରାକ୍ଷୀ, ସିନ୍ଦୂର, ଚାଉଳ ଆଦି ରଖି ପ୍ୟାକେଟ୍ କରାଯାଇଛି । ରାକ୍ଷୀ ପୂର୍ଣ୍ଣିମା ପାଇଁ ଏହି ସ୍ୱତନ୍ତ୍ର କୁଲା ରାକ୍ଷୀ ପ୍ରସ୍ତୁତ ହୋଇଛି ।

ମହିଳାମାନେ ବର୍ଷକ ବାରମାସ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଏଥି ସହିତ ଲୋକଙ୍କ ଚାହିଦା, ପୂଜା, ଉତ୍ସବ ଆଦି ଦିନଗୁଡ଼ିକୁ ଧ୍ୟାନରେ ରଖି ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିଥାନ୍ତି । ସେହିପରି ବାକି ଦିନଗୁଡ଼ିକରେ ସମ୍ବଲପୁରୀ କପଡ଼ାରୁ କାନଫୁଲ, ଚାବିରିଙ୍ଗ, କ୍ଲିପ୍ , ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରିଥାନ୍ତି । ବଜାରରେ ଏହି ଜିନିଷର ଚାହିଦା ମଧ୍ୟ ରହିଛି । ସେହିପରି ଦୀପାବଳିରେ ମଧ୍ୟ ଭଳିକି ଭଳି କ୍ୟାଣ୍ଡେଲ ପ୍ରସ୍ତୁତ କରିଥାନ୍ତି । ସେହିପରି ରାକ୍ଷୀ ପୂର୍ଣ୍ଣିମାର ଦୁଇମାସ ପୂର୍ବରୁ ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଏହାକୁ ବିକ୍ରି କରି ଦୁଇପଇସା ରୋଜଗାର କରିଥାନ୍ତି ।

# କ୍ଲେ ମାସ୍କ





**ସାଧାରଣତଃ ଧୂଳି, ପ୍ରଦୂଷଣ ତେଲ ଆଦି ମୁହଁରେ ଜମି ତ୍ୱଚାକୁ କଳା କରିଥାଏ । ଏହାଦ୍ୱାରା ମୁହଁର ଉଜ୍ଜ୍ୱଳତା କମିଯାଏ । ଏପରି ସ୍ଥଳେ କ୍ଲେ ମାସ୍କ ତ୍ୱଚା ପାଇଁ ଏକ ବରଦାନ । ଏହା ତ୍ୱଚାର ଅତିରିକ୍ତ ତେଲକୁ ଅବଶୋଷିତ କରିଥାଏ । ବିଶେଷ କରି ତେଲିଆ ଏବଂ ବ୍ରଣତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...**

### ପ୍ରସ୍ତୁତି

- ଗୋଟିଏ ପାତ୍ରରେ ମୁଲ୍‌ତାନୀ ମାଟି, ଗୋଲାପଜଳ, ଆଲୋଭେରା ଜେଲ୍, ଅଳ୍ପ ହଳଦୀଗୁଣ୍ଡ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ ।
- ସେହିପରି ତ୍ୱଚା ଶୁଷ୍କ ଥିଲେ ଅଳ୍ପ ମହୁ ଓ କ୍ଷୀର ମିଶାଇପାରିବେ । ଏହା ତ୍ୱଚାରେ ଆଦ୍ରତା ବଜାୟ ରଖିଥାଏ ।
- ସପ୍ତାହରେ ଥରେ ଦୁଇଥର ଏହି ମାସ୍କକୁ ବ୍ୟବହାର କଲେ, ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।


### ଧ୍ୟାନ ଦିଅନ୍ତୁ

- ଏହା ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ଭଲକରି ସଫା କରନ୍ତୁ ।
- ମାସ୍କ ଲଗାଇବା ପରେ ତ୍ୱଚାକୁ ଦୀର୍ଘ ସମୟ ଶୁଖାନ୍ତୁ ନାହିଁ ।
- ମାସ୍କ ଶୁଖିଗଲା ପରେ ତ୍ୱଚାକୁ ସଫା କରି ମଏଶ୍ଚରାଇଜର୍ ଲଗାନ୍ତୁ ।
- ସେହିପରି ସମ୍ବେଦନଶୀଳ ତ୍ୱଚା ଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ । ପରେ ଯାଇ ଏହାକୁ ତ୍ୱଚାରେ ଲଗାନ୍ତୁ ।
- ପ୍ରାକୃତିକ ଉପାୟରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଥିଲେ, ରାସାୟନିକ ପଦାର୍ଥଯୁକ୍ତ ପ୍ରସାଧନ ଲଗାଇବାରୁ ଦୂରେଇ ରୁହନ୍ତୁ । କ୍ଲେ ମାସ୍କକୁ ରୁଟିନ୍‌ରେ ସାମିଲ କରନ୍ତୁ ।
- ଏହା ତ୍ୱଚାକୁ ଗଭୀରରୁ ସଫା କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

# ବିନା ବିଜୁଳିରେ ଇସ୍ତ୍ରୀ

**ଅନେକ ସମୟରେ ପୋଷାକ ଇସ୍ତ୍ରୀ କରୁଥିବା ସମୟରେ ବିଜୁଳି କଟିଯାଏ । ଫଳରେ ଇସ୍ତ୍ରୀ ଅଧା ରହିଯାଏ । କିନ୍ତୁ କିଛି ଘରୋଇ ଟିପ୍‌ସ ଆପଣାଇ ବିଦ୍ୟୁତ୍ କଟିଗଲେ ମଧ୍ୟ ପୋଷାକକୁ ଇସ୍ତ୍ରୀ କରିପାରିବେ, ଜାଣିବା ସେ ବିଷୟରେ...**

- ଗୋଟିଏ କଡ଼େଇରେ ପାଣି ନେଇ ଗରମ କରନ୍ତୁ । ଗରମପାଣିକୁ ଏକ ପ୍ୟାନ୍‌ରେ କାଢ଼ି ଦିଅନ୍ତୁ । ଏହା ଉପରେ ଏକ ଢାଙ୍କୁଣି ଘୋଡ଼ାଇ ପୋଷାକ ଉପରେ ଧୀରେ ଧୀରେ ଘସି ଇସ୍ତ୍ରୀ କରିପାରିବେ । ଏହାଦ୍ୱାରା ଲୋଚାକୋଚା କପଡ଼ା ସିଧା ହୋଇଯାଏ ।
- ସେହିପରି ଘରେ କୋଇଲା ଥିଲେ ଏହାକୁ ମଧ୍ୟ ବ୍ୟବହାର କରିପାରିବେ । ଏକ ଷ୍ଟିଲ୍ ପାତ୍ର ନେଇ ସେଥିରେ କୋଇଲାକୁ ଦେଇ ଗରମକରନ୍ତୁ । ଏହାପରେ ଏହାକୁ ଗୋଟିଏ କପଡ଼ାରେ ଧରି ଧୀରେ ଧୀରେ ପୋଷାକ ଉପରେ ଘଷନ୍ତୁ । ଏହାଦ୍ୱାରା ଇସ୍ତ୍ରୀ ଭଲ ହୋଇଥାଏ ।



## ମୋ ହାଣ୍ଡିଶାଳରୁ...

# ପନିର୍ ଟିକି



### ଆବଶ୍ୟକ ସାମଗ୍ରୀ

ରସୁଣ- ଏକ କୋଳା, କଞ୍ଚା ଲଙ୍କା – ତିନି, ଚାରୋଟି, ବାଦାମ – ଅଧା କପ୍, ଜିରା – ଏକ ଚାମଚ, ରାଶି- ଏକ ଚାମଚ, ପନିର୍ – ୨୦୦ ଗ୍ରାମ୍, ଧନିଆପତ୍ର – ଏକ ବିଡ଼ା, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ତାୱା ଗରମ ହୋଇଗଲେ, ରସୁଣ ପକାନ୍ତୁ । ପରେ ସେଥିରେ କଞ୍ଚାଲଙ୍କା, ଚିନାବାଦାମ, ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଗଲେ ଜିରା, ରାଶି ଓ ସାମାନ୍ୟ ଲୁଣ ପକାଇ ଭାଜନ୍ତୁ । କିଛି ସମୟ ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଗ୍ରାଇଣ୍ଡିଂ ଜାର୍‌ରେ ପୂରାଇ ଅଳ୍ପ ଧନିଆ ପତ୍ର ଦେଇ ବାଟି ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ପନିର୍‌କୁ ଗ୍ରେଡେଟ୍ କରି ଦିଅନ୍ତୁ । ସେଥିରେ ପୂର୍ବରୁ ଗ୍ରାଇଣ୍ଡିଂ କରି ରଖିଥିବା ବାଦାମ ଧନିଆପତ୍ର ବଟାକୁ ଦେଇ ଭଲଭାବେ ଗୋଳାଇ ଦିଅନ୍ତୁ । ସେଥିରୁ କିଛି ହାତରେ ନେଇ ଥାପି ଟିକି ପ୍ରସ୍ତୁତ କରନ୍ତୁ । ଗ୍ୟାସ୍‌ରେ ତାୱା ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ପନିର୍ ଟିକି ସବୁକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପନିର ଟିକି' ।



# ସ୍କର୍ଟ୍ ପାଇଁ ଟପ୍‌ସ

**ବର୍ଷାଦିନ ପାଇଁ ସ୍କର୍ଟ୍ ଭଲ ବିକଳ୍ପ । ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ମଧ୍ୟ ସେତିକି ଆରାମଦାୟକ ହୋଇଥାଏ । କିନ୍ତୁ ସ୍କର୍ଟ୍ ସହ କେଉଁ ପ୍ରକାର ଟପ୍‌ସ ପିନ୍ଧିଲେ ଭଲ ମାନିବ, ତାକୁ ନେଇ ଅନେକ ମହିଳା ଦ୍ୱନ୍ଦରେ ଥାଆନ୍ତି । ତେଣୁ ସ୍କର୍ଟ୍‌ରେ ସ୍ଲିମ୍ ଓ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଟିପ୍‌ସ ।**

### ବଟନ୍ – ଡାଉନ୍

ବଟନ୍ – ଡାଉନ୍ ଟପ୍ସ ପିନ୍ଧିଲେ ଏଥିରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ । ଏହାକୁ ମିଡି ସ୍କର୍ଟ୍ କିମ୍ବା ପେନ୍‌ସିଲ୍ ସ୍କର୍ଟ୍ ସହ ପିନ୍ଧିପାରିବେ । ଏଥିରେ ଲାଗିଥିବା ସ୍ଲିଭସ୍‌କୁ ମୋଡ଼ିପାରିବେ । ଏଥିସହ ଚାହିଁଲେ ବ୍ରେସ୍‌ଲେଟ୍ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

### ଫିଟେଡ୍ କ୍ରପ୍

ଫିଟେଡ୍ କ୍ରପ ଟପ୍ ପିନ୍ଧିବା ଦ୍ୱାରା ଅଣ୍ଟା ପତଳା ଦେଖାଯାଏ । ଏହି ଟପ୍‌ସ ହାଇୱେଷ୍ଟ ସ୍କର୍ଟ୍‌ସକୁ ଭଲ ମାନିଥାଏ । ଏହାଦ୍ୱାରା ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ସେହିପରି ପତଳା ଦିଶିବାକୁ ଚାହୁଁଥିଲେ, ସ୍କର୍ଟ୍ ଓ ଟପ୍‌ସ ସମାନ ରଙ୍ଗର ପିନ୍ଧିପାରିବେ । ଏହାଦ୍ୱାରା ଲମ୍ବା ଓ ପତଳା ଦିଶିଥାଏ ।

### ଭି-ନେକ୍ ଟପ୍‌ସ

ଭି-ନେକ୍ ଟି ସାର୍ଟ ପିନ୍ଧିବା ଦ୍ୱାରା ବେକ ଲମ୍ବା ଦିଶିଥାଏ । ଏଥିସହ ଚେହେରା ମଧ୍ୟ ପତଳା ଦିଶିଥାଏ । ତେବେ ଏହି ଟି-ସାର୍ଟ ହାଲୁକା ଫିଟିଙ୍ଗ୍ ହେବା ଜରୁରୀ । ଏହାକୁ ଡେନିମ୍ ସ୍କର୍ଟ୍ କିମ୍ବା ମିଡି ସ୍କର୍ଟ୍ ସହ ପିନ୍ଧିପାରିବେ । ସେହିପରି ଚାହିଁଲେ ସ୍କର୍ଟ୍‌ରେ ଟପ୍‌ସକୁ ଟ୍ୟାଙ୍କ୍ କରି ଏକ ବେଲ୍ଟ ଲଗାଇପାରିବେ ।

### ପେପ୍ଲମ୍

ସେହିପରି ପେଟ ବଡ଼ ଥିଲେ ଏହାକୁ ଲୁଚାଇବା ପାଇଁ ପେପ୍ଲମ୍ ଟପ୍‌ସ ପିନ୍ଧିପାରିବେ । ଏହା ଅଣ୍ଟାପାଖରୁ ଫ୍ଲେୟାର ଥାଏ । ଏହା ଶରୀରକୁ ଏକ ସୁନ୍ଦର ଆକାର ଦେଇଥାଏ । ଚାହିଁଲେ ପ୍ରିଣ୍ଟେଡ୍ ଟପ୍ସ ମଧ୍ୟ ପିନ୍ଧିପାରିବେ ।

### ଅଫ୍ ସୋଲଡର୍

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଅଫ୍‌ସୋଲଡର ଟପ୍ସ ପିନ୍ଧିପାରିବେ । ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଦେଖାଯାଏ । ଏଥିସହ ସହ ଆସେସରିଜ୍ ମଧ୍ୟ ପରିଧାନ କରିପାରିବେ ।

## ଜୋ ରୁଟ୍ ୧୫୦, ବେନ୍ ଷ୍ଟୋକ୍ସ ୧୪୧; ଇଂଲଣ୍ଡ ୬୬୯

# ମ୍ୟାଚ୍ ବଞ୍ଚାଇବାକୁ ଭାରତର ସଂଘର୍ଷ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି):

ଜୋ ରୁଟ୍ (୧୫୦) ଓ ବେନ୍ ଷ୍ଟୋକ୍ସ (୧୪୧)ଙ୍କ ଦମ୍‌ଦାର ଶତକ ସହାୟତାରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ଶେଷ ହୋଇଛି। ଏହା ଫଳରେ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିବା ଭାରତ ୩୧୧ ରନ୍‌ରେ ପଛୁଆ ରହିଛି। ଏତେ ବଡ଼ ରନ୍ ବ୍ୟବଧାନରେ ପଛୁଆ ରହିଥିବା ଭାରତ ତାହାର ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୨୨ ରନ୍‌ରେ ୨ ୱିକେଟ ହରାଇଛି। ଫଳରେ ଏହି ଟେଷ୍ଟରେ ପରାଜୟ ଏଡାଇବାକୁ ଭାରତ ସଂଘର୍ଷ ଅବ୍ୟାହତ ରଖିଛି। ରିପୋର୍ଟ ଲେଖା ହେଲା ବେଳକୁ ଲୋକେଶ ରାହୁଲ ୫୫ ଓ ଅଧିନାୟକ ଶୁବମନ ଗିଲ ୫୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଦୁଇ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନ ଖାତା ଖୋଲିବା ପୂର୍ବରୁ କ୍ରିସ୍ ଓକ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ବିନା ରନ୍‌ରେ ୨ ୱିକେଟ ହରାଇବା ପରେ ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍ ଦ୍ୱିତୀୟ ୱିକେଟରେ ୧୨୨ ରନ୍ ଉଠାଇ ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ।



### ଅଧିନାୟକ ବେନ୍‌ଙ୍କ ଶତକ

ଏହି ମ୍ୟାଚ୍‌ର ଶନିବାର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ୭ ୱିକେଟରେ ୫୪୪ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିଶେଷ କରି ଅଧିନାୟକ ବେନ୍ ଷ୍ଟୋକ୍ସ ଏକାକୀ ଭାରତୀୟ ବୋଲରଙ୍କୁ ଚୌକା ଛକା ମାଧ୍ୟମରେ ନିଷ୍ପ୍ରଭ କରିଦେଇଥିଲେ। ଗତକାଲି ୬୬ ରନ୍‌ରେ ରିଟାୟର୍ଡ ହୋଇଥିବା ଷ୍ଟୋକ୍ସ ପରେ ବ୍ୟାଟିଂ କରିବାକୁ ଆସି ୭୭ ରନ୍‌ରେ ଅପରାଜିତ ରହିଥିଲେ। ଆଜି ସେ ଏହି ସ୍କୋରକୁ ଆଗକୁ ବଢ଼ାଇବା ସହ ଇଂଲଣ୍ଡକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ। ସେ ଓ ବ୍ରାଇଡନ କାର୍ସ ୯ମ ୱିକେଟରେ ୯୭ ବଲ୍‌ରୁ ୯୫ ରନ୍ ଉଠାଇ ଭାରତକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ। ଏହା ମଧ୍ୟରେ କାର୍ସ ୩୯ ଓ ଷ୍ଟୋକ୍ସ ୫୦ ରନ୍ ଯୋଡିଥିଲେ। ଏହି ପାର୍ଟନରସିପ୍ ଯୋଗୁଁ ଇଂଲଣ୍ଡ ୬୬୯ ରନ୍‌ର ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଏହା ଓଲ୍ଡ ଟ୍ରାଫୋର୍ଡରେ ସର୍ବାଧିକ ହୋଇଥିଲାବେଳେ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର। ଭାରତୀୟ ବୋଲରଙ୍କୁ ନିରାଶ କରିବା ପରେ ଷ୍ଟୋକ୍ସ ଏକାଧିକ ରେକର୍ଡ କରି ୧୪୧ ରନ୍‌ରେ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହି ସ୍କୋର ଲାଗି ସେ ୧୯୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୩ ଛକା ମାରିଥିଲେ। ଟେଷ୍ଟ କ୍ରିକେଟରେ ଷ୍ଟୋକ୍ସର ଏହା ୧୪ତମ ଶତକ ଥିଲା। ଅନ୍ୟପକ୍ଷରେ କାର୍ସ ୪୭ ରନ୍ କରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ।

### ପ୍ରଥମଥର ବୁମରା ଖର୍ଚ୍ଚ କଲେ ୧୦୦+ ରନ୍

ଏହି ଇନିଂସରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସବୁଠାରୁ ନିକୃଷ୍ଟ ଥିଲା। ଇଂଲଣ୍ଡ ୧୫୭.୧ ଓଭର ଭାରତୀୟଙ୍କୁ ପଡ଼ିଆରେ ରଖିଥିଲା। ଏଥିରେ ବୁମ୍‌ରା ୩୩ ଓଭର ବୋଲିଂ କରି ୧୧୨ ରନ୍ ଦେଇଥିଲେ। ଟେଷ୍ଟ କ୍ରିକେଟ କ୍ୟାରିୟରରେ ବୁମ୍‌ରା ପ୍ରଥମଥର ଗୋଟିଏ ଇନିଂସରେ ୧୦୦ରୁ ଅଧିକ ରନ୍ ବ୍ୟୟ କରିଥିଲେ। ତାଙ୍କ ବ୍ୟତୀତ ଆଉ ୪ଜଣ ବୋଲର ମହମ୍ମଦ୍ ସିରାଜ ୩୦ ଓଭରରେ ୧୪୦, ରବୀନ୍ଦ୍ର ଜାଡେଜା ୩୭.୧ ଓଭରରେ ୧୪୩ ଓ ୱାଶିଂଟନ ସୁନ୍ଦର ୨୮ ଓଭରରେ ୧୦୭ ରନ୍ ବ୍ୟୟ କରିଥିଲେ। ଏହା ୨୫ତମ ଅବସର ଯେଉଁଥିରେ ଭାରତର ୪ଜଣ ବୋଲର ୧୦୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରିଥିଲେ। ଜାଡେଜାଙ୍କୁ ସର୍ବାଧିକ ୪ଟି, ବୁମ୍‌ରା ଓ ସୁନ୍ଦରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୩୫୮/୧୦, ୧୧୪.୧ ଓଭର** (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚ୍ଚର-୩/୭୩)।

**ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/୧୦, ୧୫୭.୧ ଓଭର** (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଡକେଟ-୯୪, କ୍ରାଲୀ-୮୪, ପୋପ୍-୭୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।

**ଭାରତ ଦ୍ୱିତୀୟ ଇନିଂସ: ୧୨୨/୨, ୪୪ ଓଭର** (ଲୋକେଶ ରାହୁଲ-ବ୍ୟାଟିଂ-୫୫, ଶୁବମନ ଗିଲ-ବ୍ୟାଟିଂ-୫୯, ଜୟସ୍ୱାଲ-୦, ସୁଦର୍ଶନ-୦, କ୍ରିସ୍ ଓକ୍ସ-୨/୩୫)।

# ଷ୍ଟୋକ୍ସଙ୍କ ବିରଳ କୀର୍ତ୍ତିମାନ

## ଟେଷ୍ଟରେ ୭୦୦୦ ରନ୍ ଓ ୨୦୦ ୱିକେଟ ନେବାରେ ତୃତୀୟ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି): ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଏକ ବିରଳ ସଫଳତା ପାଇଛନ୍ତି। ଏହି ଟେଷ୍ଟରେ ସେ ୫ ୱିକେଟ ଓ ୧୪୧ ରନ୍ କରିଛନ୍ତି। ଏହି ଟେଷ୍ଟରେ ସେ ଇଂଲଣ୍ଡର ଚତୁର୍ଥ ଖେଳାଳି ତଥା ବିଶ୍ୱର ୫ମ ଅଧିନାୟକ ଭାବେ ଗୋଟିଏ ଟେଷ୍ଟରେ ୫ ୱିକେଟ ନେବା ସହ ଶତକ ହାସଲ କରିଛନ୍ତି। ଏହି ସଫଳତା ବଳରେ ଏଠାରେ ୧୧୫ତମ ଟେଷ୍ଟ ଖେଳୁଥିବା ଏହି ଅଲରାଉଣ୍ଡର ଟେଷ୍ଟ କ୍ରିକେଟରେ ୭୦୦୦ ରନ୍ ପୂରଣ କରିବା ସହ ଦୁଇଶହ ୱିକେଟ ନେବାରେ ସଫଳ ହୋଇଛନ୍ତି। ଏହି ବିରଳ ସଫଳତା ପାଇବାରେ ସେ ବିଶ୍ୱର ମାତ୍ର ତୃତୀୟ ଅଲରାଉଣ୍ଡର। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ (୧୩୨୮୯ ରନ୍ ଓ ୨୯୨ ୱିକେଟ) ଓ ୱେଷ୍ଟଇଣ୍ଡିଜ୍‌ର ଗ୍ୟାରୀ ସୋବର୍ସ (୮୦୩୨ ରନ୍ ଓ ୨୩୫ ୱିକେଟ) ଏହି କ୍ଲବ୍‌ର ସଦସ୍ୟ ହୋଇଥିଲେ। ଷ୍ଟୋକ୍ସ ୧୧୫ତମ ଟେଷ୍ଟରେ ମୋଟ ୭୦୩୨ ରନ୍ କରିବା ସହ ୨୨୯ଟି ୱିକେଟ ଅକ୍ତିଆର କରିଛନ୍ତି। ଏହା ମଧ୍ୟରେ ୧୪ଟି ଶତକ ରହିଥିଲାବେଳେ ଗୋଟିଏ ଇନିଂସରେ ୫ମଥର ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୮୮୯ ରନ୍‌ରେ ସୀମିତ ରହିବା ଫଳରେ ଭାରତ ବିପକ୍ଷରେ ଘରୋଇ ଦଳ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଛି। ପୂର୍ବରୁ ୨୦୧୧ ବର୍ମିହାମ ଟେଷ୍ଟରେ ଇଂଲଣ୍ଡ ୭ ୱିକେଟରେ ୭୧୦ ରନ୍ କରି ଭାରତ ବିପକ୍ଷରେ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଥିଲା। ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ୫ମ ସର୍ବାଧିକ ସ୍କୋର।୨୦୧୪ରେ ଶେଷଥର ଭାରତ ବିପକ୍ଷରେ ପ୍ରତିପକ୍ଷ ଦଳ ୬ ଶହ (ନ୍ୟୁଜିଲାଣ୍ଡ, ୬୮୦/୮) ରନ୍ କରିଥିଲା।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ହରାରେ, ୨୬।୭ (ଏଜେନ୍ସି): ରୋମାଞ୍ଚକର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩ ରନରେ ହରାଇ ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଚାମ୍ପିଅନ ହୋଇଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଶନିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ୱିକେଟରେ ୧୮୦ ରନ କରିଥିଲା। ଡେଭିଡ୍ କନୱେ ଓ ରାଚିନ ରବୀନ୍ଦ୍ର ୪୭ ରନ ଲେଖାଏ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଓପନର୍ ଲୁଆନ ଡ୍ରି-ପ୍ରିଟୋରିୟସ (୫୧ ରନ), ରିଜା ହେଣ୍ଡ୍ରିକ୍ସ (୩୭) ଓ ଡେୱାଲ୍ଡ ବ୍ରେଭିସ (୩୧)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ୬ ୱିକେଟ୍‌ରେ ୧୭୭ ରନ କରିପାରିଥିଲା। ଶେଷ ଓଭରରେ ଜିତିବାକୁ ୭ ରନ ଆବଶ୍ୟକ ହେଉଥିବାବେଳେ ନ୍ୟୁଜିଲାଣ୍ଡ ବୋଲର ମ୍ୟାଟ୍ ହେନରୀ ୩ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଥିଲେ।

## ଡେଭିଡ୍‌ଙ୍କ ଶତକ: ଅଷ୍ଟ୍ରେଲିଆର ସିରିଜ୍ କବ୍‌ଜା

ସେଣ୍ଟ କିଟ୍ସ, ୨୬।୭ (ଏଜେନ୍ସି): ଟିମ୍ ଡେଭିଡ୍‌ଙ୍କ ୩୭ ବଲ୍‌ରେ ଅପରାଜିତ ୧୦୨ ଓ ଅବିଭକ୍ତ ୫ମ ୱିକେଟ ଯୋଡିରେ ମିଚେଲ ଓଏନ୍(୩୬)ଙ୍କ ସହ ୧୨୮ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଅନୁଷ୍ଠିତ ତୃତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୬ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ସିରିଜ୍ କବ୍‌ଜା କରିଛି। ଇଣ୍ଡିଜ୍‌ର ସାଇ ହୋପ୍ ଅପରାଜିତ ୧୦୨ ରନ୍ କରିଥିଲେ।

## ଦ୍ୱିତୀୟଥର ଲାଗି ସ୍ଥଗିତ ରହିଲା କବାଡ଼ି ବିଶ୍ୱକପ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅଗଷ୍ଟ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ର ଗାଛିବୋଲି ଇଣ୍ଡୋର ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବାକୁ ଥିଲା। କିନ୍ତୁ ପ୍ରଶାସନିକ ସମସ୍ୟା ଯୋଗୁ ଅନିର୍ଦ୍ଦିଷ୍ଟକାଳ ଲାଗି ଏହାକୁ ସ୍ଥଗିତ ରଖାଯାଇଥିବା ଭାରତୀୟ ଆମେଚର କବାଡ଼ି ମହାସଂଘ (ଏକେଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ଫଳରେ ମହିଳା କବାଡ଼ି ବିଶ୍ୱକପ୍ ୨ୟଥର ଲାଗି ସ୍ଥଗିତ ହୋଇଛି। ଏଥିପୂର୍ବରୁ ମହିଳା କବାଡ଼ି ବିଶ୍ୱକପ୍ ଜୁନରେ ବିହାରରେ ଆୟୋଜିତ ହେବାର ଥିଲା। କିନ୍ତୁ ବିହାର ସରକାର ପରେ ଆୟୋଜନ ନେଇ ଅସମର୍ଥ ପ୍ରକାଶ କରିଥିଲେ।

## ୟୁଏଇରେ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮

# ୧୪ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ,୨୬।୭ (ଏଜେନ୍ସି): ୟୁଏଇ ବା ୟୁନାଇଟେଡ ଆରବ ଏମିରେଟ୍ସରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୯ରୁ ୨୮ ତାରିଖ ଯାଏ ଏସିଆ କପ୍ ପୁରୁଷ କ୍ରିକେଟ ଖେଳାଯିବ। ଏ ସମ୍ପର୍କରେ ଏସିଆନ୍ କ୍ରିକେଟ କାଉନ୍ସିଲ (ଏସିସି) ଶନିବାର ବିଧିବଦ୍ଧ ଘୋଷଣା କରିଛି। ଟି-୨୦ ଫର୍ମାଟରେ ୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଏସିସିର ସଭାପତି ପାକିସ୍ତାନର ମୋହସିନ ନକ୍‌ଭି ଆଜି ଏକ୍ସ'ରେ ସୂଚନା ଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଥର ଏସିଆ କପ୍‌କୁ ସମାନ ଫର୍ମାଟରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ଖେଳସୂଚୀ ଘୋଷଣା ହୋଇ ନ ଥିଲେ ମଧ୍ୟ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଭାବେ ଭାରତ ରହିଛି। କିନ୍ତୁ ଏସିସିର ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନ ଯଦି ଆୟୋଜକ ହୁଅନ୍ତି, ତେବେ ଆସନ୍ତା ୩ ବର୍ଷ ଯାଏ ଏହି ଟୁର୍ଣ୍ଣାମେଣ୍ଟ ନିରପେକ୍ଷ କେନ୍ଦ୍ରରେ ଖେଳାଯିବ। ଏଥିଲାଗି ଏଥର ଟୁର୍ଣ୍ଣାମେଣ୍ଟ ୟୁଏଇରେ ଖେଳାଯିବ ବୋଲି ସ୍ଥିର ହୋଇଛି।

### ଭାରତର ଖେଳସୂଚୀ

- ସେପ୍ଟେମ୍ବର ୯: ଭାରତ-ୟୁଏଇ
- ସେପ୍ଟେମ୍ବର ୧୪: ଭାରତ-ପାକିସ୍ତାନ
- ସେପ୍ଟେମ୍ବର ୧୯: ଭାରତ-ଓମାନ

## ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୭ (ସମିସ): ଆଇଆରସି ଭିଲେଜ୍‌ସ୍ଥିତ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଜାକିର ଅଲି, ଶ୍ୟାମ ଅଗରୱାଲ, ଅଲ୍‌ତାଫ୍ ଅଲି, ସନ୍ଦୀପ ଅଗରୱାଲ, ଗୋବିନ୍ଦ ରାଓ, ଅଭିଲାଷ ମହାରଣା, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଚେତନ ଆନନ୍ଦ, ଆଦିତ୍ୟ ହାଲଦାର, ମିଶାଲ ସ୍ୱାଇଁ, ସାଗର ସ୍ୱାଇଁ, ଜ୍ଞାନ ଦାଶ, ଦେବୀ ପ୍ରସାଦ ସାହୁ ଓ ବରୁଣ ନାୟକ ବିଜୟୀ ହୋଇଛନ୍ତି। ମିଶାଲ, ଜ୍ଞାନ, ଜାକିର ଓ ଗୋବିନ୍ଦ ରାଓ ଏଥିସହ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରବିବାର ମୁକାବିଲା ପରେ ଅନ୍ୟ କେଉଁ ପ୍ରତିଯୋଗୀ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବେ ତାହା ସ୍ପଷ୍ଟ ହେବ। ପୂର୍ବରୁ ମିଶାଲ ସ୍ୱାଇଁ, ଶ୍ୟାମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ନିଶାନ୍ତ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

## ଟ୍ୟାଲେଣ୍ଟ ଟେନିସ ସିରିଜ: ସୁତଭ୍ୟାଙ୍କୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଓ ରାଜ୍ୟ କ୍ରୀଡ଼ା ବିଭାଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ସୁତଭ୍ୟା କର୍ମାକର ଡବଲ୍ ଟାଇଟଲ୍ ଜିତିଛନ୍ତି। ସେ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ସ୍ୱପ୍ନିଏ ଘୋଷ ଟାଇଟଲ୍ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ଆଇପିଏସ୍ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ୧୫ ଓ ୧୨ ଆଇଟା ପଏଣ୍ଟ ପାଇଛନ୍ତି। ଗତ ୨୧ ତାରିଖରୁ ଚାଲିଥିବା ଏହି ଟେନିସ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଆସାମର ୫୨ ଖେଳାଳି ଅଂଶଗ୍ରହଣ କରିଥିଲେ।

### ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ

## ତନ୍ୱି, ଭେନାଲାଙ୍କୁ କାଂସ୍ୟ ପଦକ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଇଣ୍ଡୋନେସିଆରେ ଶନିବାର ଶେଷ ହୋଇଛି ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ। ଏହି ପ୍ରତିଯୋଗିତାରେ ଭାରତର ମହିଳା ଦଳ ପ୍ରଥମଥର ଲାଗି ୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଭାରତ ପକ୍ଷରୁ ତନ୍ୱି ଶର୍ମା ଓ ଭେନାଲା କାଲାଗୋଟାଲା ମହିଳା ଏକକ ସେମିଫାଇନାଲରେ ପରାଜିତ ହେବା ଫଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଚୀନର ପ୍ରତିଯୋଗୀ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ତନ୍ୱି ଶର୍ମା ଏକାଧିକ ତ୍ରୁଟି କରିବା ଫଳରେ ଏହି ମ୍ୟାଚ୍ ହାରିଯାଇଥିଲେ।

# ସାହାଣୀ କପ୍ ଫାଇନାଲରେ କଟକ

ଭୁବନେଶ୍ୱର, ୨୬।୭ (ସମିସ): ପ୍ରଥମ ଦଳ ଭାବେ କଟକ ଚଳିତ ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାପଡ଼ାର ରାଜକନିକା ଜୋନରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଦୀନବନ୍ଧୁ ଦାସଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ କଟକ ୫-୦ରେ ବିଜୟୀ ହୋଇ ଫାଇନାଲ ଟିକେଟ୍ ହାସଲ କରିଥିଲା। ଦୀନବନ୍ଧୁ ମ୍ୟାଚର ପ୍ରଥମାର୍ଦ୍ଧ (୩୬ତମ, ୪୩ତମ ଓ ୪୫ତମ ମିନିଟ୍)ରେ ୩ଟି ଯାକ ଗୋଲ୍ ଦେଇଥିଲେ। ସେହିଭଳି ବାପୁନି ବିନ୍ଧାଣୀ ଅନ୍ୟ ୨ଟି ଗୋଲ୍ ଦେଇଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ବ୍ରହ୍ମପୁରର ମହାତ୍ମା ଗାନ୍ଧି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ କୋରାପୁଟ ଓ ସମ୍ବଲପୁର ସାମ୍ନାସାମ୍ନି ହେବେ।








PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS